RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

### 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ଆମେରିକାରେ ଶାସନବିରୋଧୀ ବିକ୍ଷୋଭ

# ଟ୍ରମ୍ପ ରାଜା ନୁହେଁ

### ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ ୱାଶିଂଟନ, ୧୯ ।୧୦ (ଏଜେନ୍ସି): ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ । ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଏହାକୁ ସବୁଠାରୁ ବଡ଼ ବିକ୍ଷୋଭ ବୋଲି କରାଯାଇଛି । ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି । ଏହି ରାଲିଗୁଡ଼ିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି । କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ନାମ ଦିଆଯାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି । ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି । ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି । ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି । ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା । ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା । ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକୋଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି । ସେ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁ ।।ହେଁ । ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି । ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି । ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ୍ୟ ଏହି ବିକ୍ଷୋଭ ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିଛନ୍ତି ।

# ଉତ୍ସାହ କମ୍; ଚିନ୍ତା ଅଧିକ

### ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ ମୁମ୍ବଇ, ୧୯।୧୦ (ଏଜେନ୍ସି): ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି । ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଦରଦାମ ସହିତ ସୁନା



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା । ଏହା ସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି । ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି । ଦେୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇ ଥିଲେ । ଏହି ଅବସରରେ ଗଢା ମଜୁରୀ ଉପରେ ମିଳୁଥିବା ରିଆତିର ଲାଭ ଉଠାଇବା ପାଇଁ ଲୋକେ କାରବାର କରିଛନ୍ତି । ଚଳିତ କ୍ରୟରେ ସୁନା ଏବଂ ରୁପାର ବଡ଼ ଭୂମିକା ରହିଛି । ଉଚ୍ଚା ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି । କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି । ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍ । ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା । ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ▶ପୃଷ୍ଠା-୭

### ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

# ଭିଜିବ ଦୀପାବଳି !

■ ଭୁବନେଶ୍ୱର, ୧୯।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ

**ଏକାଧିକ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ୟେଲୋ ସତର୍କ ସୂଚନା**

**୨୦ ଓ ୨୧ ତାରିଖ ପାଗ ଶୃଙ୍ଖଳା ନେଇ ଡ. ପଶୁପାଳକଙ୍କ ଆକଳନ**

ହୋଇଥିଲା । ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହ ମଧ୍ୟରେ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

କେନ୍ଦ୍ର ପ୍ରଦତ୍ତ ଆକଳନ ଅନୁଯାୟୀ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମାଲକାନଗିରି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ହୋଇପାରେ । ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟୋଲେ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ସମ୍ଭାବନା ଆକଳନ କରିଛି ପାଣିପାଗ କେନ୍ଦ୍ର । ଅପରପକ୍ଷେ ଦୀପାବଳିରେ ବର୍ଷାକୁ ନେଇ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ▶ପୃଷ୍ଠା-୭

# ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲା ବିଶାଖା ଏକ୍ସପ୍ରେସ୍

### ହଜାର ହଜାର ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଲୋକୋ-ପାଇଲଟ୍




■ ଭୁବନେଶ୍ୱର, ୧୯ ।୧୦ (ସମିସ): ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାଉଥିବା ବିଶାଖା ଏକ୍ସପ୍ରେସ୍ (ଟ୍ରେନ୍ ନଂ-୧୮୪୬୩) ଶନିବାର ଦିନ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ବେଙ୍ଗାଲୁରୁର ଗୌରୀବିଦାନପୁର ଓ ୟଲହଙ୍କା ଷ୍ଟେସନ୍ ମଝିରେ ରେଳ ଧାରଣାଟି ଦୁଇଖଣ୍ଡ ହୋଇଯାଇଥିବା ବେଳେ ତାହା ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ପଡ଼ିଯାଇଥିଲା ଏବଂ ସେ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦେଇଥିଲେ । ସେତେବେଳକୁ ଟ୍ରେନ୍‌ର ଦୁଇଟି ବଗି ଭଙ୍ଗା ରେଳ ଧାରଣା ଅତିକ୍ରମ କରିଯାଇଥିଲା । କିନ୍ତୁ ସୌଭାଗ୍ୟକୁ ଟ୍ରେନ୍‌ର ଗତି ମନ୍ଥର ହୋଇଯାଇଥିବାରୁ ସେପରି କୌଣସି ଅଘଟଣ ଘଟିନଥିଲା ।

### ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା

■ ବ୍ରହ୍ମପୁର, ୧୯ ।୧୦ (ସମିସ): ପୁଲିସ ସବ୍‌ଇନ୍ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ୧୨୩ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି । ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି । ଏଥିରେ ୨ ଦଲାଲ ମଧ୍ୟ ରହିଛନ୍ତି । ଅବଶିଷ୍ଟ ୨୯ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ । ରବିବାର ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ▶ପୃଷ୍ଠା-୭




## ନୂଆପଡ଼ା ଉପନିର୍ବାଚନ

# ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ ନୂଆପଡା, ୧୯ ।୧୦ (ସମିସ): ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ । ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି । ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି । ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି । ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ । ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▶ପୃଷ୍ଠା-୭

## ପ୍ୟାରିସ୍ ସଂଗ୍ରହାଳୟରୁ ଲୁଟିନେଲେ ମୂଲ୍ୟବାନ ଗହଣା

**ପ୍ୟାରିସ, ୧୯।୧୦ (ଏଜେନ୍ସି):** ଫ୍ରାନ୍ସ ରାଜଧାନୀ ପ୍ୟାରିସସ୍ଥିତ ବିଶ୍ୱ ପ୍ରସିଦ୍ଧ ଲୋଉଭ୍ରେ ସଂଗ୍ରହାଳୟକୁ ରବିବାର ସକାଳୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁସାରେ, ସଂଗ୍ରହାଳୟରୁ କେତେକ ମୂଲ୍ୟବାନ ଗହଣା ତଥା ଆଭୁଷଣ ଚୋରି ହୋଇଯିବା ପରେ ଏହାକୁ ବନ୍ଦ



କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ସକାଳେ ସଂଗ୍ରହାଳୟ ଖୋଲା ହେବା ସମୟରେ ଚୋରି ହୋଇଥିଲା ବୋଲି ଫ୍ରାନ୍ସ ସଂସ୍କୃତି ମନ୍ତ୍ରୀ ରଚିଦା ଡାତି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। କିନ୍ତୁ ଚୋରି ସମ୍ପର୍କରେ କୌଣସି ଅଧିକ ସୂଚନା ସରକାରଙ୍କ ତରଫରୁ ଦିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଛନ୍ତି। ଏହି ସଂଗ୍ରହାଳୟରେ ବିଶ୍ୱ ପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ସହିତ ବିଶ୍ୱର କେତୋଟି ସବୁଠାରୁ ପ୍ରତିଷ୍ଠିତ ଐତିହାସିକ କାଳାକୃତି ରହିଛି। ଚୋରମାନେ ବିଶ୍ୱପ୍ରସିଦ୍ଧ କେତୋଟି ଗହଣା ଚୋରିକରି ନେଇଛନ୍ତି ବୋଲି କୁହାଯାଉଛି। ଚୋରମାନେ ନୋପୋଲିୟନ କଲେକ୍ସନ୍‌ରୁ ମୂଲବାନ ଗହଣା ଚୋରି କରି ନେଇଯାଇଛନ୍ତି ବୋଲି ଫ୍ରାନ୍ସର ଜଣାଶୁଣା ଖବର କାଗଜ 'ଲେ ପାରିସିଏନ୍' ଉଲ୍ଲେଖ କରିଛି। ଏହାକୁ ଫ୍ରାନ୍ସର ସାଂସ୍କୃତିକ ଇତିହାସ ଉପରେ ଏକ ବଡ଼ ଝଟ୍‌କା ବା ଆକ୍ରମଣ ବୋଲି କୁହାଯାଉଛି। ଏକରୁ ଊର୍ଦ୍ଧ୍ୱ ଚୋର ସଂଗ୍ରହାଳୟରେ ପଶିଥିଲେ ବୋଲି ପୁଲିସ କହିଛି। ଏହି ଚୋରମାନେ ସିନ ନଦୀର ସାମ୍ନାପଟୁ ସଂଗ୍ରହାଳୟରେ ପ୍ରବେଶ କରିଥିଲେ ଓ ସେଠାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏହାପରେ ଚୋରମାନେ ଜିନିଷ ନିଆଯାଉଥିବା ଲିଫ୍ଟରେ ଆପୋଲୋ ଗ୍ୟାଲେରୀର ଏକ କଠୋରୀକୁ ଯାଇଥିଲେ ଓ ସେଠାରେ ଝରକା ଭାଙ୍ଗିଥିଲେ। ଏହାପରେ ସେମାନେ ସମ୍ରାଟ ନେପୋଲିୟନ ବେନାପାର୍ଟଙ୍କ ସମୟର ଓ ମହାରାଣୀଙ୍କର ୯ଟି ଆଭୁଷଣ ଚୋରି କରି ନେଇଯାଇଥିଲେ। ଉଲ୍ଲେଖଥାଉ କି, ଏହି ସଂଗ୍ରହାଳୟକୁ ବିଶ୍ୱର ସର୍ବାଧିକ ଲୋକ ଦେଖିବାକୁ ଆସିଥାନ୍ତି। ଏଠାରେ ବିଶ୍ୱ ପ୍ରସିଦ୍ଧ କଳାକୃତ ଓ ମୂଲ୍ୟବାନ ଜିନିଷ ରଖାଯାଇଛି।

## ଡ୍ରଗ୍ସ ବୁଡ଼ାଜାହାଜକୁ ଧ୍ୱଂସ କଲା ଆମେରିକା

**ୱାସିଂଟନ, ୧୯।୧୦ (ଏଜେନ୍ସି):** କ୍ୟାରିବିୟାନ ସାଗରରେ ଡ୍ରଗ୍ସ ଅର୍ଥାତ ନିଶା ଔଷଧ ନେଇ ଯାଉଥିବା ଏକ ଜାହଜ ଉପରେ ଆମେରିକା ଆକ୍ରମଣ କରିଛି। ଏଥିରେ ଦୁଇଜଣ ଡ୍ରଗ୍ସ ଚାଲାଣକରୀ ମୃତ୍ୟୁବରଣ କରିଛନ୍ତି। ବଞ୍ଚିଥିବା ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଦେଶ ଇକ୍ୱେଡର ଓ କଲମ୍ବିଆକୁ ପଠାଇ ଦିଆଯାଇଛି। ଏ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଡ୍ରଗ୍ସ ନେଇ ଯାଉଥିବା ଏକ ବଡ଼ ଜାହାଜକୁ ନଷ୍ଟ କରିଦିଆଯାଇଥିବାରୁ

### ୨୫୦୦୦ ଆମେରିକୀୟ ବଞ୍ଚିଗଲେ: ଟ୍ରମ୍ପ

ଖୁସି ଓ ଗର୍ବ ଅନୁଭବ କରୁଛି ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ଏହି ଜାହଜ ଆମେରିକାକୁ ଯାଉଥିଲା। ଏଥିରେ ଫେଣ୍ଟେନାଇଲ୍ ଓ ଅନ୍ୟ ନିଶାଦ୍ରବ ଥିଲା। ଏହାଦ୍ୱାରା ୨୫୦୦୦ ଆମେରିକୀୟ ନାଗରିକ ବଞ୍ଚି ଯାଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଲାଟିନ ଆମେରିକାରୁ ଆମେରିକାକୁ ଚାଲାଣ ହେଉଥିବା ଡ୍ରଗ୍ସ ଚାଲଣକୁ ରୋକିବା ପାଇଁ ଟ୍ରମ୍ପ ପ୍ରଶାସନ କ୍ରମାଗତ ଭାବେ ଅଭିଯାନ ଜାରି ରଖିଛି। ତେଣୁ ଏଭଳି ଆକ୍ରମଣ ଏହି ଅଭିଯାନର ଅଂଶ ବିଶେଷ ବୋଲି କୁହାଯାଇଛି। ଗତ ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ଆମେରିକା ଆକ୍ରମଣରେ ୬ଟି ବୋଟ୍ ନଷ୍ଟ ହୋଇଛି। ଏଗୁଡିକ ମଧ୍ୟରେ ଅଧିକାଂଶ ସ୍ପିଡ୍ ବୋଟ୍ ସାମିଲ ରହିଥିଲା। ଡ୍ରଗ୍ସର ଚୋରା ଚାଲାଣକୁ ରୋକିବା ପାଇଁ ନିର୍ଣ୍ଣାୟକ ଆକ୍ରମଣ କରାଯାଉଛି ବୋଲି



## ଗାଜାରେ ଇସ୍ରାଏଲ୍‌ର ପୁଣି ଏୟାର ଷ୍ଟ୍ରାଇକ୍; ୩୫ ମୃତ

**ଗାଜା,୧୯ ।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହାମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ନେଇ ପୁଣିଥରେ ସଂଶୟ ସୃଷ୍ଟି ହୋଇଛି। ରାଫାରେ ଇସ୍ରାଏଲ ସୈନିକଙ୍କ ଉପରେ ହମାସ ଆକ୍ରମଣ କରିଛି। ଫଳରେ ଇସ୍ରାଏଲ ମଧ୍ୟ ଏହାର ଜବାବ ଦେଇଛି। ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଏୟାର ଷ୍ଟ୍ରାଇକ୍ କରିଛି। ଏ ସଂକ୍ରାନ୍ତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍ ଓ ଆଇଡିଏଫ୍ ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇୟାଲ ଜମୀରଙ୍କ ସହ ଖୁବଶୀଘ୍ର ଏକ ଜରୁରୀକାଳୀନ ବୈଠକରେ ମିଳିତ ହେବେ। ରବିବାର ରାଫାରେ ମିଲିଟାରୀ ଇଞ୍ଜିନିୟରିଂ ଗାଡ଼ିଗୁଡିକ ଉପରେ ହମାସ ଆଣ୍ଟି ଟ୍ୟାଙ୍କ ମିସାଇଲ ଦ୍ୱାରା ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ କହିଛି। ଫଳରେ ଇସ୍ରାଏଲ ହମାସ ଅଞ୍ଚଳରେ ଆକାଶରୁ ଆକ୍ରମଣ କରିଥିଲା। ଏଥିରେ ବହୁ ଇସ୍ରାଏଲ ସୈନିକ ଆହତ ହୋଇଛନ୍ତି। ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ କହିଛି। ଅନ୍ୟପଟେ ଇସ୍ରାଏଲ ଆକ୍ରମଣରେ ୩୫ ଜଣ ପାଲେଷ୍ଟାଇନ ନାଗରିକ ନିହତ ହୋଇଛନ୍ତି ବୋଲି କୁହାଯାଇଛି।

## ଦିଲ୍ଲୀରେ ପରକୀୟା ପ୍ରୀତି, ଗର୍ଭଧାରଣ ଓ ଡବଲ ମର୍ଡର

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** କେନ୍ଦ୍ରୀୟ ଦିଲ୍ଲୀରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏକ ପରକୀୟା ପ୍ରୀତିକୁ ନେଇ ଦୁଇଜଣ ଲୋକ ହତ୍ୟାର ଶିକାର ହୋଇଛନ୍ତି। ଜଣେ ଗର୍ଭବତୀ ମହିଳାଙ୍କୁ ତାଙ୍କ ପ୍ରେମିକ ଛୁରି ଭୁଶି ହତ୍ୟା କରିଥିଲେ। ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସମ୍ପୃକ୍ତ ହତ୍ୟାକାରୀ ପ୍ରେମିକଙ୍କୁ ହତ୍ୟା କରିଛନ୍ତି। ଶାଳିନୀ ନାମକ ଜଣେ ୨୨ ବର୍ଷୀୟା ମହିଳା ସ୍ୱାମୀ ଆକାଶଙ୍କ ସହ ରୁହନ୍ତି। ଆକାଶ ଇ- ରିକ୍ସା ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ଶାଳିନୀଙ୍କ ଦୁଇଟି ଝିଅ ଅଛନ୍ତି। ୩୪ ବର୍ଷୀୟ ସ୍ଥାନୀୟ ଅପରାଧୀ ଆଶୁ ଉରଫ୍ ଶୈଳେନ୍ଦ୍ରଙ୍କ ସହ ଶାଳିନୀଙ୍କ ଅବୈଧ ସମ୍ପର୍କ ରହିଥିଲା। ଶାଳିନୀ ତାଙ୍କ ପିଲାର ମା ହେବାକୁ ଯାଉଛନ୍ତି ବୋଲି ଆଶୁ ଦାବି କରୁଥିଲେ। କିନ୍ତୁ ସେ ସ୍ୱାମୀଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଆଶୁ ଉତ୍ତେଜିତ ହୋଇ ଶାଳିନୀଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଶାଳିନୀଙ୍କ ସହ ଆକାଶ କୁତୁବ ରୋଡ୍‌ରେ ତାଙ୍କ ଶାଶୁଙ୍କୁ ଦେଖିବାକୁ ଯାଇଥିଲେ। ବାଟରେ ଆଶୁ ଅଚାନକ ଆସି ଆକାଶଙ୍କୁ ଛୁରିରେ ଆକ୍ରମଣ କରିଥିଲେ। କିନ୍ତୁ ଆକାଶ ବର୍ତ୍ତିଯାଇଥିଲେ। ଏହାପରେ ଆଶୁ ଶାଳିନୀଙ୍କୁ ଇ-ରକ୍ସାରେ ବସିଥିବାର ଦେଖି ତାଙ୍କ ଉପରେ ବାରମ୍ବାର ଛୁରୀରେ ଆକ୍ରମଣ କରିଚାଲିଥିଲା। ଏତିକିବେଳେ ଆକାଶ ତାଙ୍କ ପତ୍ନୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଆଶୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। କିନ୍ତୁ କୌଶଳକ୍ରମେ ଆକାଶ ଛୁରି ଛଡାଇ ଆଶୁଙ୍କୁ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଏହାପରେ ୩ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା। ଶାଳିନୀ ଓ ଆଶୁଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। କିନ୍ତୁ ଆକାଶ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି ବୋଲି ପୁଲିସ କହିଛି। ପୁଲିସ ଏ ନେଇ ମାମଲା ରୁଜୁ କରିଛି।

## ରାଘବ-ପରିଣିତିଙ୍କ ପୁତ୍ର ସନ୍ତାନ ଲାଭ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ପରିଣିତି ଚୋପ୍ରା ଓ ତାଙ୍କ ସ୍ୱାମୀ ଆମ ଆଦମି ପାର୍ଟି (ଆପ୍) ନେତା ରାଘବ ଚଢ଼ା ପ୍ରଥମ ସନ୍ତାନର ବାପା-ମା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରବିବାର ପରିଣିତି ଏକ ଶିଶୁ ପୁତ୍ରର ମା ହୋଇଛନ୍ତି। ଫଳରେ ଦୀପାବଳି ପୂର୍ବରୁ ଦୁଇଜଣଙ୍କ ଖୁସି ଦ୍ୱିଗୁଣିତ ହୋଇଛି। ଏ ନେଇ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ଦୁହେଁ ପୋଷ୍ଟ କରି ସୂଚନା ଦେଇଛନ୍ତି। ରବିବାର ପରିଣିତି ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚଳିତବର୍ଷ ଅଗଷ୍ଟରେ ଦୁହେଁ ଗର୍ଭଧାରଣ ନେଇ ସୂଚନା ଦେଇଥିଲେ। ଦୁହେଁ ୨୦୨୩ ସେପ୍ଟେମ୍ବରରେ ରାଜସ୍ଥାନର ଉଦୟପୁରର ଲୀଲା ପ୍ୟାଲେସ୍‌ରେ ବିବାହ କରିଥିଲେ। ଦୁହେଁ ଦୀର୍ଘଧରି ପରସ୍ପରକୁ ଡେଟ୍ କରିବା ପରେ ଶେଷରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଖାରଜ କଲେ କୋର୍ଟ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ୫୦୦ ପୃଷ୍ଠାର ଜାମିନ ଆବେଦନକୁ ଏକ ସ୍ଥାନୀୟ କୋର୍ଟ ଖାରଜ କରିଛନ୍ତି। ନୂଆଦିଲ୍ଲୀର କରକରଡୁମା କୋର୍ଟ ଶୁକ୍ରବାର ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଓକିଲ ୫୦୦ ପୃଷ୍ଠାର ଆବେଦନ ଦାଖଲ କରିଥିଲେ। ଏହି ଆବେଦନ ବହୁତ ବଡ଼ ଓ ଏହାକୁ ପଢ଼ିବା ସମୟ ସାପେକ୍ଷ ବୋଲି କୋର୍ଟ କହିଥିଲେ। ଏହି ଦସ୍ତାବିଜ୍‌କୁ ପଢ଼ିବା ଓ ଏହାର ତର୍ଜମା କରିବା ସମ୍ଭବ ନୁହେଁ ବୋଲି ଆଡିସନାଲ ସେସନ ଜଜ୍ ରମେଶ କୁମାର କହିଥିଲେ। କୋର୍ଟଙ୍କ ଉପରେ ପୂର୍ବରୁ ବହୁତ ବୋଝ ରହିଛି। ତେଣୁ ଜାମିନ ଆବେଦନର ଦସ୍ତାବିଜକୁ ଆହୁରି ଛୋଟ କରିବାକୁ ଓ ପୁଣିଥରେ ନୂଆ କରି ଆବେଦନ କରିବାକୁ ଜଜ୍ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କଲ୍ୟାଣପୁର ଥାନାରେ ମାମଲା ରୁଜୁ ହୋଇଥିଲା।

# ଦୀପାବଳି, ଛଟ୍ ପାଇଁ ଅସମ୍ଭାଳ ଟ୍ରାଫିକ୍

## ରେଳ ଷ୍ଟେସନ୍‌ରେ ବିହାର-ୟୁପି ଯାତ୍ରୀଙ୍କ ପ୍ରବଳ ଭିଡ଼



- ସୁରତରେ ୧୫ହଜାର ଯାତ୍ରୀ ସଡ଼କରେ ରାତି କାଟିଲେ
- କର୍ମଭୂମି ଏକ୍ସପ୍ରେସ୍‌ରୁ ଖସି ଦୁଇ ଯାତ୍ରୀ ମୃତ
- ଦିଲ୍ଲୀ ପ୍ଲାଟଫର୍ମରେ ଖଚାଖଚ୍ ଭିଡ଼

**ସୁରତ,୧୯।୧୦(ଏଜେନ୍ସି):**

ଦୀପାବଳି, ଛଟ୍ ପୂଜା ଓ ବିହାର ବିଧାନସଭା ନିର୍ବାଚନ ପାଇଁ ଦେଶରେ ବହୁ ରେଳ ଷ୍ଟେସନରେ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ବିହାର, ଉତ୍ତରପ୍ରଦେଶ ଖାସ୍ କରି ଉତ୍ତର ଭାରତ ଯିବାକୁ ଥିବା ଯାତ୍ରୀଙ୍କ ଭିଡ଼ ଦେଖିବାକୁ ମିଳିଛି। ଦିଲ୍ଲୀ, ସୁରତ ଓ ସୁରତର ଉଧନା ଷ୍ଟେସନରେ ପ୍ରବଳ ଭିଡ଼ ଯୋଗୁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି। ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଟ୍ରେନ୍‌ଗୁଡିକର ବଗି ଫୁଲ୍ ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଟିକେଟ ଥାଇ ମଧ୍ୟ ବହୁ ଯାତ୍ରୀ ସୁରତରେ ଟ୍ରେନ୍ ଚଢ଼ିପାରିନାହାନ୍ତି। ଫଳରେ ଷ୍ଟେସନଠାରୁ ଆରମ୍ଭ କରି ଯାତ୍ରୀମାନଙ୍କ ଲାଇନ୍ ବିଭିନ୍ନ ରେସିଡେନ୍ସିଆଲ ଏରିଆ ପର୍ଯ୍ୟନ୍ତ ଲମ୍ବିଥିବାର ଲକ୍ଷ୍ୟ କରାଯାଇଛି। ୧୨ ଓ ୧୮ ଘଣ୍ଟାଧରି ଲୋକ ଭୋକ ଉପାସରେ ଲାଇନ୍‌ରେ ଠିଆ ହୋଇଛନ୍ତି। କେବଳ ଘରକୁ ଯିବା ଲକ୍ଷ୍ୟରେ ଯାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁରତର ଉଧଡ଼ା ଷ୍ଟେସନରେ ଦୁଇକିମି ଧରି ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଉତ୍ତର ଭାରତକୁ ଯାଉଥିବା ସବୁ ଟ୍ରେନ୍ ଫୁଲ୍ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମ ରେଳବାଇ ୨୧ଟି ସ୍ପେଶାଲ ଟ୍ରେନ୍ ଚାଲୁ କରିଛି।

ନିଜ ଜନ୍ମସ୍ଥାନରେ ଦୀପାବଳୀ ଓ ଛଟ୍ ପୂଜା ପାଳନ କରିବାକୁ ଲୋକେ ଘରକୁ ଫେରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ମୁମ୍ବାଇରୁ ବିହାରର ଇଷ୍ଟ ଚମ୍ପାରନ ଜିଲ୍ଲାର ରାକ୍ସାଉଲ ଯାଉଥିବା କର୍ମଭୂମି ଏକ୍ସପ୍ରେସ୍ ଟ୍ରେନ୍‌ରୁ ୩ଜଣ ଯୁବକ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଦୁଇଜଣ ଯୁବକ ମୃତ୍ୟୁବରଣ କରିଥିଲେ ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ମୃତକଙ୍କ ପରିଚୟ ପାଇବାକୁ ପ୍ରୟାସ କରୁଛି। ଏହି ଦୁର୍ଘଟଣା ନାସିକ ଷ୍ଟେସନ ନିକଟରେ ଘଟିଥିଲା।

## ଅସ୍ତ୍ରବିରତି ପାଇଁ ପାକ୍-ଆଫଗାନ୍ ତତ୍କାଳ ରାଜି

**ଦୋହା, ୧୯।୧୦ (ଏଜେନ୍ସି):** ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ୯ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଯବନିକା ପଡିଛି। ଦୁଇ ଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏ ନେଇ କାତାର ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି। କାତାର ଓ ତୁର୍କୀ ମଧ୍ୟସ୍ଥତାରେ ରାଜଧାନୀ ଦୋହାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଦୁଇଦେଶ ତତ୍କାଳ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରିଛନ୍ତି। ଏଥିସହ ସୀମାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ଏଥିସହ ଆଗାମୀ କିଛିଦିନରେ ଦୁଇ ଦେଶ ଫଲୋଅପ୍ ମିଟିଂ ଅର୍ଥାତ

**କାତାର ବିଦେଶ ମନ୍ତ୍ରଣାଳୟର ଘୋଷଣା**

**ଦୋହାରେ ଦୁଇ ଦେଶ ମଧ୍ୟରେ ବୈଠକ**



କାର୍ଯ୍ୟବାହ ବୈଠକ ପାଇଁ ମଧ୍ୟ ରାଜି ହୋଇଛନ୍ତି ବୋଲି କୁହାଯାଇଛି। ଏହି ବୁଝାମଣାକୁ କାତାର ଏକ ବଡ଼ କୂଟନୈତିକ ସଫଳତା ବୋଲି କହିଛି। ଏହାଦ୍ୱାରା ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ଓ ଉତ୍ତେଜନା କମ୍ ହେବ ଓ ସ୍ଥାୟୀ ଶାନ୍ତିର ମୂଳଦୁଆ ପଡିବ ବୋଲି କାତାର ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ଶୁକ୍ରବାର ଆଫଗାନିସ୍ତାନ ଉପରେ ଏୟାର ଷ୍ଟ୍ରାଇକ କରିଥିଲା ଓ ଏଥିରେ ୩ ଜଣ କ୍ରିକେଟରଙ୍କ ସମେତ ୧୭ ଲୋକ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ଅକ୍ଟୋବର ୧୫ରେ ଦୁଇଦେଶ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତ ଘୋଷଣା ହୋଇଥିଲା ଓ ଏହା ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା।

## ବଙ୍ଗରେ ନକଲି ପାସପୋର୍ଟ ର୍ୟାକେଟର ପର୍ଦ୍ଦାଫାସ

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ପଶ୍ଚିମବଙ୍ଗରେ ଏକ ବଡ଼ ନକଲି ପାସ୍‌ପୋର୍ଟ ର୍ୟାକେଟର ପର୍ଦ୍ଦାଫାସ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ର୍ୟାକେଟର ପର୍ଦ୍ଦାଫାସ କରିଛି। ଅବୈଧଭାବେ ଭାରତରେ ଥିବା ୪୦୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଏମାନେ ନକଲି ଦସ୍ତାବେଜ ତିଆରି କରି ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଏହି ର୍ୟାକେଟରେ ପାକିସ୍ତାନ ନାଗରିକ ଆଜାଦ ମଲିକ ଓ ଇନ୍ଦୁ ଭୂଷଣ ସାମିଲ ରହିଛନ୍ତି। ଏମାନେ ହାୱାଲା ମାଧ୍ୟମରେ ନେଣଦେଣ କରିବା ସହ ପରିଚୟପତ୍ର ପ୍ରସ୍ତୁତ କରୁଥିଲେ। ଏ ବାବଦରେ ଇଡି ୨ କୋଟି ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ନେଇ ପର୍ଦ୍ଦାଫାସ କରିଛି। ଏହିକ୍ରମରେ ୪୦୦ ବାଂଲାଦେଶୀଙ୍କୁ ଭରାତୀୟ ନାଗରିକରେ ପରିଣତ କରାଯାଇଛି ଓ ଏମାନଙ୍କୁ ଚିହ୍ନଟ ମଧ୍ୟ କରାଯାଇଛି। କୋଲକାତା ପାସ୍‌ପୋର୍ଟ କାର୍ଯ୍ୟାଳୟରୁ ଇଡି ଏନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପାସ୍‌ପୋର୍ଟ ଦେବା ପୂର୍ବରୁ ଏହି ଅନୁପ୍ରବେଶକାରୀଙ୍କର ଆଧାର ଓ ପାନ କାର୍ଡ ପ୍ରସ୍ତୁତ କରାଯାଉଥିଲା। ଏହାପରେ ଏମାନଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଉଥିଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମାତ୍ର ୫ ଲକ୍ଷ ଟଙ୍କା ବିନିମୟରେ ନକଲି ପାସ୍‌ପୋର୍ଟ ପ୍ରସ୍ତୁତ କରାଯାଉଥିଲା ବୋଲି ଇଡି ତରଫରୁ କୁହାଯାଇଛି। ଏହିକ୍ରମରେ ଇଡି ନିକଟରେ ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ନକଲି ପାସ୍‌ପୋର୍ଟ ର୍ୟାକେଟ ଚଳାଉଥିବା ଜଣେ ସଂଦୀଗ୍ଧ ସଂଚାଳକକୁ ଗରିଫ କରିଥିଲା।

## ପଡ଼ିରହିଛି ୯ ଲକ୍ଷ ଏକ୍‌ଜିକ୍ୟୁଟିଭ୍ ପିଟିସନ୍; ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ, ୧୯ ।୧୦ (ଏଜେନ୍ସି):** ସାରା ଦେଶରେ ୮.୮୨ ଲକ୍ଷରୁ ଊର୍ଦ୍ଧ୍ୱ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ସୁପ୍ରିମକୋର୍ଟ ଏ ନେଇ ଅସନ୍ତୋଷ ଜାହିର କରିବା ସହ ଏହାକୁ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି କହିଛି। କୋର୍ଟଙ୍କ ଆଦେଶକୁ ଲାଗୁ କରିବା ପାଇଁ ଦାଖଲ କରାଯାଉଥିବା ପିଟିସନକୁ ଏକ୍‌ଜିକ୍ୟୁଟିଭ୍ ପିଟିସନ୍ କୁହାଯାଇଥାଏ। ଦେଶରେ ଏଭଳି ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ଜଷ୍ଟିସ୍ ଜେବି ପରଦିୱାଲା ଓ ଜଷ୍ଟିସ ପଙ୍କଜ ମିତ୍ତଲଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଯଦି କୌଣସି ସିଭିଲ ବିବାଦରେ କୋର୍ଟ ଆଦେଶ ଦେଇଥାନ୍ତି ଓ ହାରିଥିବା ବ୍ୟକ୍ତି ତାହାକୁ ମାନିବାକୁ ମନା କରିଥାନ୍ତି, ସେତେବେଳେ ନିର୍ଦ୍ଦେଶକୁ ଲାଗୁ କରିବା ପାଇଁ ବିଜେତା ପକ୍ଷ କୋର୍ଟରେ ଏଭଳି ଆବେଦନ ଦାଏର କରିଥାନ୍ତି। ମୋଟ ଉପରେ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରି କରିବାକୁ ଏହି ପ୍ରକ୍ରିୟାର ଅଲମ୍ବନ କରାଯାଇଥାଏ। ଯଦି କୋର୍ଟଙ୍କ ଆଦେଶକୁ ବର୍ଷ ବର୍ଷ ଧରି ଲାଗୁ କରା ନଯାଏ, ତେବେ ଏଭଳି ରାୟ ବା ନିର୍ଦ୍ଦେଶର କୌଣସି ଅର୍ଥନାହିଁ ଓ ଏହା ନ୍ୟାୟ ବ୍ୟବସ୍ଥା ପ୍ରତି ଉପହାସ ସୃଷ୍ଟି କରୁଛି ବୋଲି ଏହି ଖଣ୍ଡପୀଠ କହିଛନ୍ତି। ଏପର୍ଯ୍ୟନ୍ତ ଦେଶରେ ୮, ୮୨, ୫୭୮ଟି ଏକ୍‌ଜିକ୍ୟୁଟିଭ୍ ପିଟିସନ୍ ପଡିରହିଛି। ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ୩.୩୮ ଲକ୍ଷ ମାମଲାର ସମାଧାନ ହୋଇଛି। ସବୁ ଜିଲ୍ଲା କୋର୍ଟଙ୍କୁ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେବା ପାଇଁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ କହିଛନ୍ତି।

**ମିଳିଲାନି ଟିକଟ୍**

## କାନ୍ଦି କାନ୍ଦି ଗଡ଼ିଲେ ନେତା

**ନୂଆଦିଲ୍ଲୀ, ୧୯।୧୦ (ଏଜେନ୍ସି):** ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନକୁ ମାତ୍ର ୧୮ ଦିନ ବାକି ରହିଛି। ସୋମବାର ପୂର୍ବରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପାଇଁ କଣ୍ଟ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଆସନ ବୁଝାମଣା ହୋଇପାରୁ ନାହିଁ। ଏହାକୁ ନେଇ କଂଗ୍ରେସ ଏବଂ ଆରଜେଡି ଭିତରେ ଟଣା ଓଟରା ଜାରି ରହିଛି। ତେବେ ଦୁଇ ଦଳ ଅଲଗା ଅଲଗା ଭାବେ ପ୍ରାର୍ଥିଙ୍କୁ ଟିକଟ ଦେଇଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆରେଜଡି ରବିବାର ସକାଳେ ପ୍ରଥମ ତାଲିକା ଜାରି କରି ୪୮ ଜଣଙ୍କୁ ଟିକଟ ଦେଇଛି। ରାଧୋପୁରରୁ ବିଜେପି ପ୍ରାର୍ଥୀ ସତୀଶ ଯାଦବଙ୍କ ସହ ବିରୋଧୀ ଦଳ ନେତା ତେଜସ୍ୱୀ ମୁକାବିଲା କରିବେ। ୨୦୧୦ ନିର୍ବାଚନରେ ତେଜସ୍ୱୀଙ୍କ ମାଆ ରାବ୍‌ଡ଼ି ଦେବୀଙ୍କୁ ସତୀଶ ହରାଇ ଥିଲେ। ଏହି ତାଲିକାରେ ୨୨ ଯାଦବ, ୩ ମୁସଲିମ ଭୂମିହାର-ବ୍ରାହ୍ମଣ ସମାଜର ୩ ଜଣ ସାମିଲ ଅଛନ୍ତି। ତେବେ ଔରଙ୍ଗାବାଦର ତିନି ବିଧାୟକଙ୍କ ଟିକଟ କଟିଯାଇଥିବାରୁ ତାଙ୍କ ସମର୍ଥକ ହଙ୍ଗାମା କରିଛନ୍ତି। ଅନ୍ୟପଟେ ଟିକଟ ପାଇ ନ ଥିବା ଆରଜେଡି ନେତା ମଦନ ଶାହା ରବିବାର ସକାଳେ ରାବ୍‌ଡି ଦେବୀଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ ନିଜ କୁର୍ତ୍ତା ଚିରି ରାସ୍ତାରେ ଗଡ଼ି ଗଡ଼ି ଏବଂ କାନ୍ଦି କାନ୍ଦି ନିଜ ଦୁଃଖ କହିଛନ୍ତି। ମଧୁବନ ଟିକଟ ଦେବା ପାଇଁ ସଞ୍ଜୟ ଯାଦବ ତାଙ୍କୁ ୨.୭୦ କୋଟି ଟଙ୍କା ମାଗିଥିଲେ ବୋଲି ଅଭିଯୋଗ କରିଛନ୍ତି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-114 ◆MONDAY ◆20 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୧୪ ◆ସୋମବାର ◆୨୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଗର୍ଭଗୃହରେ ଖସୁଛି ଗୋଡ଼
## ଶୁଣୁନି ଶ୍ରୀମନ୍ଦିର ପ୍ରଶାସନ



■ ପୁରୀ, ୧୯।୧୦ (ସମିସ): ଶ୍ରୀମନ୍ଦିର ଗର୍ଭଗୃହରେ ଗୋଡ଼ ଖସୁଛି। ଫଳରେ ବିଭିନ୍ନ ସମୟରେ ସେବାୟତମାନେ ପଡ଼ି ଯାଉଛନ୍ତି। ଏନେଇ ମନ୍ଦିର ପ୍ରଶାସନକୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଶେଷରେ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବରିଷ୍ଠ ସେବାୟତ

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ସେବାୟତ ଈପ୍‌ସିତ ପ୍ରତିହାରୀ। ସେ ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ଭିତରକାଠରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଖସଡ଼ା ଦିନକୁ ଦିନ ବଢ଼ିଚାଲିଛି। ଫଳରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟିକୁ ଆଣିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତ ୧୩ତାରିଖରେ ମହାପ୍ରଭୁଙ୍କ ସେବା ଚାଲିଥିଲା। ପହୁଡ଼ ଆଳତି ବେଳେ ଏହି ଖସଡ଼ା ଯୋଗୁଁ ଜଣେ ସେବକଙ୍କ ଗୋଡ଼ ଖସିଯାଇଥିଲା। ସେ କଚାଡ଼ି ହୋଇ ତଳେ ପଡ଼ିଥିଲେ। ତାଙ୍କ ସହ ଧକ୍କା ହେବାରୁ ତାଙ୍କ ହାତରୁ ରୁପା ବଟା ଅନ୍ୟତ୍ର ଯାଇ ପଡ଼ିଥିଲା ବୋଲି କହିଛନ୍ତି ଈପ୍‌ସିତ। ସିଂହାସନଠାରୁ ଭିତରକାଠ ପର୍ଯ୍ୟନ୍ତ ଖସଡ଼ା ସଫା କରାଯାଉନାହିଁ, ଯେଉଁଥିପାଇଁ ଦୁର୍ଘଟଣା ଘଟୁଛି। ତେଣୁ, ଏ ଦିଗରେ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସେ ଅନୁରୋଧ କରିଛନ୍ତି।

# ୧୮ ହଜାର ବୃତ୍ତି ପାଉଥିବା ଛାତ୍ରୀଙ୍କୁ ମିଳିବନି 'ସୁଭଦ୍ରା'

■ ଭୁବନେଶ୍ୱର, ୧୯।୧୦(ସମିସ): 'ସୁଭଦ୍ରା' ଯୋଜନାରେ ସହାୟତା ପାଉଥିବା ଛାତ୍ରୀଙ୍କ ଚିନ୍ତା ବଢ଼ିଲା। ବାର୍ଷିକ ୧୮ ହଜାର ଟଙ୍କା ଛାତ୍ରବୃତ୍ତି ପାଉଥିଲେ ସୁଭଦ୍ରା ସହାୟତା ମିଳିବ ନାହିଁ। ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ସେମାନଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଏବଂ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗକୁ ଏନେଇ ଚିଠି ଲେଖାଯିବା ସହ ୧୮ ହଜାରରୁ ଅଧିକ ଟଙ୍କାର ସ୍କୋଲାରସିପ୍ ପାଉଥିବା ଛାତ୍ରୀଙ୍କ ତଥ୍ୟ ଦେବାକୁ କୁହାଯାଇଛି।

ବିଭାଗ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସୁଭଦ୍ରା ନିୟମାବଳୀ ଅନୁଯାୟୀ ୨୧ରୁ ୬୦ ବର୍ଷର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ବାର୍ଷିକ ୧୮ ହଜାର ବା ତା ଠାରୁ ଅଧିକ ଆର୍ଥିକ ସହାୟତା ପାଉଥିଲେ, ସେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। ଏନେଇ ବିଭାଗ ନିକଟର ବହୁ ଅଭିଯୋଗ ହୋଇଛି। ଏଣୁ ବର୍ଷକୁ ୧୮ ହଜାରରୁ ଅଧିକ ଟଙ୍କା ଛାତ୍ରବୃତ୍ତି ପାଉଥିବା ୨୧ ବର୍ଷରୁ ଅଧିକ ବୟସର ଛାତ୍ରୀମାନଙ୍କ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷର ଏହି ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ମହିଳା ଓ ଶିଶୁ ବିକଶ ବିଭାଗ ପକ୍ଷରୁ ଚିଠିରେ ଉଲ୍ଲେଖ କରାଯାଇଛି।

# ୪୭୧ ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭୂମି ପୂଜନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲା ବ୍ୟତୀତ ରାଜ୍ୟର ୨୮ଟି ଜିଲ୍ଲାରେ ୪୭୧ଟି ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

■ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବଣ୍ଟନ
■ ୪୮,୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ

ସ୍ଥାପନ କରାଯିବା ସହ ୪୮,୬୯୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ବାବଦରେ ୪୦ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ପଞ୍ଚାୟତଗୁଡ଼ିକୁ ଜନକଲ୍ୟାଣ ଓ ଲୋକସେବାର କେନ୍ଦ୍ର ଭାବେ ବିକଶିତ କରୁଛନ୍ତି। ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର୍, ଜୁନିଅର ଇଞ୍ଜିନିୟର୍, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର୍‌ମାନଙ୍କ ପାଇଁ ସ୍ୱତନ୍ତ୍ର ରୁମ୍ ରହିବ। ପଞ୍ଚାୟତର ସମସ୍ତ ସେବା ଗୋଟିଏ ଜାଗାରେ ହିଁ ମିଳିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍-ଷ୍ଟପ୍-ସର୍ଭିସ୍ ସେଣ୍ଟର୍ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ରୁ ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ୭,୫୫୦ କୋଟି ଟଙ୍କା ବ୍ୟୟବରାଦ ରଖାଯାଇଛି। ଏଥିରେ ୫ଲକ୍ଷ ଘର ନିର୍ମାଣ କରାଯିବ। ନୂଆପଡ଼ା, କଳାହାଣ୍ଡି ଜିଲ୍ଲାକୁ ଛାଡ଼ି ବାକି ୨୮ଜିଲ୍ଲାର ୪୮ହଜାର ୬୯୩ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମୁଦାୟ ୧୯୪ କୋଟି ୭୭ ଲକ୍ଷ ୨୦ହଜାର ଟଙ୍କା ବଣ୍ଟନ କରାଯାଇଛି। ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଟଙ୍କା; ଏହିପରି ସମୁଦାୟ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯେଉଁ ହିତାଧିକାରୀମାନେ ୪ ମାସ ମଧ୍ୟରେ ଘର ଶେଷ କରିବେ, ସେମାନଙ୍କୁ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ ମାସରେ ଘର ଶେଷ କରିବେ, ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସମସ୍ତ ହିତାଧିକାରୀଙ୍କୁ ଆଇଏପି ବା ସମନ୍ୱିତ କାର୍ଯ୍ୟ ଯୋଜନା ଜିଲ୍ଲାରେ ମନରେଗା କାର୍ଯ୍ୟକ୍ରମରେ ୯୫ ଦିନର ମଜୁରି ଏବଂ ଅଣ-ଆଇଏପି ଜିଲ୍ଲାରେ ୯୦ ଦିନର ମଜୁରି ମଧ୍ୟ ଦିଆଯାଉଛି। ଏହାସହ ହିତାଧିକାରୀଙ୍କୁ ଶୌଚାଳୟ, ପାଇପ ପାଣି ଆଦି ଅନ୍ୟାନ୍ୟ ମୌଳିକ ସୁବିଧା ମଧ୍ୟ ଦିଆଯାଉଛି। ଏହି ଅନ୍ତ୍ୟୋଦୟ ଗୃହ ଯୋଜନା ଗରିବ, ଅନଗ୍ରସର ତଥା ଅସହାୟ ପରିବାରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ ଏବଂ ଆଭାସୀ ମାଧ୍ୟମରେ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି

# ମଝି ଚିଲିକାରେ ଘଣ୍ଟାଏ ଫସିଲେ ୪୦ ଯାତ୍ରୀ

■ ବ୍ରହ୍ମଗିରି, ୧୯।୧୦(ସମିସ): ତୀର୍ଥକ୍ଷେତ୍ର ପୁରୀ ତଥା କୃଷ୍ଣପ୍ରସାଦ ବ୍ଲକ୍‌ର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହଶହ ଯାତ୍ରୀ ଚିଲିକା ମଧ୍ୟରେ ବିପଜ୍ଜନକ ଯାତ୍ରା କରିଥା'ନ୍ତି। ପ୍ରତିଦିନ ଭଳି ରବିବାର ଅପରାହ୍ଣ ସମୟରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଏବଂ ୧୫ରୁ ଅଧିକ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଝି ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚାଳକ ବହୁ ଚେଷ୍ଟା କରିବା ସତ୍ତ୍ୱେ ମୋଟର ନ ଚାଲିବା ଯୋଗୁଁ ଡଙ୍ଗାଟି ମହିଁଷା ନିକଟ ମଝି ଚିଲିକାରେ ଅଟକିଥିଲା। ଡଙ୍ଗା ଚିଲିକା ମଧ୍ୟରେ ଅଟକିବା ଯୋଗୁଁ ଯାତ୍ରୀମାନେ ହୋ-ହାଲ୍ଲା ସହ ଚିତ୍କାର କରିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଜଳବନ୍ଦୀ ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟି କୂଳରେ ପହଞ୍ଚିଥିଲେ। ଚିଲିକାର ଏହି ରାସ୍ତାରେ କେବେ ଭସାପୋଲ ତ କେବେ ଡଙ୍ଗା, ଏହିଭଳି ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ହୋଇଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।



### ବହୁ ଗହୀରକୁ ଲମ୍ବିଛି ସେକ୍ସ ରାକେଟ ଚେର

# ଘର ତାଲା ଭାଙ୍ଗି ଫୋରେନ୍‌ସିକ୍ ଟିମ୍‌ର ଯାଞ୍ଚ

■ ଭୁବନେଶ୍ୱର,୧୯।୧୦(ସମିସ): ରାଜଧାନୀରେ ଦିନକ ତଳେ ଠାବ ହୋଇଥିବା ସେକ୍ସ ରାକେଟ୍ ସମ୍ପର୍କରେ ତଦନ୍ତକୁ ତ୍ୱରାନ୍ୱିତ କରିଛି ପୁଲିସ। ତାଲା ପଡିଥିବାରୁ ପୁଲିସ ଆଜି ଘର ତାଲା ଭାଙ୍ଗି ଯାଞ୍ଚ ଆରମ୍ଭ କରିଛି। ସେହିପରି ଫୋରେନସିକ୍ ଟିମ୍ ମଧ୍ୟ ଉକ୍ତ ଘରେ ଅନୁସନ୍ଧାନ କରିବା ସହ ଏକାଧିକ ନମୁନା ସଂଗ୍ରହ କରିଛି। ଦୁଷ୍କର୍ମ ପୀଡ଼ିତା ନାବାଳିକାଙ୍କ ଘରର ଠିକଣା ଖୋଜିବା ସହ ବିଭିନ୍ନ ସୂତ୍ରକୁ ପୁଲିସ ଅନୁଧ୍ୟାନ କରିଛି।

ଗତ ୧୬ ତାରିଖ ରାତିରେ ଜଣେ ମହିଳା ଏକ ଅଟୋରେ ଜଣେ ନାବାଳିକାଙ୍କୁ ଆଣି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଜନନେନ୍ଦ୍ରୀୟରୁ ପ୍ରବଳ ରକ୍ତସ୍ରାବ

### ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲେ ମହିଳା କମିଶନ

ହେଉଥିବାରୁ ଗଣଦୁଷ୍କର୍ମ ସନ୍ଦେହରେ ଡ୍ୟୁଟିରେ ଥିବା ଡାକ୍ତର ନାବାଳିକାଙ୍କ ସାଙ୍ଗରେ ଥିବା ମହିଳାଙ୍କୁ ପଚରାଉଚରା କରିଥିଲେ। ମାତ୍ର ମହିଳାଜଣକ ଚତୁରତାର ସହ ସେଠାରୁ ଚମ୍ପଟ ମାରିଥିଲେ। ତେଣୁ ଡାକ୍ତର ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍ ଫାଣ୍ଡିକୁ ଏମ୍‌ଏଲ୍ସି(ମେଡିକୋ ଲିଗାଲ୍ କେସ୍) ରିପୋର୍ଟ ଦେଇଥିଲେ। ସେପଟେ ନାବାଳିକାଙ୍କ ଅବସ୍ଥା ବିଗିଡ଼ିବା ଦେଖି ଡାକ୍ତର ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରିଥିଲେ। କ୍ୟାପିଟାଲ୍ ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜରୁ ମହିଳାଜଣକ ଏକ ଅଟୋ ଯୋଗେ ପଳାଇଥିବା ଜଣାପଡ଼ିଥିଲା। ପୁଲିସ ଅଟୋ ନମ୍ବରକୁ ପିଛା କରିଥିଲା ଏବଂ ଗତକାଲି ରାତିରେ ତାକୁ ଠାବ କରିବା ପରେ ସେ ମହିଳାଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଅନ୍‌ଲାଇନରେ ଯାତ୍ରୀ ସେବା ଯୋଗାଉଥିବା ଅଟୋଚାଳକଙ୍କ ସୂଚନାନୁସାରେ ମହିଳାଜଣକ ଲକ୍ଷ୍ମୀସାଗରରୁ ବୁକିଂ କରିଥିଲେ ବୋଲି ଜଣାପଡ଼ିଥିଲା। ତେଣୁ ପୁଲିସ ବୁକିଂ କରାଯାଇଥିବା ମୋବାଇଲ୍ ନମ୍ବରକୁ ଟ୍ରାକ୍ କରି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଚାଲିଥିବା ସେକ୍ସ ରାକେଟ୍‌ରେ ଚଢଉ କରିଥିଲା। ଚଢଉରେ ୩ଜଣ ନାବାଳିକା ସହ ୪ଜଣଙ୍କୁ ଗିରଫ କରିଥିଲା ପୁଲିସ।

ଏହି ଘଟଣା ପଛରେ ଆନ୍ତଃରାଜ୍ୟ ସେକ୍ସ ରାକେଟ୍‌ର ସଂପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ତେଣୁ ଘଟଣାରେ ସମ୍ପୃକ୍ତ ଦୁଇ ମହିଳାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ପୁଲିସ ସୂଚନା ଦେଇଛି। କେବଳ ଏହି ଗୋଟିଏ ରାକେଟ୍ ନୁହେଁ ରାଜଧାନୀରେ ଏହିଭଳି ଏକାଧିକ ବାହାର ରାଜ୍ୟର ନାବାଳିକାଙ୍କୁ ସେକ୍ସ ରାକେଟରେ ବ୍ୟବହାର କରାଯାଉଛି। ଅନ୍ୟପକ୍ଷରେ ମହିଳା କମିଶନ ଶୋଭନା ମହାନ୍ତ ମଧ୍ୟ ସେକ୍ସ ରାକେଟ ଠାବ ହୋଇଥିବା ଘର ଏବଂ



ଲକ୍ଷ୍ମୀସାଗର ଥାନା ଯାଇ ଅନୁର୍ଦ୍ଧାନ କରିଛନ୍ତି। ଏହି ଘଟଣାରେ ଅନ୍ୟତମ ଅଂଶୀଦାର କୁହାଯାଉଥିବା ବାରିକ ବାବୁ ଓ ମଞ୍ଜୁ ସେଠୀଙ୍କ ଦ୍ୱାଇଁ ଫେରାର ଥିବା କୁହାଯାଉଛି। ତେଣୁ ସେହି ବାରିକ ବାବୁ କିଏ, ତାଙ୍କର ପରିଚୟ କ'ଣ ଓ ସେ କାହା ପାଇଁ ଅନ୍ୟ ରାଜ୍ୟରୁ ଝିଅମାନଙ୍କୁ ଆମଦାନୀ କରୁଥିଲେ ତାହାର ଅନୁସନ୍ଧାନ ଚାଲିଛି ।

ଅନ୍ୟପଟରେ ଏହି ମାମଲାରେ ପୀଡ଼ିତାଙ୍କୁ ଆଜି ଅପରାହ୍ନରେ ମହିଳା କମିସନର ସଦସ୍ୟ ଉର୍ମିଳା ମହାପାତ୍ର ଭେଟିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ସୁଧାର ଆସିଛି। ହସ୍ପିଟାଲରୁ ସେ କେବେ ଡ଼ିସଚାର୍ଜ ହେବେ ତାହା ଡାକ୍ତର କହିବେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଏବଂ ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛୁ। ଏହି ଘଟଣା ପଛରେ କେଉଁ ରାକେଟ ରହିଛି ତାହା ନିଶ୍ଚୟ ଜଣାପଡ଼ିବ। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ।


DADLS-58



ପବିତ୍ର ଦୀପାବଳି-୨୦୨୫ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)

OIPR-15001/13/1235/2526

DADLS-58



ପବିତ୍ର ଦୀପାବଳି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶୁଭ ଦୀପାବଳି

ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଆଲୋକର ଉପସ୍ଥିତି ଅନ୍ଧକାରକୁ ଅପସାରିତ କରିଥାଏ । ଜ୍ଞାନର ଆଲୋକ ମନୁଷ୍ୟକୁ ଅଜ୍ଞାନର ଅନ୍ଧକାର ଭିତରୁ ଉଦ୍ଧାର କରିଥାଏ । ଜ୍ଞାନାଲୋକ ହିଁ ସତ୍ୟ, ଧର୍ମ, ନ୍ୟାୟ ଓ ସମୃଦ୍ଧିର ପ୍ରତୀକ ।

ପବିତ୍ର ଦୀପାବଳି ସମସ୍ତଙ୍କ ଜୀବନରେ ଜ୍ଞାନର ଆଲୋକ ଭରିଦେଇ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ, ଏହା ହିଁ ମା'ଙ୍କ ନିକଟରେ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1239/2526

# ବିକାଶର ଦିବା ସ୍ୱପ୍ନ
# ଉଦୟପୁର-ତାଳସାରୀ ବେଳାଭୂମି ଅବହେଳିତ ଓ ଅନ୍ଧକାରମୟ

ଚନ୍ଦନେଶ୍ୱର, ୧୯।୧୦(ସମିସ)



ଓଡ଼ିଶା ଉପକୂଳରେ ଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଥିବା ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ଚିନ୍ତା ପ୍ରକଟ କରିଛନ୍ତି ବୁଦ୍ଧିଜୀବୀ। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ଦୀଘା ବେଳାଭୂମି ଏବଂ ଉଦୟପୁର, ତାଳସାରୀ ବେଳାଭୂମି ମଧ୍ୟରେ ସାମାନ୍ୟ ଦୂରତା ଥିଲେ ମଧ୍ୟ ଦୀଘା ପର୍ଯ୍ୟଟନ ସ୍ଥଳୀର ବ୍ୟାପକ ବିକାଶ ହୋଇଥିବାବେଳେ ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ ଓ କୀର୍ତ୍ତନିଆର ବିକାଶ ନାଁ ଗନ୍ଧ ନାହିଁ। ଦୀର୍ଘ ବର୍ଷ ହେଲା ଏହା ଶୀତଳ ଭଣ୍ଡାରରେ ପଡ଼ିରହିଛି। ସରକାର ଏହି ସବୁ ପର୍ଯ୍ୟଟନ ସ୍ଥଳୀର ବିକାଶ ଦିଗରେ ଗୁରୁତ୍ୱ ନ ଦେଇ ଅବହେଳା କରୁଥିବାର ବହୁ ଅଭିଯୋଗ ହୋଇଆସିଛି। ଯାହା ଫଳରେ ଓଡ଼ିଶା ସରକାର ରାଜସ୍ୱ ହରାଉଥିବା ବେଳେ ରୋଜଗାରର ସୁଯୋଗ ହାତଛଡା ହେଉଛି।

ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ସରକାର ଦୀଘା ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳୀକୁ ମାନ୍ୟତା ଦେବା ସହ ତା'ର ଅନେକ ବିକାଶ ହୋଇଛି। ବିଶେଷ କରି ଦୀଘାକୁ ଅଧିକ ଗୁରୁତ୍ୱ ବଢ଼ାଇବା ପାଇଁ ବିଶାଳ ଆକର୍ଷଣୀୟ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କରିଛନ୍ତି। ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକମାନେ ଆସନ୍ତି। ଏହାକୁ ଆଖି ଆଗରେ ରଖି ଶହ ଶହ ହୋଟେଲ ଗଢିଉଠିଛି। ଏପରି ସମୟରେ ପଶ୍ଚିମବଙ୍ଗ ସରକାର ଭଲ ରାଜସ୍ୱ ପାଉଥିବା ବେଳେ ହଜାର ହଜାର ଲୋକ ବ୍ୟବସାୟ କରି ଏବଂ ହୋଟେଲ ମାନଙ୍କରେ କାମ କରି ଭଲ ଅର୍ଥ ରୋଜଗାର କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଦୀଘା ଠାରୁ ମାତ୍ର ୨ କି. ମି ଦୂରତା ଉଦୟପୁର ଓ ତାଳସାରୀ ପର୍ଯ୍ୟଟନ କ୍ଷେତ୍ର ଓ ବେଳାଭୂମି ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ପରମ୍ପରାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ; ମାତ୍ର ଉପଯୁକ୍ତ ବିକାଶ ଅଭାବରୁ ଏଭଳି ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନଥିବା ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏ ଯାଏ ଆଖି ଦୃଶିଆ ବିକାଶ ହୋଇପାରିନି। ଏହି ପର୍ଯ୍ୟଟନସ୍ଥଳୀ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନାଲି କଙ୍କଡା, ନୀଳରକ୍ତ କଙ୍କଡା ଓ ବିଦେଶାଗତ ବିଭିନ୍ନ ପକ୍ଷୀ ପର୍ଯ୍ୟଟକଙ୍କ ମନ ମୋହିଥାଏ। ଏଠାରେ ବିସ୍ତୀର୍ଣ୍ଣ ଝାଉଁ ବଣର ସାଇଁ ସାଇଁ ପବନ ସାଙ୍ଗକୁ ସମତଳ ବାଲୁକା ଶଯ୍ୟା ସମସ୍ତଙ୍କ ମନକୁ ବିମୋହିତ କରିଥାଏ। ତେଣୁ ପର୍ଯ୍ୟଟକମାନେ ଆକୃଷ୍ଟ ହୋଇ ପ୍ରତିବର୍ଷ ଏଠାକୁ ପ୍ରାୟ ୨ କୋଟିରୁ ଅଧିକ ପର୍ଯ୍ୟଟକ ଆସୁଥିବା ନେଇ ପର୍ଯ୍ୟଟନ ବିଭାଗ କହୁଥିବା ବେଳେ ରହିବା ପାଇଁ ଭଲ ହୋଟେଲ, ଖାଇବା ପାଇଁ ଭଲ ରେଷ୍ଟୁରେଣ୍ଟ କି ମାର୍କେଟ କମ୍ପ୍ଲେକ୍ସ ନାହିଁ। ବ୍ୟବସାୟ ପାଇଁ ଉକ୍ତ ସ୍ଥାନକୁ ବିକଶିତ କରାଯାଇନାହିଁ। ଫଳରେ ସ୍ଥାନୀୟ ଲୋକମାନେ ବ୍ୟବସାୟ କରିବା ପାଇଁ ଉପଯୁକ୍ତ ସୁଯୋଗ ପାଇପାରୁନାହାନ୍ତି। ଭୋଗରାଇର ଅନେକ ଯୁବକ କାମ ଧନ୍ଦା ନ ପାଇ ବାଧ ହୋଇ ପଶ୍ଚିମବଙ୍ଗ ହୋଟେଲରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶା ସରକାର ସମ୍ଭାବ୍ୟ ରାଜସ୍ୱ ହରାଉଛନ୍ତି।

ଉଲ୍ଲେଖ ଥାଉକି; ଭୋଗରାଇ ବ୍ଲକର ଅନ୍ୟତମ ବେଳାଭୂମି ତାଳସାରୀ ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ୨୦୧୭ ମସିହାରେ ୩୧ କୋଟି ଟଙ୍କା ମଞ୍ଜୁର କରିଥିଲା। ଯେଉଁ ଟଙ୍କାରେ ମେରାଇନ ଡ୍ରାଇଭ ନିର୍ମାଣ ସହ ବେଳାଭୂମି ସଂଲଗ୍ନ ୫୦ଏକର ଜମିରେ ହୋଟେଲ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ଥିଲା। ହେଲେ କେବଳ ମେରାଇନ ଡ୍ରାଇଭ ନିର୍ମାଣ ହୋଇଥିବା ବେଳେ ଅନ୍ୟ ଯୋଜନା ଗୁଡିକ ଅଟକି ରହିଛି। କୁହାଯାଉଛି ଜଙ୍ଗଲ ଜମି ବିବାଦ ପାଇଁ ନିର୍ମାଣ କାର୍ଯ୍ୟ ହୋଇପାରୁନି। ଖାଲି ଭୋଗରାଇ ନୁହେଁ ତମାମ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନସ୍ଥଳୀ ଅବହେଳିତ ହୋଇ ରହିଛି। ଆବଶ୍ୟକତା ଦୃଷ୍ଟିରୁ ଉଦୟପୁର, ତାଳସାରୀ, ବିଚିତ୍ରପୁର ଇକୋ ଟୁରିଜିମ, କୀର୍ତ୍ତନିଆ ଆଦି ପର୍ଯ୍ୟଟନସ୍ଥଳୀର ବିକାଶ ହେବା ନିହାତି ଆବଶ୍ୟକ। ତାଳସାରୀ ଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ୧୨କିଲୋମିଟର ବେଳାଭୂମି ତଟ ସମ୍ପୂର୍ଣ୍ଣ ଭାବରେ ମୁକୁଳା ପଡ଼ିଛି। ରାଜ୍ୟରେ ସରକାର ବଦଳିଥିବା ଦୀର୍ଘ ଦିନ ଧରି ପଥର ବନ୍ଧ ତିଆରି ନ ହେବାରୁ ଉପକୂଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ତୁରନ୍ତ ସମୁଦ୍ର ଉପକୂଳ ତଟ ସୁରକ୍ଷା ଉଚ୍ଚ ପଥର ବନ୍ଧ ନିର୍ମାଣ ନ ହେଲେ କିଛି ବର୍ଷ ମଧ୍ୟରେ ଏଅଶାନ୍ତ ସମୁଦ୍ର ଉପକୂଳ ଗାଁ ଗୁଡିକ ସମୁଦ୍ରରେ ଲୀନ ହୋଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇ ପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ସହିତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ, ସାଂସଦ ଓ ବିଧାୟକ ମାନେ ଚିନ୍ତା କରିବାର ସମୟ ଆସିଛି ଏବଂ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ମହଲରେ ଦାବି ହେଉଛି।

## ବଜାରରେ ବିକ୍ରି ହେଉଛି ନିମ୍ନମାନର ମୃଦୁପାନୀୟ

● ଯାଞ୍ଚ ହେଉନି ଗୁଣବତ୍ତା, ରୋଗ କିଣୁଛନ୍ତି ଲୋକେ

ଭୋଗରାଇ, ୧୯।୧୦(ସମିସ) : ଭୋଗରାଇ ବ୍ଲକର ବିଭିନ୍ନ ବଜାର ଓ ଗାଁରେ ମୃଦୁ ଥଣ୍ଡା ପାନୀୟ ଓ ପିଇବା ପାଣିର ଚାହିଦା ମଧ୍ୟ ବଢ଼ିଛି। ଏଥିପାଇଁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଦୋକାନମାନଙ୍କରେ ମିଳୁଛି ବିଭିନ୍ନ କଂପାନୀର ଏବଂ ସ୍ଥାନୀୟ ଅଞ୍ଚଳରେ ପ୍ରସ୍ତୁତ ରଙ୍ଗବେରଙ୍ଗର ଅପମିଶ୍ରିତ ମୃଦୁ ଥଣ୍ଡା ପାନୀୟ ତଥା ବିଭିନ୍ନ କିସମର ପାଣି ବୋତଲ ଓ ପାଣି ପାଉଚ। ହେଲେ ଏହି ଥଣ୍ଡା ପାନୀୟ ଓ ପାଣି ଉପଯୁକ୍ତ ମାନର କି ନୁହେଁ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜାରରେ ଅଧିକାଂଶ ଥଣ୍ଡା ପାନୀୟ ପାଣି ବୋତଲ ଓ ପାଉଚର ଉତ୍ପାଦନ କଂପାନୀ ସାଧାରଣ ନିୟମର ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହେଉଛି। କମ୍ପାନୀ ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆର ଅନୁମତି ନେବା ବାଧ୍ୟତାମୂଳକ ଥିବାବେଳେ ପ୍ରକୃତରେ ଅନୁମତି ମିଳିଛି କି ନାହିଁ କାହାକୁ ଜଣା ନାହିଁ। ଥଣ୍ଡା ପାନୀୟ ଏବଂ ପାଣି ବୋତଲ ବା ପାଉଚ ଉପରେ ବ୍ୟାଚ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତାମୂଳକ। ମାତ୍ର ବଜାରରେ ଉପଲବ୍ଧ ପାଣି ବୋତଲ ଉପରେ ଉତ୍ପାଦନ ତାରିଖର ୩୦ ଦିନ ମଧ୍ୟରେ ବ୍ୟବହାର ଯୋଗ୍ୟ ଉଲ୍ଲେଖ ରହିଥିଲେ ମଧ୍ୟ କେଉଁ ତାରିଖରେ ତାହା ପ୍ୟାକିଂ ହୋଇ କେତେ ଦିନ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ହେବ ତାହା ଗ୍ରାହକମାନେ ଜାଣିପାରୁନାହାନ୍ତି। ପାଣି ସହିତ ଅପମିଶ୍ରିତ ମୃଦୁ ଥଣ୍ଡା ପାନୀୟ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ସୋଡା ତିଆରିବେଳେ କେଉଁ ନିର୍ଦ୍ଦିଷ୍ଟ ନିୟମ ପାଳନ କରାଯାଉଛି ତାହା ମଧ୍ୟ କାହାକୁ ଜଣା ନାହିଁ। ଥଣ୍ଡା ପାନୀୟ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା। ଅନେକ ନକଲି ଓ ବେନାମୀ ସଂସ୍ଥା ଏହିଭଳି ଥଣ୍ଡା ପାନୀୟ ତିଆରି କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ବିଶେଷଜ୍ଞଙ୍କ ମତରେ, ନିମ୍ନ ମାନର ପାନୀୟ ଅନେକ ପେଟ ରୋଗ ସହ ମାରାତ୍ମକ ରୋଗର କାରଣ ହୋଇପାରେ। ଏଭଳି ପାନୀୟଠାରୁ ସବୁବେଳେ ଦୂରରେ ରହିବା ଦରକାର ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ତେଣୁ ବଜାରରେ ବିକ୍ରି ହେଉଥିବା ମୃଦୁ ଥଣ୍ଡା ପାନୀୟ ଓ ପାଣିର ପରୀକ୍ଷା କରିବା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଫୁଡ୍ ଅଫିସର ଶଶିକାନ୍ତ ବେହେରାଙ୍କୁ ପଚାରିବାରୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ବାଇକ-କଣ୍ଟେନର ଧକ୍କା; ଜଣେ ମୃତ, ଜଣେ ଗୁରୁତର

ରାଜଘାଟ, ୧୯।୧୦(ସମିସ): ବସ୍ତା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ସରିସା ଗ୍ରାମର ନାରାୟଣ ଚନ୍ଦ୍ର ଘୋଷ(୭୫) ଓ ହରିହର ପ୍ରମାଣିକ(୬୦) ଏକ ଧାର୍ମିକ ଅନୁଷ୍ଠାନରୁ ନିଜର କାର୍ଯ୍ୟ ସାରି ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଜଳେଶ୍ୱର ଥାନା ଚାଳନ୍ତି ନିକଟରେ ଏକ କଣ୍ଟେନର ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା ଫଳରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ମାତ୍ର ସେଠାରେ ନାରାୟଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଟକକ ବଡ ମେଡିକାଲ ସ୍ଥାନାନ୍ତର ହେଉଥିବା ସମୟରେ ରାସ୍ତାରେ ମୃତ୍ୟୁବରଣ କରୁଛନ୍ତି। ଜଳେଶ୍ୱର ପୁଲିସ ଗାଡି ଦୁଇଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

## ଧନନ୍ତ୍ୱରୀ ଜୟନ୍ତୀ ପାଳିତ

ରାଜଘାଟ, ୧୯।୧୦ (ସମିସ): ଭଗବାନ ଶ୍ରୀ ଧନନ୍ତ୍ୱରୀ ଜୟନ୍ତୀ ବସ୍ତା ଦିପ୍ତୀ ସେବା ସଦନ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବିଶିଷ୍ଟ ଆୟୁର୍ବେଦବିତ ଡ. ଦିଲୀପ କୁମାର ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ବରିଷ୍ଠ ସମାଜସେବୀ ଶ୍ୟାମାପ୍ରସାଦ ବେହେରା, ସମ୍ମାନିତ ଅତିଥି କମାରଡ଼ିହା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଅବସରପ୍ରାପ୍ତ ଡ. ପଞ୍ଚାନନ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦେବ, ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଭଗବାନ ଧନନ୍ତରୀ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସୁନୀଲ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସୋରପ୍ରଭା'ର ପାର୍ବଣ ସଂଖ୍ୟା ଲୋକାର୍ପିତ



ସୋର, ୧୯।୧୦(ସମିସ): ଆଧୁନିକ ଚେତନାର ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପତ୍ରିକାର ଅବଦାନ ଅତୁଳନୀୟ, ପତ୍ରିକା- ସାହିତ୍ୟ ଓ ପାଠକ ମଧ୍ୟରେ ନିବିବିଡା ରକ୍ଷାକରେ ବୋଲି ସୋର ଉତ୍ତରେଶ୍ୱର ସଂସ୍କୃତି ଭବନ ପରିସରରେ ସାହିତ୍ୟ ପତ୍ରିକା 'ସୋରପ୍ରଭା'ର ପାର୍ବଣ ସଂଖ୍ୟା ଲୋକାର୍ପିଣ ଉତ୍ସବରେ ଯୋଗଦେଇ ଅତିଥିମାନେ କହିଥିଲେ। ସୋର ବିଧାୟକ ମାଧବ ଧଡ଼ା ଉଦ୍‌ଘାଟକ ଭାବେ ଯୋଗଦେଇ କହିଲେ ଯେ ରାଧାନାଥ ମାଟିରେ ସାହିତ୍ୟର ସ୍ୱର ଅତ୍ୟନ୍ତ ଉତ୍କୃଷ୍ଟ, ଏହା ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛି। ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଡ. ରମାକାନ୍ତ ବେହେରା ଯୋଗଦେଇ କହିଲେ ଯେ କବିତା ସମାଜକୁ ଦିଗ୍‌ଦର୍ଶନ ଦିଏ। ମୁଖ୍ୟବକ୍ତା ଭାବେ ଚନ୍ଦ୍ରଭାଗା ସମ୍ପାଦକ କବି ଶ୍ରୀଦେବ ଯୋଗଦେଇ କହିଲେ ଯେ ଉତ୍କୃଷ୍ଟ କବିତାଟି ସବୁବେଳେ ପାଠକର ହୃଦୟରେ ଆଲୋକିତ କରୁଥାଏ। ସମ୍ମାନିତ ବକ୍ତା ମହେଶ୍ୱର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଡ. ରବୀନ୍ଦ୍ର ବିହାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଶିଷ୍ଟ କବି ସୁଧା ଦାଶଙ୍କୁ ସୋରପ୍ରଭା ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେଣ୍ଟ ଜାଭିୟର୍ସ ହାଇସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଧାନାଥ ପାଠାଗାର ସମ୍ପାଦକ ଦମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଚ୍ୟୁତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ନିଷ୍କ୍ରିୟ

ଚନ୍ଦନେଶ୍ୱର, ୧୯।୧୦ (ସମିସ): ପାର୍ବଣ ଋତୁରେ ତାଳସାରୀ ସାମୁଦ୍ରିକ ଥାନା ଓ ଚନ୍ଦନେଶ୍ୱର ଫାଣ୍ଡି ତରଫରୁ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରାଯାଇଥିଲା। ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବାଣ ନିଷ୍କ୍ରିୟକାରୀ ଅଫିସର ଓ ଭୋଗରାଇ ଅଗ୍ନିଶମ ବାହିନୀଙ୍କ ମିଳିତ ସହଯୋଗରେ ବାଣ ନିଷ୍କ୍ରିୟ କରାଯାଇଛି। ଏଥିରେ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ, ଜିଲ୍ଲା ବାଣ ନିଷ୍କ୍ରିୟକାରୀ ଅଫିସର ଯୁଗେନ୍ଦ୍ର ହେମ୍ବ୍ରମ ଓ ତାଙ୍କର ୪ ଜଣ ସହଯୋଗୀଙ୍କ ସହିତ ଭୋଗରାଇ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିଭଳି ଚନ୍ଦନେଶ୍ୱର ଫାଣ୍ଡିରେ ଜବତ ହୋଇଥିବା ବାଣକୁ ଫାଣ୍ଡି ଅଧିକାରୀ ବନବିହାରୀ ଶତପଥିଙ୍କ ଉପସ୍ଥିତିରେ ବାଣ ନିଷ୍କ୍ରିୟକାରୀ ଅଫିସରମାନେ ଉପସ୍ଥିତ ରହି ବାଣ ନିଷ୍କ୍ରିୟ କରିଥିଲେ।

## ପଶ୍ଚିମବଙ୍ଗକୁ ବେଆଇନ ବାଲି ଚାଲାଣ; ପ୍ରଶାସନ ନିଦାବିଷ୍ଣୁ

ଭୋଗରାଇ, ୧୯।୧୦(ସମିସ) : ବାଲେଶ୍ୱର ଜିଲ୍ଲା ସୀମାନ୍ତ ଭୋଗରାଇ ୫୭ ନଂ ଜଳେଶ୍ୱର-ଚନ୍ଦନେଶ୍ୱର ରାଜ୍ୟ ରାଜପଥ ସଂଲଗ୍ନ ସାହାବାଜିପୁର-ଦୀଘା ସୀମାନ୍ତରେ ବାଲି ମାଫିଆ ପ୍ରତ୍ୟେକ ଦିନ ଶହ ଶହ ନଦୀ ବାଲି ଓ ଆଡ଼ିଆ ବାଲି ବୋଝେଇ ଡମ୍ଫର, ଟ୍ରାକ୍ଟର ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଗାଡ଼ି ଅଟକାଇ ପ୍ରଶାସନକୁ ଖବର ଦେଲେ ପ୍ରଶାସନ ନିଦା ବିଷ୍ଣୁ ସାଜି ବାଲି ମାଫିଆମାନଙ୍କୁ ସାହାଯ୍ୟ କରୁଛି। ସ୍ଥାନୀୟ ପ୍ରଶାସନ ଫସଲ ଖିଆ ବାଡ଼ ସାଜିଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚିନ୍ତାରେ ରହିଛନ୍ତି। ଏପରିକି ଆବାସ ଯୋଜନା ହିତାଧିକାରୀ ମାନେ ଗୃହନିର୍ମାଣ ପାଇଁ ବାଲି ପାଉନାହାଁନ୍ତି। ୬୦ ରୁ ୬୫ ହଜାର ଟଙ୍କା ଦେଲେ ଯାଇ ବ୍ୟବସାୟୀମାନେ ଆବାସ ଯୋଜନା ହିତାଧିକାରୀଙ୍କୁ ବାଲି ଯୋଗାଉଛନ୍ତି। ଅପରପକ୍ଷରେ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ମିଳୁଥିବା ବେଳେ ନଦୀ ବାଲି ମାଫିଆ ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି। ଏ ନେଇ ସରକାର ଭୋଗରାଇ ଅଞ୍ଚଳର ସମସ୍ତ ଆବାସଯୋଜନା ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ନଦୀ ବାଲି ଯୋଗାଇ ଦେବାକୁ ସୀମାନ୍ତରେ ସାହାବାଜିପୁରରେ ଥିବା ସାଗରସାଥୀ କ୍ଲବ ଓ ନବଜ୍ୟୋତି ଯୁବକ ସଂଘର ସଦସ୍ୟମାନେ ଦାବି କରିବା ସହିତ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରବିବାର ସକାଳେ ୫୦ରୁ ଅଧିକ ବାଲି ବୋଝେଇ ଡ଼ମ୍ଫର ସୀମାନ୍ତ ସାହାବାଜିପୁର ବର୍ଡର ଦେଇ ପଶ୍ଚିମବଙ୍ଗକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଗାଡିକୁ ଅଟକାଇ ଖବର ଦେଇଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଣୁ ସାଜି ସୀମାନ୍ତରେ ପହଞ୍ଚି ନଥିଲେ। ବାଲେଶ୍ୱର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




## ବସ୍ତାରେ ରାବଣ ପୋଡ଼ି ଉତ୍ସବ




ବସ୍ତା ବ୍ଲକ, ୧୯।୧୦ (ସମିସ): ବସ୍ତା ଥାନା ଅର୍ନ୍ତଗତ ଇଶ୍ୱବର୍ତ୍ତୀ ମନ୍ଦିରଠାରେ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ପାଳିତ ହୋଇଛି। ପ୍ରତ୍ୟେକ ବର୍ଷ ଦଶହରା ଉପଲକ୍ଷେ ଏହି ରାବଣ ପୋଡ଼ି ଉତ୍ସବ ପାଳନ କରାଯାଉଥିବା ବେଳେ ପ୍ରତିକୂଳ ପାଗ ପାଇଁ ଏହା ସ୍ଥଗିତ ଥିଲା। ଅନୁକୂଳ ପାଗ ଦେଖି ଦୀପାବଳି ପୂର୍ବରୁ ରବିବାର ଏହି ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ସମ୍ମାନିତ ଅତିଥି ଭାବେ ବସ୍ତା ଏସଡିପିଓ ମାନସ କୁମାର ଦେଓ, ବସ୍ତା ଆଇଆଇସି ରଞ୍ଜିତ କୁମାର ସାହୁ ଯୋଗଦେଇ ରାବଣ ପୋଡ଼ି ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କମିଟି ସଭାପତି ଅନିଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ କମିଟି ଉପସଭାପତି ରବୀନ୍ଦ୍ର ଦାସ, ସମ୍ପାଦକ ରାଧାଶ୍ୟାମ ପାତ୍ର, ସହ ସମ୍ପାଦକ ମନୋଜ ମହାନ୍ତି, କୋଷାଧ୍ୟକ୍ଷ ପରମାନନ୍ଦ ଜେନା, ଉପ କୋଷାଧ୍ୟକ୍ଷ ଗୌତମ ମହାନ୍ତି, ସଦସ୍ୟ ଅନୁପମ ମହାନ୍ତି, ରବୀନ୍ଦ୍ର ବେହେରା, କେଶବ ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ। ରାବଣ ପୋଡ଼ିର ଆତସବାଜିକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ। ଲୋକ ସମାଗମକୁ ଦୃଷ୍ଟିରେ ରଖି ବସ୍ତା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ଆବାସ ଅର୍ଥ ପାଇବାରୁ ବଞ୍ଚିତ ଆଦିବାସୀ ମହିଳା

ଜଳେଶ୍ୱର ବ୍ଲକ, ୧୯।୧୦ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦ୍ଦାରବନ୍ଧ ଗ୍ରାମ ପଞ୍ଚାୟତ ବଡ଼ ଟିକାୟତପୁର ଗ୍ରାମର ମୃତ ନାରାୟଣ ଟୁଡୁଙ୍କ ପତ୍ନୀ ଦୁଲି ଟୁଡୁ ଜଣେ ଆଦିବାସୀ ମହିଳା। ଚାଳ ଛପର ଝାଟି ମାଟି ଘରେ ଦୁଃଖ କଷ୍ଟରେ ରହୁଥିଲେ। ସେ ଜଣେ ବିଧବା ଓ ଅସହାୟ ଆଦିବାସୀ ମହିଳା ହୋଇ ଥିବାରୁ ସରକାରଙ୍କ ପକ୍ଷରୁ ଏକ ଅନ୍ତୋଦୟ ଆବାସ ଗୃହ ପାଇ ଭାରି ଖୁସି ହୋଇ ଯାଇଥିଲେ। କିପରି ଭାବରେ ସରକାରଙ୍କ ନିୟମ ଅନୁଯାୟୀ ଘରଟିଏ ନିର୍ମାଣ କରି ବୋନସ ଟଙ୍କା ସାଙ୍ଗକୁ ଜବ୍ କାର୍ଡ ଟଙ୍କା ମଧ୍ୟ ପାଇ ପାରିବେ ସେ ନେଇ କାର୍ଯ୍ୟାଦେଶ ନମ୍ବର୍‌ରେ ଗତ ଜୁନ ମାସ ୧୩ ତାରିଖରେ ୱାର୍କ ଅର୍ଡର୍ ପାଇଁ ବସବାସ କରୁଥିବା ସ୍ୱପ୍ନର ଝାଟି ମାଟିର ଘରଟିଏ ଭାଙ୍ଗି ନୂତନ ଗୃହର ମୂଳଦୁଆ କରି ଟଙ୍କା ପାଇ ନ ଥିବାରୁ ଅଧାରେ ଅଟକି ରହିଛି। ଫଳରେ ସେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜଳେଶ୍ୱର ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।
















# କାଳିକିଙ୍କର ଦାସଙ୍କୁ 'ସମୟର ଚକ୍ର' ସାରସ୍ୱତ ସମ୍ମାନ



ବାଲେଶ୍ୱର, ୧୯।୧୦(ସମିସ): ବାଲେଶ୍ୱରର ବିଶିଷ୍ଟ କବି, ଗାଳ୍ପିକ ତଥା ଲେଖକ ଡ. କାଳିକିଙ୍କର ଦାସଙ୍କୁ ସମୟର ଚକ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ସମ୍ବାଦ ଭିତ୍ତିକ ମାସିକ ପତ୍ରିକା ସମୟର ଚକ୍ରର ୧୪ ତମ ଶାରଦୀୟ ବାର୍ଷିକ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପ - ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଏହି ସମ୍ମାନ ପ୍ରଦାନ କରିଥିଲେ। କବି ଅଭୟ ଦାସ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଚିକିତ୍ସକ ଅମିତାଭ ଗିରି, ଉପ ଜିଲ୍ଲାପାଳ ସୁଧାକର ନାୟକ, ପରିବେଶବିତ୍ ସୁମନ୍ତ ଜେନା, ସମାଜସେବୀ ବିକ୍ରମ ପଣ୍ଡା, ଯୁବ ଉଦ୍ୟୋଗପତି ଆକାଂକ୍ଷା ବେହେରା, ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଡ. କାଳିକିଙ୍କର ପ୍ରାୟ ଅଠେଇଶ ଖଣ୍ଡ ମୌଳିକ କବିତା, ଗଳ୍ପ, ଶିଶୁ ଗଳ୍ପ, ଉପନ୍ୟାସ, ସ୍ତମ୍ଭ ସଙ୍କଳନ ଆଦିର ସ୍ରଷ୍ଟା। ଓଡ଼ିଆ ବ୍ୟତୀତ ତାଙ୍କର ଅନେକ ଲେଖା ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାରେ ପ୍ରକାଶ ପାଇଛି। ଡ଼ କାଳିକିଙ୍କରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ, କବି ବ୍ରଜନାଥ ରଥ ଫାଉଣ୍ଡେସନ, ସନ୍ତୋଷ ଦାସ ଫାଉଣ୍ଡେସନ ଓ ଓଡ଼ିଶାର ବହୁ ଅନୁଷ୍ଠାନ ସମେତ ଲେଖକ, କବି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


## ଚିଙ୍ଗୁଡ଼ି ଖୋଳପାରେ ଜୈବ ଉତ୍ପାଦ

# ବିଭିନ୍ନ କ୍ଷେତ୍ର ପାଇଁ ମୂଲ୍ୟବାନ କଞ୍ଚାମାଲ

ବାଲେଶ୍ୱର,୧୯।୧୦(ସମିସ)

ସାଧାରଣତଃ ଚିଙ୍ଗୁଡ଼ି ଖୋଳାପାକୁ ଫିଙ୍ଗି ଦିଆଯାଏ। କାରଣ ଏହା ଗୁରୁତର ପ୍ରଦୂଷଣ ସୃଷ୍ଟି କରେ। ମାତ୍ର ବର୍ତ୍ତମାନ ଏହା ବାୟୋମେଡିକାଲ, ଫାର୍ମାସୁଇଟିକାଲ, କୃଷି ଏବଂ ଶିଳ୍ପ କ୍ଷେତ୍ର ପାଇଁ ମୂଲ୍ୟବାନ କଞ୍ଚାମାଲରେ ପରିଣତ ହେଉଛି। ମାତ୍ର ତିନି ବର୍ଷ କାର୍ଯ୍ୟକାଳରେ ନାଟନୋଭ ସଫଳତାର ସହ ୧ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ସାମୁଦ୍ରିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିପାରିଛି। ବାଲେଶ୍ୱରର ଗବେଷକ ଲାଭ କଲେ ଚିଙ୍ଗୁଡ଼ି ଖୋଳପାରୁ ଆବିଷ୍କୃତ ପରିବେଶ-ଅନୁକୂଳ ଜୈବ ଉତ୍ପାଦ ପାଇଁ ପେଟେଣ୍ଟ। ଓଡ଼ିଶାର ତଥା ବାଲେଶ୍ୱରର ସୁନାମଧନ୍ୟ ଗବେଷକ ଡକ୍ଟର ସିଦ୍ଧାର୍ଥ ପତି ଏବଂ ନାଟନୋଭ ବାୟୋସାଇନ୍ସ ନିର୍ଦ୍ଦେଶକ ଡ. ଦେବବ୍ରତ ପଣ୍ଡା ଚିଙ୍ଗୁଡ଼ି ଖୋଳପାରୁ ଉପଲବ୍ଧ 'କାଇଟୋସାନ୍' ଦ୍ୱାରା ମୂଲ୍ୟବାନ ଜୈବ ଉତ୍ପାଦ ତିଆରି କରିବା ପ୍ରକଳ୍ପ ପାଇଁ ସଂପ୍ରତି ପେଟେଣ୍ଟ ପାଇଛନ୍ତି। ଏହି





- ବାଲେଶ୍ୱରର ଗବେଷକ ଡ. ସିଦ୍ଧାର୍ଥ ପତିଙ୍କ ସଫଳତା
- କ୍ୟାପସୁଲ୍ ଆବରଣ ତିଆରି ପାଇଁ ବ୍ୟବହୃତ ହୋଇପାରିବ

ପରିବେଶ-ଅନୁକୂଳ ବାୟୋ-ଉତ୍ପାଦ ଔଷଧ ଶିଳ୍ପରେ ଟାବଲେଟ୍ କ୍ୟାପସୁଲ୍ ଆବରଣ ତିଆରି ପାଇଁ ବ୍ୟବହୃତ ହୋଇପାରିବ ବୋଲି କୁହାଯାଉଛି। 'ସର୍କୁଲାର ଇକୋନୋମି' ଓ "ୱେଷ୍ଟ ଟୁ ୱେଲଥ୍' ମିଶନରେ ପ୍ରେରିତ ଏକ ଷ୍ଟାର୍ଟଅପ୍‌ର ସତ୍ତ୍ୱାଧିକାରୀ ଡକ୍ଟର ପତି କହିଛନ୍ତି, ଯାହାକୁ ଏକଦା ପରିବେଶର ବୋଝ ବୋଲି କୁହାଯାଉଥିଲା, ସେହି ଚିଙ୍ଗୁଡି ଖୋଳପା ଏବେ ଗ୍ଲୋବାଲ୍ ବାୟୋମେଡିକାଲ୍, ଔଷଧ ଜଗତ ତଥା କୃଷି ଓ ଶିଳ୍ପ ଶ୍ରେଣୀ ପାଇଁ ମୂଲ୍ୟବାନ କଞ୍ଚାମାଲ ଭାବରେ ପରିଗଣିତ ହେବ। ତାଙ୍କର ଷ୍ଟାର୍ଟଅପ୍ ସମୁଦ୍ର ପ୍ରକ୍ରିୟାକରଣର ଅବଶେଷ। ବିଶେଷକରି ଚିଙ୍ଗୁଡ଼ି ଖୋଳପାରେ ମହଜୁଦ ଥିବା କାଇଟିନ୍, କାଇଟୋସାନ୍ ଓ କୃଷି ଜୈବ-ଷ୍ଟିମୁଲେଣ୍ଟ୍ସକୁ ଜୈବ ଉତ୍ପାଦରେ ପରିଣତ କରେ। ସେ ଆହୁରି କହିଛନ୍ତି, କାଇଟୋସାନ୍ ଏକ ବହୁପ୍ରୟୋଗୀ ବାୟୋପଲିମର୍। ଏହାର ଜୈବ-ବିଘଟନଶୀଳତା, ସୁରକ୍ଷା ଓ ବିଶେଷ ଜୈବ ଗୁଣାବଳୀ ଏହାକୁ ଔଷଧୀୟ କ୍ଷମତା ପ୍ରଦାନ କରେ। ଏହା ବିଭିନ୍ନ ଔଷଧ ତିଆରି କାର୍ଯ୍ୟରେ ସହାୟକ ହେବା ସହିତ ହାଡ଼ ପ୍ରତ୍ୟାରୋପଣ, ଟୀକା ଓ ବାୟୋସେନସର୍, ଜଳ ଶୁଦ୍ଧିକରଣ, କୃଷି, ସୌନ୍ଦର୍ଯ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଏକ ମୁଖ୍ୟ ଉପାଦାନରେ ପରିଣତ ହୋଇଛି। ସେହିପରି ଡକ୍ଟର ପଣ୍ଡା କହିଛନ୍ତି, ଏହି ପେଟେଣ୍ଟ କେବଳ ଆରମ୍ଭ ମାତ୍ର; ଆମେ ନିରନ୍ତର ନବୀନତାରେ ବ୍ୟସ୍ତ ଓ ଅନେକ ନୂତନ ପ୍ରଯୁକ୍ତିରେ କାମ କରୁଛୁ। ଆମର ଲକ୍ଷ୍ୟ ହେଉଛି ଭାରତକୁ ଜୈବ ଉତ୍ପାଦ ଓ ବାୟୋ-ଆଧାରିତ ସାମଗ୍ରୀର ବିଶ୍ୱ କେନ୍ଦ୍ରରେ ପରିଣତ କରିବା।

- ବାଲେଶ୍ୱର ରେଳଷ୍ଟେସନ

# ସନ୍ଦେହଜନକ ଭାବେ ପଡ଼ିଥିବା ବ୍ୟାଗରୁ ଗଞ୍ଜେଇ ଜବତ



ବାଲେଶ୍ୱର, ୧୯ ।୧୦(ସମିସ): ବାଲେଶ୍ୱର ରେଳଷ୍ଟେସନ ମଧ୍ୟରେ ଆରପିଏଫ ପକ୍ଷରୁ ଚେକିଂ ଚାଲିଥିବା ବେଳେ ଦୁଇଟି ଅଜ୍ଞାତ ବ୍ୟାଗ ଦେଖିବାକୁ ପାଇଥିଲେ। ହେଲେ ଏହି ବ୍ୟାଗର କୌଣସି ମାଲିକ ନ ଥିବା ବେଳେ ଷ୍ଟେସନର ଏକ ସ୍ଥାନରେ ପଡ଼ିଥିବା ବେଳେ ଏହାକୁ ନେଇ ସନ୍ଦେହ କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ବ୍ୟାଗକୁ ଖୋଲିବା ପରେ ଏଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପରେ ଓଜନ କରିବା ପରେ ଏହା ୧୫କେଜି ବୋଲି ଜଣାପଡ଼ିଥିଲା। ଖଡଗପୁର ଡିଭିଜନ ଅର୍ନ୍ତଗତ ରେଳ ସୁରକ୍ଷା ବାହିନୀ ପକ୍ଷରୁ ବାଲେଶ୍ୱର ଷ୍ଟେସନରେ ଯାଞ୍ଚ କରାଯାଉଥିବା ସମୟରେ ଏକ ପ୍ଲାଟଫର୍ମରୁ ୧୫କେଜି ଗଞ୍ଜେଇ ଜବତ କରାଯାଇଛି। ବିଶେଷ କରି ଆରପିଏଫ କର୍ମଚାରୀମାନେ ଗୋଟିଏ ଲାଲ ଏବଂ ଗୋଟିଏ ନୀଳ ରଙ୍ଗର ବ୍ୟାଗ ଦୁଇଟି ଅଜ୍ଞାତ ବ୍ୟାଗ ଏକ ଷ୍ଟଲ ନିକଟରେ ରହିଥିବା ଦେଖିବାକୁ ପାଇଥିଲେ। ଦୀର୍ଘ ସମୟ ଧରି ନିରୀକ୍ଷଣ କରିବା ପରେ ଉକ୍ତ ଦୁଇଟି ବ୍ୟାଗକୁ କେହି ନେବାକୁ ଆସି ନ ଥିଲେ। ଯାଞ୍ଚ ପରେ ବ୍ୟାଗରୁ ଗନ୍ଧ ବାହାରୁ ଥିବା ସେଥିରେ କୌଣସି ମାଦକ ଦ୍ରବ୍ୟ ବା ଅନ୍ୟ କୌଣସି ସାମଗ୍ରୀ ରହିଛି ବୋଲି ଅନୁମାନ କରିଥିଲେ। ଏ ନେଇ କର୍ମଚାରୀମାନେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ସେମାନେ ଜିଲ୍ଲାପ୍ରଶାସନକୁ ଜଣାଇଥିଲେ। ତେବେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଦିନବନ୍ଧୁ କିସ୍କୁ ଘଟଣା ସ୍ଥଳକୁ ଆସିଥିଲେ। ତାଙ୍କ ଉପସ୍ଥିତିରେ ବ୍ୟାଗକୁ ଖୋଲିବା ପରେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ତାହାକୁ ଓଜନ କରିବା ପରେ ତାହା ୧୫କେଜି ବୋଲି ଜଣାପଡ଼ିଥିଲା। ଯାହାର ମୂଲ୍ୟ ଏକ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉକ୍ତ ଗଞ୍ଜେଇ ବ୍ୟାଗକୁ ସିଲ କରାଯାଇଥିଲା। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବାଣ ବଦଳରେ ହସ ଫୁଟାଇଲେ ହେଲ୍ପ ଫର୍ ୟୁ ଫାଉଣ୍ଡେସନ

- କର୍କଟ ରୋଗୀ ରାଜେନ୍ଦ୍ର ଓ ପରିବାରକୁ ସହାୟତା ପ୍ରଦାନ



ବାଲେଶ୍ୱର, ୧୯।୧୦(ସମିସ): ସଦର ବ୍ଲକ ପଦ୍ମପୁର ଗ୍ରାମପଞ୍ଚାୟତର କର୍କଟ ରୋଗୀ ରାଜେନ୍ଦ୍ର ବେହେରାଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ୬ ହଜାର ଟଙ୍କା ଓ ଦୈନିକ ଆବଶ୍ୟକ ଥିବା ସାମଗ୍ରୀ ସହାୟତା ଜିନିଷ ପ୍ରଦାନ କରିଛନ୍ତି। ପରିବାରର ରୋଜଗାରିଆ ରାଜେନ୍ଦ୍ର ଏବେ ଜୀବନ ଯନ୍ତ୍ରଣାରେ ଛଟପଟ। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ରାଜେନ୍ଦ୍ର ଆଜକୁ ତିନି ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ। ବେଶ ହସ ଖୁସିରେ ପରିବାର ଚାଲିଥିଲା। ଅଚାନକ ରାଜେନ୍ଦ୍ରଙ୍କ ପରିବାରକୁ ଦୁଃଖର କଳାବାଦଲର ଘୋଟି ଆସିଲା। ଆଜି ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ଏହି ଘଟଣାଟି ରେମୁଣା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ପଦ୍ମପୁର ଗ୍ରାମର୍। ଛିଣ୍ଡା ପଲିଥିନ ଘେରା ଘରେ କାଟୁଛି ଜୀବନ। ଏହି ଘଟଣା ବାବଦରେ ସ୍ଥାନୀୟ ଅଞ୍ଚଳ ବାସୀ ଖବର ଦେବା ପରେ ପବିତ୍ର ଦିପାବଳୀ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ବାଣ ବଦଳରେ ଅସହାୟ ପରିବାର ମୁହଁରେ ହସ ଫୁଟାଇବା ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି। ସଙ୍ଗଠନର ସମସ୍ତ ସଦସ୍ୟ, ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ରାଜେନ୍ଦ୍ରଙ୍କ ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ଓ ପରିବାରକୁ ରେସନ ସାମଗ୍ରୀ, ନୂତନ ବସ୍ତ୍ର, ପନିପରିବା, ମୁଢ଼ି, ଚାଉଳ ପ୍ରଦାନ କରିବା ସହିତ କୁନି କୁନି ପିଲାମାନଙ୍କ ପାଇଁ ପାଠ୍ୟ ଉପକରଣ, ସ୍କୁଲ ବ୍ୟାଗ, କେଣ୍ଡେଲ, ଫୁଲ ଝରି ପ୍ରଦାନ କରିଛନ୍ତି। ଏହି ମହାନତା କାମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସିଆର ପ୍ରାଚୀନ ସମ୍ବନ୍ଧ ଓ ସାମୁଦ୍ରିକ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର



ବାଲେଶ୍ୱର/ବସ୍ତା, ୧୯।୧୦(ସମିସ): ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସିଆ: ପ୍ରାଚୀନ ସମ୍ବନ୍ଧ ଓ ସାମୁଦ୍ରିକ ସଂସ୍କୃତି ସମ୍ବନ୍ଧୀୟ ଏକ ଦ୍ୱିଦିବସୀୟ ଆଲୋଚନାଚକ୍ର ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଶ୍ୟାମରାୟପୁର ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସ୍ମିତା ଧରଙ୍କ ସଂଯୋଜନାରେ ସେଭ ଲାଇଭ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପିକେ ଦେ, ପ୍ରଫେସର ଏସକେ ଦାସ, ପ୍ରଫେସର ସୁରେଶ ଚନ୍ଦ୍ର ପାତ୍ର, ସମାଜସେବୀ ମିହିର କୁମାର ଦାଶ, ସରୋଜ କୁମାର ପ୍ରଧାନ, ସେଭ ଲାଇଫ ସଂଗଠନର ସଭାପତି ଅରୁଣ କୁମାର ଦାସ ଅଧିକାରୀ, ସମ୍ପାଦକ ସୁବ୍ରତ ପ୍ରଧାନ, କୋଷାଧକ୍ଷ କଳ୍ପତରୁ ସାମନ୍ତ, ଜୟସ୍ମିତା ବେହେରା, ଅମୃତ ପାତ୍ର, ଜୟନ୍ତୀ ଜେନା, ଗୌରାଙ୍ଗ ଦାସ, ଗଦାଧର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଗୋପାଳ ଚନ୍ଦ୍ର ପ୍ରଧାନ, ଦୀପକ ପ୍ରଧାନ, ଗୌରାଙ୍ଗ ଜେନା, ବିଶ୍ୱନାଥ ଜେନା, ତୁଳସୀ ଦତ୍ତ, ସୁଦର୍ଶନ ଦାସ, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୁନି ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା



ବାଲେଶ୍ୱର, ୧୯ ।୧୦(ସମିସ): ବାଲେଶ୍ୱର ୱାଇଏମସିଏ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ସ୍ଥାନୀୟ ପୂର୍ଣ୍ଣିମା ଇଂରାଜୀ ମାଧ୍ୟମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଏହି ପ୍ରତିଯୋଗିତା ୯୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଡ୍ୟାନସ, ରାଇମିସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୱାଇଏମସିଏ ଚେୟାରମେନ ସଲିମ ବିକ୍ରମ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ଣ୍ଣିମା ପ୍ଲେ ସ୍କୁଲର ଅଧ୍ୟକ୍ଷ ଜ୍ୟୋତି ଶଙ୍କର ନନ୍ଦଙ୍କ ସମେତ ନୟମି ବେହେରା, ମାନସୀ ମହାପାତ୍ର ପ୍ରମୁଖ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୱାଇଏମସିଏର ସମ୍ପାଦକ ସବିନୟ ବେହେରା ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୱାଇଏମସିଏର ବାଲେଶ୍ୱର ସଭ୍ୟ, ସଭ୍ୟା ବିନୋଦିନୀ ସାମନ୍ତରାୟ, ଜୟନ୍ତୀ ନାୟକ, ସୁସ୍ୱପ୍ନା ଦାସ, ସଞ୍ଜନା ମହାପାତ୍ର, ଅନିମେଶ ସିଂ, ସୁବାସିସ ମହାପାତ୍ର, ଶୁଭଜିତ ମହାପାତ୍ର, ସୌମ୍ୟଦିପ୍ତ ମହାପାତ୍ର, ଅର୍ଦ୍ଧେନ୍ଦୁ ଶେଖର ଦାସ, ବିନୟ ଭୂଷଣ ସିନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ନିଶା ବିରୋଧୀ ସଚେତନତା ଶିବିର

ବାଲେଶ୍ୱର,୧୯।୧୦(ସମିସ): ରମାରାଣୀ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତାମୁଲିଆ ଓ ମିଳିତ ନିଶା ନିବାରଣ ଅଭିଯାନର ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ଚରଣ ବାରିକ ସ୍ୱାଗତ ଭାଷଣରେ ନିଶା ବିରୋଧରେ "ମନା'ର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତବ୍ୟକ୍ତ



କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ସଚେତନ ହେଲେ ହିଁ ଆମ ଦେଶକୁ ନିଶାମୁକ୍ତ କରାଯାଇପାରିବ ବୋଲି କହିଥିଲେ। ଉପଦେଷ୍ଟା ସୁବ୍ରତ କର ସମାଜରୁ ନିଶାକୁ ଦୂର କରିବା ପାଇଁ ସରକାରଙ୍କ ଆଇନ ପ୍ରଣୟନକୁ ଅପେକ୍ଷା ନକରି ନୂତନ ପିଢ଼ି ଏ ସମ୍ପର୍କରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା ନିଶା ସେବନ ନକରି ପଢ଼ିବାର ଓ ସମାଜସେବା ନିଶାରେ ନିଜକୁ ନିୟୋଜିତ କରିବା ପାଇଁ କହିଥିଲେ। ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଶା ବିରୋଧି ବକ୍ତୃତା ପ୍ରଦାନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଦେବଶ୍ୱେତା ରାଉତ ଓ ସତ୍ୟରଞ୍ଜନ ପରିଡ଼ାଙ୍କୁ "ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଇଂ. ପ୍ରବୀନ୍ ବରଦା ସାହୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। "ମନା'ର ସଂପାଦିକା ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ଦୟାନିଧି ମହାପାତ୍ର, ଗଙ୍ଗାଧର ପୃଷ୍ଟି, ସଞ୍ଜୟ ପଣ୍ଡା (ଖ) ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୯।୧୦(ସମିସ): ଅପମାନ ଓ ଦୁର୍ବ୍ୟବହାର ପାଇଥିବା ସଦର ଥାନା ଅନ୍ତର୍ଗତ ସାହୁପଡ଼ାର ଦୁମୁଦା ଅଞ୍ଚଳର ସନ୍ତୋଷ କୁମାର ମାହାଲ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୦ ତାରିଖ ଦିନ ସନ୍ତୋଷ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଫିସରେ ପିଓଙ୍କୁ ଅଫିସରେ ଭେଟି ଏକ ବାର୍ଦ୍ଧକ୍ୟ ଭତ୍ତା ଫର୍ମ ଦେଇଥିଲେ। ତାହା ଦେଖି ତାଙ୍କ ଘରକୁ ଯିବା ପାଇଁ କହିଥିଲେ। ସେହି ଅନୁସାରେ ସନ୍ତୋଷ ତାଙ୍କ ଘରକୁ ଯାଇଥିଲେ। ସେତେବେଳେ ଫର୍ମଟିକୁ ଦେଖି ପଞ୍ଚାୟତ ଅଫିସରୁ ଷ୍ଟାମ୍ପ ମାରି ଆଣିବା ପାଇଁ କହିଥିଲେ। ଫର୍ମରେ ଷ୍ଟାମ୍ପ ଦେବା ପରେ ଲେଖାରେ ଭୁଲ ଥିବା କହି ଚିରି ଦେଇଥିଲେ। ଏଥିସହିତ ସନ୍ତୋଷଙ୍କୁ ଦୁର୍ବ୍ୟବହାର କରିଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ପରେ ୧୭ ତାରିଖ ଦିନ ଏକ ରାସନ କାର୍ଡ ଓ ସେଇ ଭତ୍ତା ଫର୍ମ ନେଇ ଉକ୍ତ ପିଓଙ୍କୁ ଦେଇଥିଲେ। ସେ ହଠାତ୍ ଉତକ୍ଷିପ୍ତ ହୋଇ ଭତ୍ତା ଫର୍ମ ଓ ରାସନ କାର୍ଡ ଚିରି ଦେଇଥିଲେ। ଅପମାନ ଓ ଦୁର୍ବ୍ୟବହାର ହୋଇଥିବାରୁ ସନ୍ତୋଷ ଜିଲ୍ଲାପାଳଙ୍କୁ ଭେଟି ଏବାବଦରେ ଏକ ଦାବି ପ୍ରଦାନ କରିଛନ୍ତି। ଏହି ଘଟଣାର ତଦନ୍ତ କରି ବିହୀତ ପଦକ୍ଷେପ ନେବାକୁ ସନ୍ତୋଷ ନିବେଦନ କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ବାଲେଶ୍ୱର ପ୍ରୋଜେକ୍ଟ ଡାଇରେକ୍ଟରଙ୍କୁ ପ୍ରଦାନ କରିଛନ୍ତି।




# ମଦମୁକ୍ତି ଯୁବବାହିନୀର ପ୍ରଭାତଫେରୀ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୯।୧୦(ସମିସ)




ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ ପୋଲିସ ଲାଇନଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମଦ ନୀତି ଯୋଗୁଁ ପ୍ରତ୍ୟେକ ଦିନ ଘଟୁଥିବା ଘଟଣା ଓ ସରକାର ଏବଂ ରାଜନେତାମାନେ କିପରି ଏହି ଗମ୍ଭୀର ସମସ୍ୟାକୁ ଅଣଦେଖା କରିଚାଲିଛନ୍ତି ତାହାକୁ ସଙ୍ଗଠନର ସଦସ୍ୟମାନେ ପ୍ଲା-କାର୍ଡ଼ ଓ ଗୀତ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଚାରପତ୍ର ପ୍ରଦାନ କରିଥିଲେ। ଗୁଜରାଟ, ବିହାର ଭଳି ଓଡ଼ିଶା ସରକାରଙ୍କୁ ଏହି ଅର୍ଥ ନ ମିଳିଲେ ମଧ୍ୟ ରାଜ୍ୟ ସହଜରେ ଚଳିପାରିବ। କିନ୍ତୁ ମଦ ମିଳୁଥିବା କାରଣରୁ ରାଜ୍ୟରେ ଗାଡ଼ି ଦୁର୍ଘଟଣା, ଘରୋଇ ହିଂସା, ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର, ଗୋଷ୍ଠୀ ସଂଘର୍ଷ ପରି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ରାଜସ୍ୱ ପାଇଁ ନୁହଁ ବରଂ ରାଜ୍ୟରେ କୃଷି, ରୋଜଗାର, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ମୌଳିକ ସମସ୍ୟା ଉପରୁ ଜନସାଧାରଣଙ୍କ ନଜର ହଟାଇବା ଏବଂ ଯୁବଗୋଷ୍ଠୀଙ୍କୁ ନିଶା ଦ୍ୱାରା ମାନସିକ ପଙ୍ଗୁ କରିବା ସହ ସରକାରଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ ପଚାରିବାର କ୍ଷମତା ହରାଇବା ଭଳି ଷଡ଼ଯନ୍ତ୍ର କରି ରାଜ୍ୟ ସରକାର ମଦ ବିକ୍ରି କରୁଥିବା କଥା ଯୁବାବାହିନୀ ସଦସ୍ୟ ବନ୍ଦେମାତରଂମ୍ ପ୍ରକାଶ କରିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମଦ ବିକ୍ରି କରିବା ଏକ ଜନମଙ୍ଗଳକାରୀ ସରକାରଙ୍କ ଲକ୍ଷଣ ନୁହେଁ, କିନ୍ତୁ ଓଡ଼ିଶାର ଜନସାଧାରଣଙ୍କ ଅନିଚ୍ଛା ସତ୍ତ୍ୱେ ଏ ଅହଙ୍କାରୀ ସରକାର ଅଧିକରୁ ଅଧିକ ମଦ ଦୋକାନକୁ ସ୍ୱକୃତି ପ୍ରଦାନ କରୁଛନ୍ତି। ତେଣୁ ଏହି ବ୍ୟବସ୍ଥାଗତ ବିଶ୍ୱାସଘାତକତା ବିରୁଦ୍ଧରେ ଆଜିର ଯୁବଗୋଷ୍ଠୀ ସ୍ୱର ଉତ୍ତୋଳନ କରିବାକୁ ମଦମୁକ୍ତି ଯୁବବାହିନୀ ପକ୍ଷରୁ ବଳରାମ ବାରିକ ଅହ୍ୱାନ ଦେଇଛନ୍ତି। ମଦ ଦୋକାନ ବନ୍ଦ ପାଇଁ ଆବଶ୍ୟକ ଜନଜାଗରଣର ସୂତ୍ରଧର ଓଡ଼ିଶାର ସ୍ୱାଭିମାନୀ ଯୁବକଟିଏ ହିଁ ହୋଇପାରେ। ଏଥିପାଇଁ ସେହି ଯୁବକ ମାନଙ୍କୁ ସମାଜ କଲ୍ୟାଣର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଯୋଡ଼ିବା ନିମିତ୍ତ ମଦମୁକ୍ତି ଯୁବବାହିନୀ ଓଡ଼ିଶା ବିଭିନ୍ନ ବ୍ଲକରେ 'ପ୍ରଭାତଫେରି' କାର୍ଯ୍ୟକ୍ରମ ଆୟୋଜିତ କରିଥାଏ ବୋଲି ଯୁବବାହିନୀର ଅନ୍ୟତମ ସଦସ୍ୟ ପ୍ରମୋଦ ମହାଳିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମଦମୁକ୍ତି ଯୁବବାହିନୀ ବାଲେଶ୍ୱରର ସଦସ୍ୟ ନମିତା ବାରିକ, ପିଙ୍କି ମହାନ୍ତି, ମୁକ୍ତିକାନ୍ତ ପାଣିଗ୍ରାହୀ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ବୈଜ୍ଞାନିକ ନିର୍ଯାସର ଆଧାର ସ୍ୱାଧୀନ ଚିନ୍ତନ ଓ କଠିନ ପରିଶ୍ରମ; ବ୍ୟୟବହୁଳ ଉପକରଣ ନୁହେଁ।
- ସି.ଭି.ରମଣ

## ଆତସ ଆତଙ୍କ

ଆମର ଏହି ଅଗ୍ରଲେଖ ପାଠ କରିବା ବେଳକୁ ପାଠକମାନେ ଦୀପାବଳୀ ପାଳନର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଥିବେ ଏବଂ ପସନ୍ଦ ମୁତାବକ ବାଣ କିଣିସାରିଥିବେ। ତଥାପି ସଚେତନଧର୍ମୀ ଗଣମାଧ୍ୟମର ଦାୟିତ୍ୱ ଭାବେ ଆମେ ସେ ବିଷୟରେ କିଛି ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ବାଣ(ଆତସବାଜି)ର ପରିବେଶ ଓ ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ବିଷୟରେ ଆଉ ଲୋକମାନଙ୍କର ଅଜ୍ଞତା ବିଶେଷ ନାହିଁ। ତଥାପି କେବଳ ବାଣ ଫୁଟାଇବାର ପ୍ରତିଯୋଗୀ-ମାନସିକତା ଯୋଗୁଁ ଦେଶରେ ବର୍ଷକୁ ବର୍ଷ ବାଣ ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ବଢ଼ିବାରେ ଲାଗିଛି। ତତ୍କାଳ ପ୍ରଭାବରେ ବାୟୁମଣ୍ଡଳ ବିଷାକ୍ତ ଧୂଆଁ ଓ ଶବ୍ଦରେ ପରିପୂର୍ଣ୍ଣ ହୋଇପଡୁଛି। ବିଶେଷକରି ରାଜଧାନୀ ଦିଲ୍ଲୀ ଅଞ୍ଚଳରେ ବାୟୁର ମାନ ଅତି ଉତ୍କଟ ସ୍ତରକୁ ଚାଲିଯାଉଛି। ଲୋକଙ୍କୁ ଏହି ବିଷମୟ ଆନନ୍ଦ ଉପଲବ୍ଧିରୁ ନିବୃତ କରିବା ପାଇଁ ବ୍ୟାପକ ସଚେତନ କରାଯାଉଥିଲେ ହେଁ ଫଳପ୍ରଦ ହେଉନାହିଁ। ଶେଷରେ ଦେଶର ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରି ଦିଲ୍ଲୀ ଅଞ୍ଚଳରେ ବାଣ ବିକ୍ରି ଓ ବ୍ୟବହାର ଉପରେ କଟକଣା ଜାରି କରିଥିଲେ ଏବଂ ଚଳିତ ବର୍ଷ ଦେଶର ସବୁ ଅଞ୍ଚଳରେ ଲାଗୁ କରାଯିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ଲୋକଙ୍କ ବାଣ ଫୁଟା ଜିଦ୍ ଆଗରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ନିରୂପାୟ ଓ ଅସହାୟ ହୋଇପଡ଼ିଥିବା ଦେଖାଯାଇଛି। ତେଣୁ ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଗ୍ରୀନ୍ କ୍ରାକର ବା ସବୁଜ ବାଣର ନିର୍ଦ୍ଦିଷ୍ଟ ଦିନ, ନିର୍ଦ୍ଦିଷ୍ଟ ଅଞ୍ଚଳରେ ମାତ୍ର କିଛି ଘଣ୍ଟା ପାଇଁ ବିକ୍ରି କରିବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ଦେଇଛନ୍ତି।

ସବୁଜ ବାଣ ନାମରେ ବିକ୍ରି ହେଉଥିବା ଆତସ କେତେ ସବୁଜ ବା ପରିବେଶ ଅନୁକୂଳ ତାହା ପ୍ରମାଣ କରିବାର ଉପାୟ ନାହିଁ। କାରଣ ଆମ ମାନବ ସମ୍ବଳ ଏତେ କମ୍ ଏବଂ ବ୍ୟବସ୍ଥା ଏତେ ଦୁର୍ବଳ ଯେ ଖୋଲା ବଜାରରେ ବିକ୍ରି ହେଉଥିବା ସବୁଜ ବାଣ ର ଖୋଳପା ଭିତରେ ପାରମ୍ପରିକ ବାଣ ବିକ୍ରି ହେଉଥିବା ମଧ୍ୟ ଅସମ୍ଭବ ନୁହେଁ। ଏହାଛଡ଼ା ଖାଣ୍ଟି ସବୁଜ ବାଣ ଯେ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ତାହା ମଧ୍ୟ ନିଶ୍ଚିତ ନୁହେଁ। ନିକଟରେ ଆପୋଲୋ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନଧର୍ମୀ ବାର୍ତ୍ତାଟିଏ ଦେଇ କହିଛନ୍ତି ଯେ ସବୁଜ ବାଣ ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ କିମ୍ବା ପ୍ରଦୂଷଣମୁକ୍ତ ନୁହେଁ। ପାରମ୍ପରିକ ବାଣଠାରୁ ଏହା କେବଳ ୩୦% ପ୍ରଦୂଷଣ ହ୍ରାସ କରିପାରେ। ତେଣୁ ସବୁଜ ବାଣ ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ।

ଏଠାରେ ପ୍ରଶ୍ନ ଉଠୁଛି ପରିବେଶକୁ ନିଜ ହାତରେ ଜାଣିଶୁଣି ବିଷାକ୍ତ କରି ଉତ୍ସବ ପାଳନ କ'ଣ ନିହାତି ଜରୁରୀ। ମାତ୍ର ଦୁଇ/ତିନି ଦଶନ୍ଧି ଭିତରେ ଦେଶର ସାମାଜିକ-ଅର୍ଥନୈତିକ ଚିତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ପୂର୍ବାପେକ୍ଷା ଯାନବାହନ ଓ ଜୀବାଶ୍ମ ଇନ୍ଧନ ଦହନ ମାତ୍ରା ଏତେ ବଢ଼ିଯାଇଛି ଯେ ବାୟୁର ସ୍ୱାଭାବିକ ମାନ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏବେ ସମୟ ଆସିଛି ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱଗୁଡ଼ିକୁ ଯଥାସମ୍ଭବ ହ୍ରାସ କରିବାର। କିନ୍ତୁ ଆମେ ତା'ର ବିପରୀତ ଆଚରଣ କରୁଛୁ। ପରମ୍ପରା ଓ ପର୍ବ ନାମରେ ପାଳନ ହୋଇଆସୁଥିବା ବାଣଫୁଟା ଅଭ୍ୟାସକୁ ଯଥାଶୀଘ୍ର ତ୍ୟାଗ ନ କଲେ ଆଗକୁ ପରିସ୍ଥିତି ଭୟାବହ ହୋଇପାରେ। ଏ ଦିଗରେ ସରକାରୀ ତତ୍ପରତା ସହିତ ଲୋକ ସଚେତନତା ମଧ୍ୟ ଅନେକ ମହତ୍ତ୍ୱ ରଖେ।



ପ୍ରଥମ କଥା ହେଲା ନିର୍ଦ୍ଦେଶନାମା ଆସିବାର ଯଥେଷ୍ଟ ଆଗରୁ ବିଭିନ୍ନ ପ୍ରଦୂଷଣସୃଷ୍ଟିକାରୀ ବାଣ ସବୁ ବଜାରକୁ କିମ୍ବା ଗ୍ରାହକଙ୍କ ହାତକୁ ଯଥେଷ୍ଟ ଆଗରୁ ଏଥର ଚାଲିଯାଉଛି। ଦ୍ୱିତୀୟ କଥା ହେଲା ବାଣ ଫୁଟାକୁ ନିୟନ୍ତ୍ରଣ କରିବା ଏବଂ ସବୁଜ ଓ ପ୍ରଦୂଷିତ ଆତସବାଜି ମଧ୍ୟରେ ଥିବା ପାର୍ଥକ୍ୟ ଦେଖିବାକୁ ସରକାର କିମ୍ବା ପୁଲିସ ପ୍ରଶାସନ ପାଖରେ ଯଥେଷ୍ଟ ଲୋକଶକ୍ତି ତଥା ସାଧନ ନାହିଁ। ତେଣୁ ଅଦାଲତ ଅଥବା ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥାଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛି। ତେଣୁ ବାଣ ଯେପରି ଫୁଟୁଥିଲା, ତା'ଠାରୁ ଅଧିକ ଫୁଟୁଛି ଏବଂ ତତ୍‌ଜନିତ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବାଣଫୁଟାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଥମେ ଉତ୍ପାଦନର ଉତ୍ସକୁ ଜଗିବାକୁ ପଡ଼ିବ। ବାଣ ପ୍ରସ୍ତୁତି, ଚାଲାଣ ଓ ବିକ୍ରିବଟା ଉପରେ ସରକାରୀ କଟକଣା ବା ନିଷେଧାଦେଶ ଆଗୁଆ ରହିଲେ ବାଣ ବ୍ୟବହାର କମି ପାରନ୍ତା। କିନ୍ତୁ ସଚେତନ ଓ କଟକଣା ଦାୟିତ୍ୱରେ ଥିବା ପକ୍ଷ ଯଦି ବାଣ କିଣା ଓ ବାଣ ଫୁଟାକୁ ଆନନ୍ଦ ନାମରେ ଅଗ୍ରାଧିକାର ଦେବ ତେବେ ବାଣଫୁଟା କମିବ କେମିତି?

ଏକଦା ଆନନ୍ଦର ଉତ୍ସ ଆତସ ଏବେ ଆତଙ୍କର ରୂପ ନେବାରେ ଲାଗିଛି। ବେଳ ହୁଁ ସଚେତନ ନ ହେଲେ ଏହି ଅଦୃଶ୍ୟ ଆତଙ୍କ ଆମ ପରିବେଶ ସହିତ ଉତ୍ତରପିଢ଼ିଙ୍କୁ ପଙ୍ଗୁ କରିଦେବା ଅସମ୍ଭବ ନୁହେଁ। 'ରୋଗୀଣା ଭାରତ'ର ଅପବାଦ ଅର୍ଜନ କରିବା ପୂର୍ବରୁ ଏବେଠାରୁ ପ୍ରତିକାର ଓ ପ୍ରତିରୋଧ ଆରମ୍ଭ ହେବା ଆବଶ୍ୟକ। ନ ହେଲେ ଉତ୍ତରପିଢ଼ି ଆମକୁ କ୍ଷମା ଦେବ ନାହିଁ। ଏ ଦାୟିତ୍ୱ ଏବେ ଅଭିଭାବକଙ୍କର।

## ଗଣତନ୍ତ୍ରର ବିବର୍ତ୍ତନଧାରା

ଡ. ବିମଳ ଷଡ଼ଙ୍ଗୀ

ଭେନେଜୁଏଲାର ବିରୋଧୀଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୫ମସିହାର ଶାନ୍ତି ନୋବେଲ ପୁରସ୍କାର ପାଇଁ ମନୋନୀତ ହେବା ଅତ୍ୟନ୍ତ ଖୁସିର ଖବର। ମାତ୍ର ଭେନେଜୁଏଲାରେ ପୂର୍ବ ପ୍ରଚଳିତ ଗଣତନ୍ତ୍ରର ବିଲୟ ପ୍ରକ୍ରିୟା ମଧ୍ୟ ପ୍ରଣିଧାନଯୋଗ୍ୟ। ଭେନେଜୁଏଲା ଏକଦା ଲାଟିନ୍ ଆମେରିକାର ସବୁଠାରୁ ସ୍ଥିର ଗଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ଥିଲା, ଯାହାର ଶାସନ ବ୍ୟବସ୍ଥା ଗଣତନ୍ତ୍ରରୁ ଏକଛତ୍ରବାଦୀକୁ ପରିବର୍ତ୍ତନ ଅପ୍ରତ୍ୟାଶିତ ନଥିଲା। ଏହା ଏକ ଧୀର ଲୁକ୍କାୟିତ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ତଥାକଥିତ ନେତାମାନଙ୍କ ଦ୍ୱାରା ରଚିତ ହୋଇଥିଲା। ଅର୍ଥାତ ନେତାମାନେ ଯେତେବେଳେ କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭିତରୁ ଫାଙ୍ଗା କରି ସ୍ୱେଚ୍ଛାଚାରୀ ପଦକ୍ଷେପକୁ ଯଥାର୍ଥ ଦର୍ଶାନ୍ତି, ପ୍ରତାରଣା ପୂର୍ଣ୍ଣ ଭାଷଣବାଜି ଓ ନୀଚକାର୍ଯ୍ୟ ସାହାରାରେ ନିଜ ସପକ୍ଷରେ ଜନସମର୍ଥନର ଫଳାଫଳକୁ ଅକ୍ତିଆର କରନ୍ତି ଏବଂ ଆଇନକୁ ରାଜନୀତିକରଣ, ଭିନ୍ନମତକୁ ଦମନ, ସଂସ୍ଥାଗତ ବ୍ୟବସ୍ଥାକୁ ଭାଙ୍ଗିବା ଆଦି କାର୍ଯ୍ୟରେ ଲିପ୍ତ ହୁଅନ୍ତି, ସେତେବେଳେ ଗଣତନ୍ତ୍ର ବିପଦରେ ପଡ଼ିଥାଏ।

ପ୍ରତ୍ୟେକ ଦେଶର ସମ୍ବିଧାନର ନିୟମ ଅନୁସାରେ କିଛି ରାଜନୈତିକ ଦଳ ସଂଖ୍ୟାଗରିଷ୍ଠ ଜନତାଙ୍କ ଭୋଟ ଆଧାରରେ ଶାସନ କ୍ଷମତାକୁ ଆସି ଜନତାଙ୍କ ପାଖରେ ଉତ୍ତରଦାୟୀ ରହି ଜନତାଙ୍କ ସୁଖ, ଶାନ୍ତି, ସମୃଦ୍ଧି, ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସମସ୍ୟାକୁ ସମାଧାନ କରିବାର ସଂକଳ୍ପ ନେଇଥା'ନ୍ତି। ମାତ୍ର ଗଣତନ୍ତ୍ରର ଯାତ୍ରା ଦାର୍ଶନିକ ବିତର୍କ, ରାଜନୈତିକ ସଂଘର୍ଷ, ଭ୍ରଷ୍ଟାଚାର, ଆତ୍ମକୈନ୍ଦ୍ରିକ ଆଚାର, ହିଂସା, ପରଶ୍ରୀକାତରତା, କ୍ଷମତାର ଅପବ୍ୟବହାର ଆଦି ସାମାଜିକ ପରିବର୍ତ୍ତନରେ ପରିପୂର୍ଣ୍ଣ ହୋଇଚାଲେ। ଗଣତନ୍ତ୍ର ବାସ୍ତବତାରୁ ବହୁଦୂରକୁ ଚାଲିଯାଏ। ଗଣତନ୍ତ୍ରକୁ ଅପବ୍ୟବହାର କରି ବିଜୟୀ ଦଳର ଏକଛତ୍ରବାଦୀ କାର୍ଯ୍ୟକଳାପ ନୂତନ ପିଢ଼ିର ସ୍ଥାୟିତ୍ୱ ପାଇଁ ବିପଦ ଆଣେ।

ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରୁ ଗଣତନ୍ତ୍ର ତା'ର ଜନ୍ମସ୍ଥାନ ଏଥେନ୍ସରୁ ଯାତ୍ରା ଆରମ୍ଭ କରିଥଲା। ୧୭୮୯ ମସିହାର ଫରାସୀ ରାଷ୍ଟ୍ର ବିପ୍ଳବ ଏବଂ ବିଂଶ ଶତାବ୍ଦୀରେ ବିଶ୍ୱଯୁଦ୍ଧ ଓ ଉପନିବେଶୀକରଣ ଆନ୍ଦୋଳନ ପରେ ୟୁରୋପ, ଏସିଆ ଓ ଆଫ୍ରିକାରେ ଅନେକ ନୂତନ ଗଣତାନ୍ତ୍ରିକ ରାଷ୍ଟ୍ର ଗଠନ ହୋଇଥିଲା। ଆମେରିକାରେ ନାଗରିକ ଅଧିକାର ଆନ୍ଦୋଳନ, ମହିଳା ମତଦାନ, ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ, ୧୯୪୭ ରୁ ୧୯୯୧ ମସିହା ମଧ୍ୟରେ ଗଣତାନ୍ତ୍ରିକ ପୁଞ୍ଜିବାଦୀ ବ୍ୟବସ୍ଥା ଏବଂ ସାମ୍ୟବାଦୀ ଶାସନ ମଧ୍ୟରେ ଏକ ବିଶ୍ୱ ଏକ ଆଦର୍ଶଗତ ଯୁଦ୍ଧ ଦେଖିଥିଲା। ବିଂଶ ଶତାବ୍ଦୀରେ ଭାରତ ପରି ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ଜନ୍ମପରେ ସାରା ବିଶ୍ୱରେ ଗଣତନ୍ତ୍ର ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ମାତ୍ର ନିକଟରେ ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ବୁର୍କିନା ଫାସୋ ଆଦି ଦେଶଗୁଡ଼ିକରେ ଗଣତାନ୍ତ୍ରିକ ବ୍ୟବସ୍ଥାର ଅପ୍ରାସଙ୍ଗିକ ରୂପକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରୟାସ ଆଜି ଗଣତନ୍ତ୍ରର ସଂଜ୍ଞା ପରିବର୍ତ୍ତନ କରିଦେଇଛି।

ପ୍ରଚଳିତ ଗଣତାନ୍ତ୍ରିକ ବ୍ୟବସ୍ଥାର ବିକୃତ ରୂପ ପାଇଁ ୨୦୨୫ମସିହା ସେପ୍ଟେମ୍ବର ମାସ ପ୍ରାରମ୍ଭରେ ନେପାଳରେ ଏକ ବିସ୍ଫୋରଣ ସୃଷ୍ଟି କରିଥିଲା। ନେପାଳର ସମ୍ବିଧାନ ମତାମତ ଏବଂ ବିଭିନ୍ନ ସଭାର ସ୍ୱାଧୀନତା ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଏକ ମୌଳିକ ଗଣତାନ୍ତ୍ରିକ ଅଧିକାର ଦେଇଥାଏ। ଜାତିଗତ, ଆଞ୍ଚଳିକ ଓ ପରିଚୟଭିତ୍ତିକ ଆନ୍ଦୋଳନ ଗଣତାନ୍ତ୍ରିକ ଭାବରେ ଉପେକ୍ଷିତ ଗୋଷ୍ଠୀ ଯଥା ମାଧେସୀ, ଥରୁ, ଜନଜାତି, ଦଳିତ ଉପରେ ହେଉଥିବା ଅଶାନ୍ତିର ପ୍ରତିବାଦ ସ୍ୱରୂପ ଆରମ୍ଭ ହୋଇଥିଲା ଏବଂ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦ ଥିଲା। ମାତ୍ର ଶାସକ ଦଳର ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ, ଅତ୍ୟଧିକ ବଳ ପ୍ରୟୋଗ କିମ୍ବା ମନମୁଖି ଗିରଫଦାରୀ ଅଗଣତାନ୍ତ୍ରିକ ଥିଲା। ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଦମନ ନୁହେଁ, ବରଂ ଆଲୋଚନା ଏବଂ ଆଇନଗତ ପ୍ରତିକାର ସହିତ ପ୍ରତିକ୍ରିୟା ଦେବା ଉଚିତ। ପ୍ରତିବାଦ ଉପରେ କଟକଣା, ରାଜନୈତିକ ଅଚଳାବସ୍ଥା ସମୟରେ ନାଗରିକ ସମାଜ ପ୍ରତିବାଦ ବିରୁଦ୍ଧରେ ପୁଲିସ କାର୍ଯ୍ୟାନୁଷ୍ଠାନ, ନ୍ୟାୟିକ ସ୍ୱାଧୀନତା ଏବଂ ଆଇନର ଶାସନ ଉପରେ ବିବାଦ ସହିତ ଜଡ଼ିତ ଅଶାନ୍ତି, ସାମ୍ବିଧାନିକ ବିଳୟ, ଦୁର୍ନୀତି ମାମଲା, ଗଣତାନ୍ତ୍ରିକ ପ୍ରତିଷ୍ଠାନର ଭଙ୍ଗୁରତାକୁ ସୂଚାଉଥିଲା। ଯେତେବେଳେ ନେତାମାନେ ଜନକଲ୍ୟାଣ ଅପେକ୍ଷା ଦଳୀୟ ଓ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦିଅନ୍ତି ସେତେବେଳେ ଜନଅସନ୍ତୋଷ ଦେଖାଯାଏ।

ଶ୍ରୀଲଙ୍କାରେ ପୂର୍ବତନ ରାଷ୍ଟ୍ରପତି ରାଜପକ୍ଷେ ପରିବାରର ପ୍ରାଧାନ୍ୟ, ମିଥ୍ୟା ଲୋକବାଦୀ ଭାଷଣବାଜି ମାଧ୍ୟମରେ କ୍ଷମତାର କେନ୍ଦ୍ରୀକରଣ, ରାଷ୍ଟ୍ର ସମ୍ବଳର ଅପବ୍ୟବହାର ଯୋଗୁଁ ଗଣତାନ୍ତ୍ରିକ ସନ୍ତୁଳନର କ୍ଷୟ ହୋଇଥିଲା। ତେଣୁ ଆର୍ଥିକ ଅସ୍ଥିରତା ଏବଂ ଅସମାନତା, ଉଚ୍ଚ ଦାରିଦ୍ର୍ୟ, ବେକାରୀ ଓ ମୁଦ୍ରାସ୍ଫୀତି ଗଣତାନ୍ତ୍ରିକ ସରକାର ଉପରେ ବିଶ୍ୱାସକୁ ହ୍ରାସ କରିଥିଲା। ଫଳରେ ୨୦୨୨ମସିହାରେ ଶ୍ରୀଲଙ୍କାର ଅର୍ଥନୈତିକ ପତନ ଜନବିରୋଧ ସୃଷ୍ଟି କରିଥିଲା, ଯାହା ରାଷ୍ଟ୍ରପତିଙ୍କ ଇସ୍ତଫାର କାରଣ ହୋଇଥିଲା। ଏହା ଗଣତାନ୍ତ୍ରିକ ଅବକ୍ଷୟର ଏକ ସଙ୍କେତ ଭାବରେ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରିଥିଲା।

ବାଂଲାଦେଶରେ ଧର୍ମନିରପେକ୍ଷ ଓ ଇସଲାମିକ ଶକ୍ତି ମଧ୍ୟରେ ଉତ୍ତେଜନା ରାଜନୈତିକ ଅସ୍ଥିରତା ଏବଂ ସଂଖ୍ୟାଲଘୁ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ବାହ୍ୟ ପ୍ରଭାବ ଭାବରେ କିଛି ଶକ୍ତିଶାଳୀ ଦେଶ, ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱୀ କେତେକ ସମୟରେ ଘରୋଇ ରାଜନୀତିରେ ହସ୍ତକ୍ଷେପ କରିପାରନ୍ତି ବା ଶାସନକୁ ସମର୍ଥନ କରିପାରନ୍ତି କିମ୍ବା ନିଜ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଗଣତନ୍ତ୍ରକୁ ଦୁର୍ବଳ କରିପାରନ୍ତି। ତେଣୁ ଶାସନରେ ରହିବାକୁ ହେଲେ ଦେଶ ଭିତର ସମସ୍ୟା ସହିତ ବାହ୍ୟଶତ୍ରୁଙ୍କ କାର୍ଯ୍ୟକଳାପକୁ ସବୁସମୟରେ ନଜର ରଖିବାକୁ ପଡ଼ିଥାଏ। ସେହିପରି୧୯୮୪ ମସିହାରେ ସ୍ୱାଧୀନ ରାଷ୍ଟ୍ର ବୁର୍କିନା ଫାସୋ ଏକ ବିକାଶଶୀଳ ଦେଶ ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ଦୁର୍ନୀତି, ଅନ୍ୟାୟ, ପ୍ରିୟାପ୍ରୀତି ତୋଷଣ, ବେକାରି, ଖାଦ୍ୟାଭାବ ଆଦି ପ୍ରମୁଖ କାରଣ ସହିତ ମାଲି, ନିଜେର୍, ଗିନି ଭଳି ପଡ଼ୋଶୀ ଦେଶଗୁଡ଼ିକର ସାମରିକ ବିପ୍ଳବ ସେମାନଙ୍କୁ ସାମରିକ ଶାସନ ପ୍ରତି ଆକୃଷ୍ଟ କରିଥିଲା।

ଏସବୁକୁ ଅନୁଧ୍ୟାନ କଲେ ଆମେ ଦେଖିବା ଯେ ଆଧୁନିକ ଯୁଗରେ ଗଣତନ୍ତ୍ରର ପରିଭାଷାକୁ ପୁନଃ ବ୍ୟାଖ୍ୟା କରାଯିବାର ସମୟ ଆସିଯାଇଛି। ଡିଜିଟାଲ ଯୁଗରେ ପୁରୁଣା ଗଣତନ୍ତ୍ର ପଦ୍ଧତିକୁ ନୂଆ ରୂପରେ କିଛି ଉଦାହରଣ ସହିତ ବିକଶିତ କରାଯାଇପାରେ ଏବଂ ଏକ ମୌଳିକ ଉପାଦାନ ଭାବରେ ଡିଜିଟାଲ ଅଂଶଗ୍ରହଣକୁ ଅନ୍ତର୍ଭୁକ୍ତ କରି ଗଣତନ୍ତ୍ରକୁ ବିକଶିତ କରାଯାଇପାରେ। ଏସ୍ତୋନିଆ, ବ୍ରାଜିଲ ନ୍ୟୁୟର୍କ, କାଲିଫର୍ଣ୍ଣିଆ, ନ୍ୟୁଜିଲ୍ୟାଣ୍ଡର 'ନାଗରିକ ସଭା', ଫିନଲ୍ୟାଣ୍ଡର ଗଣତାନ୍ତ୍ରିକ ଶିକ୍ଷା ବ୍ୟବସ୍ଥା ଓ ସମାଲୋଚନାତ୍ମକ ଚିନ୍ତାଧାରା ସହିତ 'ଡିଜିଟାଲ୍ ଗଣତନ୍ତ୍ର' ଆଡ଼କୁ ଅଗ୍ରସର ହେଉଛନ୍ତି, ଯାହା ନାଗରିକମାନଙ୍କୁ ଅନଲାଇନରେ ଭୋଟ ଦେବା ଏବଂ ଇ-ସରକାରୀ ସେବାରେ ଅଂଶଗ୍ରହଣ କରିବାର ଅନୁମତି ଦେଇଛି। କେବଳ ନୀତି ଉପରେ ଭୋଟ ଦେବା ପରିବର୍ତ୍ତେ, ନାଗରିକମାନେ ଅର୍ଥପୂର୍ଣ୍ଣ ଆଲୋଚନା, ବିତର୍କ ଏବଂ ନିଷ୍ପତ୍ତି ଗ୍ରହଣରେ ସାମିଲ ହୋଇପାରୁଛନ୍ତି। ଭବିଷ୍ୟତ ପାଇଁ ଏକ ଶିକ୍ଷିତ ଭୋଟର ଭାବରେ ନିଜର ଅଧିକାର ସର୍ବତ୍ର ସାବ୍ୟସ୍ତ କରିପାରୁଛନ୍ତି। ହାନ ନା ଆରେଣ୍ଟ କହିଥିଲେ ଯେ ଏକ ଗୋଷ୍ଠୀତାନ୍ତ୍ରିକ ଶାସନ ମଣିଷର ବ୍ୟକ୍ତିଗତ ଭାବନା, ମତ ଓ ଶ୍ରଦ୍ଧାକୁ ଧ୍ୱଂସ କରେ। ସେ ବିଶ୍ୱାସ କରୁଥିଲେ ଯେ ମଣିଷ ମଧ୍ୟରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ, ଯାହା ଆବଶ୍ୟକ। ଅର୍ଥାତ ଦୁଇଜଣ ଲୋକ କେବେ ବି ସମାନ ହୋଇପାରିବେ ନାହିଁ। ତାଙ୍କ ମତରେ ଏହି ବିଭିନ୍ନତା ମଧ୍ୟରେ ମତ ଭିନ୍ନତା, ସଂଘର୍ଷ ଓ ଆଲୋଚନା ଦ୍ୱାରା ଲୋକତନ୍ତ୍ର ଶକ୍ତିଶାଳୀ ହୁଏ।

ଗାଲଟୁଙ୍ଗ୍ କହିଥିଲେ ଯେ ହିଂସା କେବଳ ଶାରୀରିକ ନୁହେଁ। ସମାଜ ଓ ରାଜନୈତିକ ପ୍ରଣାଳୀ ମଧ୍ୟରେ ଥିବା ଅନ୍ୟାୟ ବ୍ୟବସ୍ଥା ମଧ୍ୟ ହିଂସା ରୂପ। ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଜାତିବାଦ, ଲିଙ୍ଗ ବେଦଭାବ, ଏମାନେ ଗୁପ୍ତ ହିଂସାର ଆକାର। ବିବିଧତା ହେଉଛି ପାର୍ଥକ୍ୟତାର ଏକ ଉତ୍ସବ ଏବଂ ପାର୍ଥକ୍ୟ ହେଉଛି ଗଣତନ୍ତ୍ରର ଏନଜାଇମ୍। ଗଣତନ୍ତ୍ରକୁ ବହୁସଂଖ୍ୟକବାଦର ଆବଶ୍ୟକତା ନାହିଁ। ଏହାକୁ ବହୁସଂଖ୍ୟକବାଦର ଆବଶ୍ୟକତା ଅଛି। ଗଣତନ୍ତ୍ର କେବଳ ଅଧିକାଂଶ ଲୋକଙ୍କ ସ୍ୱାର୍ଥ ପାଇଁ ନୁହେଁ, ବରଂ ସବୁଲୋକଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ। ଯେଉଁ ଦେଶରେ ଇଣ୍ଟରନେଟର ସୁବିଧାକୁ ରାଜନୀତିକରଣ କରାଯାଇଛି କିମ୍ବା ଦୁର୍ବଳ କରାଯାଇଛି ସେଠାରେ ନେତାମାନେ କ୍ଷମତାକୁ ଅପବ୍ୟବହାର କରିପାରିବେ ଏବଂ ବିରୋଧୀଙ୍କୁ ନିରବ କରିପାରିବେ, ସଂଖ୍ୟାଲଘୁଙ୍କୁ ଆକ୍ରମଣ କରିପାରିବେ, ଧର୍ମ ନାମରେ ବିଭେଦ ସୃଷ୍ଟିକରିପାରିବେ, ଦେଶକୁ ଋଣଗ୍ରସ୍ତକରି ନିଜର ବା ନିଜ ଦଳର ପାଣ୍ଠି ବୃଦ୍ଧି କରିପାରିବେ, ନିଜର ପରିବାରକୁ ଅଧିକ ବିତ୍ତଶାଳୀ, କ୍ଷମତାଶାଳୀ କରି ନିଜର ପ୍ରକୃତ ଦାୟିତ୍ୱ ଏଡ଼ାଇ ପାରିବେ। ଯେତେବେଳେ ରାଜନୈତିକ ନେତାମାନେ କ୍ଷମତା ହାସଲ ପାଇଁ ଗଣତନ୍ତ୍ରକୁ କେବଳ ଏକ ଉପକରଣ ଭାବରେ ବ୍ୟବହାର କରନ୍ତି ଏବଂ ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରନ୍ତି, ସେତେବେଳେ ଗଣତନ୍ତ୍ର ନିଜର ସତ୍ତା ହରାଏ। ଭବିଷ୍ୟତ ଗଣତନ୍ତ୍ରକୁ ନୈତିକତାର ଏକ ନୂତନ ଭାବନା ଏବଂ ବିଜ୍ଞାନ ଅପେକ୍ଷା ଅଧିକ ଉଦ୍ଭାବନଶୀଳ ହେବା ଆବଶ୍ୟକ। ଗଣତନ୍ତ୍ରକୁ ସମୃଦ୍ଧ, ସୁରକ୍ଷିତ ଓ ଶକ୍ତିଶାଳ କରିବା ପାଇଁ ବିଶେଷଜ୍ଞମାନଙ୍କ ଅପେକ୍ଷା ସମସ୍ତ ନାଗରିକ ନୀତି ନିର୍ଦ୍ଧାରଣର ଏକ ଅଂଶ ହେବା ଜରୁରୀ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ବୁଭୁକ୍ଷୁର ମାନସିକତା

ପ୍ରଶାନ୍ତ ମିଶ୍ର

ଭୋକ କାହାକୁ ଛାଡ଼େ ନାହିଁ। ଜିତେନ୍ଦ୍ରିୟ ମୁନିଋଷିଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷ, ପଶୁ, ପକ୍ଷୀ, କୀଟ, ପତଙ୍ଗ ସମସ୍ତଙ୍କୁ ଗ୍ରାସ କରେ। ଏପରି କି ଅମୃତ ପିଇଥିବା ଅମରମାନେ ବି ଭୋକର କବଳରୁ ନିଜକୁ ବଞ୍ଚାଇ ପାରନ୍ତି ନାହିଁ। ନଡ଼ିଆ କଦଳୀଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ରକ୍ତ ପର୍ଯ୍ୟନ୍ତ ବହୁଜିନିଷ ଭୋଗ ଲଗାଇ ଭକ୍ତଙ୍କୁ ତେଣୁ ସେମାନଙ୍କ କ୍ଷୁଧା ମେଣ୍ଟାଇବା ପାଇଁ ପଡ଼େ। ଏହାଛଡ଼ା ଭୋକିଲା ପ୍ରାଣୀ ଆଗରେ ପାରମ୍ପରିକ ରୀତିସମ୍ମତ ଖାଦ୍ୟର କୌଣସି ମହତ୍ତ୍ୱ ରହେ ନାହିଁ। ଯାହା ତା' ଆଖିରେ ପଡ଼େ ସେ ଖାଇଯାଏ। ଭାବେ ତା'କୁ ମିଳିଥିବା ଜିନିଷ ହିଁ ତା'ର ଖାଦ୍ୟ ଏବଂ ସେ ଖାଦ୍ୟ ଉପରେ ତା'ର ପ୍ରଥମ ଅଧିକାର। ସେଇଥିପାଇଁ ବୋଧେ କବି ସଚ୍ଚି ରାଉତରାୟ ଲେଖିଥିଲେ - 'ଖାଦ୍ୟ ଥାଉ ଯେଉଁଠାରେ ତାହା ମୋର, ଯେଣୁ ମୁଁ କ୍ଷୁଧାର୍ତ୍ତ / ଥାଉ ତାହା ପୁଲିସ ଘେରରେ ଅବା କାହା ଗୋଦାମେ ଖମାରେ ତାହା ମୋର ଅଗ୍ର ଦାବି / ମୋ କ୍ଷୁଧାର ଅଂଶ।'

ଶାସ୍ତ୍ର ବି କ୍ଷୁଧାର୍ତ୍ତ ମଣିଷର ଅପାରମ୍ପରିକ ଖାଦ୍ୟ ଭକ୍ଷଣକୁ ସମର୍ଥନ କରେ। କହେ - ଏହା ଆପଦ ଧର୍ମର ରୀତି। ଅର୍ଥାତ ଆପଦ କାଳରେ ମଣିଷ ପ୍ରତିଷ୍ଠିତ ଧର୍ମ ଓ ପରମ୍ପରା ଅନୁଯାୟୀ ବର୍ଜନୀୟ କାର୍ଯ୍ୟ ବି କରିପାରେ। ଜୀବନ ଜଟିଳ। ମଣିଷ ଜୀବନ ଜଟିଳତର। କୌଣସି କଳାଧଳା ଡବାରେ ମଣିଷ ଜୀବନକୁ ରଖି ତା'ର ମୂଲ୍ୟାୟନ ସମ୍ଭବ ନୁହେଁ। ତେଣୁ ପ୍ରତିଷ୍ଠିତ ଧର୍ମ ପରମ୍ପରା ଆଧାରିତ ମୂଲ୍ୟବୋଧ ସବୁପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ମଣିଷର ସହାୟକ ନ ହେବା ଏକ ସ୍ୱାଭାବିକ କଥା। କେତେକ ସୂତ୍ରରୁ ଜଣାପଡ଼େ ଯେ ବୁଦ୍ଧ ମାଂସାହାରକୁ ଉତ୍ସାହିତ କରୁ ନଥିଲେ। ତେବେ ଭୋକ ମେଣ୍ଟାଇବା ପାଇଁ ଭିକ୍ଷା ରୂପେ ଯାହା ବି ମିଳୁଥିଲା ତା'କୁ ଗ୍ରହଣ କରିବାରେ କୌଣସି ଆପତ୍ତି ନଥିଲା ତାଙ୍କର। ଭିକ୍ଷା ରୂପେ ମିଳିଥିବା ଦୂଷିତ ଘୁଷୁରି ମାଂସରେ ପ୍ରସ୍ତୁତ ଖାଦ୍ୟ ହିଁ ବୁଦ୍ଧଙ୍କ ମୃତ୍ୟୁର କାରଣ ହୋଇଥିଲା।

ମଧ୍ୟଯୁଗୀୟ ୟୁରୋପରେ ଖାଦ୍ୟାଭାବ ବେଳେ ଲୋକମାନେ ଘାସ, ବଣୁଆ ଗୁଳ୍ମ, ଗଛର ବକ୍କଳ ପ୍ରଭୃତି ଖାଉଥିଲେ। ଯୁଦ୍ଧ ଓ ଦୁର୍ଭିକ୍ଷ ସମୟରେ କ୍ଷୁଧାର୍ତ୍ତ ମଣିଷକୁ ମୂଷା, ବିଲେଇ ଶିକାର କରି ଏବଂ ଚମଡ଼ା ସିଝାଇ ଖାଇବାକୁ ପଡୁଥିଲା। ୧୯୪୩ର 'ବେଙ୍ଗଲ୍ ଦୁର୍ଭିକ୍ଷ' ବେଳେ ଆଉ ଘଡ଼ିଏ ବଞ୍ଚି ରହିବା ପାଇଁ ଲୋକମାନେ ଅଖାଦ୍ୟ ଖାଉଥିଲେ ବା ଭୋକରେ ଛଟପଟ ହୋଇ ମରୁଥିଲେ। ଆଜି ବି ଭୋକରେ ମଣିଷ ମରୁଛି। ବୈଶ୍ୱିକ କ୍ଷୁଧାସୂଚୀ(ଗ୍ଲୋବାଲ୍ ହଙ୍ଗେର୍ ଇଣ୍ଡେକ୍ସ - ଜିଏଚ୍‌ଆଇ)ର ଆକଳନ ଅନୁସାରେ ଭାରତ ଗୁରୁତର କ୍ଷୁଧା (ସିରିଅସ୍ ହଙ୍ଗର୍) ଶ୍ରେଣୀଭୁକ୍ତ। ଜନସଂଖ୍ୟାର ଏକ ବୃହତ୍ତର ଅଂଶ କ୍ଷୁଧାପୀଡ଼ିତ ଏ ଦେଶରେ। ୨୦୨୪ରେ ୧୨୭ ଦେଶକୁ ନେଇ ଜିଏଚ୍‌ଆଇ ଦ୍ୱାରା ଜାରି ସୂଚୀରେ ଭାରତର ସ୍ଥାନ ୨୭.୩ ପଏଣ୍ଟ ସହ ୧୦୫ତମ ସ୍ଥାନରେ ଥିଲା। ୨୦୨୫ରେ ବି ସେଥିରେ ବିଶେଷ କିଛି ପରିବର୍ତ୍ତନ ଆସିନାହିଁ। ୧୨୩ ଦେଶକୁ ନେଇ ଜିଏଚ୍‌ଆଇ ଦ୍ୱାରା ଜାରି ସୂଚୀରେ ଭାରତ ରହିଛି ୧୦୨ତମ ସ୍ଥାନରେ, ସେଇ ଗୁରୁତର କ୍ଷୁଧା ଶ୍ରେଣୀରେ।

ଏକ ରିପୋର୍ଟ ଅନୁଯାୟୀ ଭାରତର ୧୮୯.୨ ନିୟୁତ ଲୋକ ପେଟରେ ଭୋକର ନିଆଁ ନେଇ ରାତିରେ ଶୋଇବାକୁ ଯାଆନ୍ତି। ଏମାନଙ୍କ ଭିତରେ ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଧିକ। ଦାରିଦ୍ର୍ୟ, ଅସମାନତା, ଦୁର୍ନୀତି, ଖାଦ୍ୟର ସୀମିତ ସାନ୍ନିଧ୍ୟ, କୃଷି ଓ ଜୀବିକା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ, ବେରୋଜଗାରୀ, ଦୁର୍ବଳ ପିଡିଏସ୍ ବ୍ୟବସ୍ଥା, ବିଷମ ସରକାରୀ ସହାୟତା ପ୍ରଭୃତି ଏହାର କାରଣ। ବିଶେଷକରି ଦୁର୍ଗମ ଗ୍ରାମାଞ୍ଚଳ ଓ ଦାରିଦ୍ର୍ୟ ପ୍ରପୀଡ଼ିତ ସହରୀ ବସ୍ତିମାନଙ୍କରେ ଭୋକର ସମସ୍ୟା ଉତ୍କଟ। ତେବେ ଏକଥା ସତ ଯେ ଭୋକ କୌଣସି ଗ୍ରାମୀଣ କି ଆର୍ଥିକ ସମସ୍ୟା ନୁହେଁ। ଏହା ମଣିଷହିତ ବିରୋଧୀ ଏକ ସଙ୍କଟ ଏବଂ ଏହାର ନିରାକରଣ ଜରୁରୀ।

ଯେଉଁମାନେ ଖାଦ୍ୟାଭାବ କ'ଣ ଜାଣନ୍ତି ନାହିଁ ସେମାନେ ଭିନ୍ନ ଜାତିର ମଣିଷ। ବିଶ୍ୱ ଅସମାନତା ଲ୍ୟାବ ଦ୍ୱାରା ମାର୍ଚ୍ଚ ୨୦୨୪ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶ ସମ୍ପତ୍ତିର ୪୦.୧ ପ୍ରତିଶତ ସେମାନଙ୍କ ପାଖରେ। ଅନ୍ୟ କେତେକ ରିପୋର୍ଟ ମୁତାବକ ଏହା ୬୦ ପ୍ରତିଶତ। ଇଂରାଜୀରେ କହିଲେ ସେମାନେ 'ଅଲଟ୍ରାହାଇ ନେଟ୍ ୱର୍ଥ(ୟୁଏଚ୍‌ଏନ୍‌ଡବ୍ଲ୍ୟୁ) ଓ ହାଇ ନେଟ୍‌ୱର୍ଥ(ଏଚ୍‌ଏନ୍‌ଡବ୍ଲ୍ୟୁ) ଶ୍ରେଣୀର ବ୍ୟକ୍ତି। ମଡର୍ଣ୍ଣ ବୁର୍ଜୁଆ, ରାଜନୀତ. ଅର୍ଥନୀତି, ଶାସନ, ପ୍ରଶାସନ, ସାହିତ୍ୟ, ସଂସ୍କୃତି, ଗଣମାଧ୍ୟମ, ଧର୍ମ ସବୁକିଛି ଉପରେ ସେମାନଙ୍କ ପ୍ରଭାବ ବା ପ୍ରଭାବର ଛାଇ।

କାଶୀନଗର(ଗଜପତି)ମୋ: ୭୮୭୩୫୭୩୫୬୯

## ଆମ ବୃକ୍ଷଲତା ଆମ ଜୀବନ

### ଇନ୍ଦ୍ରମାରିଷ

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଇନ୍ଦ୍ରମାରିଷ ହେଉଛି ଭାରତର ମୂଳଜାତ ଏକ କ୍ଷୁଦ୍ର ଉଦ୍ଭିଦ, ଯାହା ବର୍ତ୍ତମାନ ସାରାବିଶ୍ୱରେ ଉଷ୍ଣମଣ୍ଡଳୀୟ ଓ ଉପ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ବଗିଚାରେ ଏକ ଉତ୍କୃଷ୍ଟ ଶୋଭା ବର୍ଦ୍ଧକ ହେଜ୍ ବା ବାଡ଼ ଉଦ୍ଭିଦ ଅଟେ। ଗୃହ ଆଭ୍ୟନ୍ତରୀଣ ଉଦ୍ଭିଦ ଭାବରେ ଇନ୍ଦ୍ରମାରିଷ ବାୟୁପ୍ରଦୂଷଣକୁ ଛାଣିବାରେ ସାହାଯ୍ୟ କରେ। ଏହା ସମୁଦ୍ର ପତ୍ତନଠାରୁ ୧୩୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଅନାବନା ଜମି, ରାସ୍ତା ପାର୍ଶ୍ୱ, ପଥୁରିଆ ପାହାଡ଼, ଜଙ୍ଗଲ ଦାଡ଼. ନଦୀ କୂଳ, କାନ୍ଥ ଫାଟରେ ବଢ଼ିଥାଏ।

ଇନ୍ଦ୍ରମାରିଷ ଏକ ଋତୁଭିତ୍ତିକ ବା ବର୍ଷବ୍ୟାପୀ ଶାଖାଯୁକ୍ତ କ୍ଷୁପ ବା କ୍ଷୁଦ୍ର ଗୁଳ୍ମ। ପ୍ରାୟ ୩ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ଗୁଳ୍ମର କାଣ୍ଡ ରେଖାଯୁକ୍ତ ଓ ନରମ କେଶଯୁକ୍ତ। ପତ୍ରଗୁଡ଼ିକ ଅଣ୍ଡାକାର ଆକାରର ଏବଂ ସବୁଜ, ଲାଲ, ଗୋଲାପୀ, ହଳଦିଆ କିମ୍ବା ତମ୍ବା ରଙ୍ଗର ବିଭିନ୍ନ ବର୍ଣରେ ଆସିଥାଏ। ପତ୍ର ଡେମ୍ଫ ଲମ୍ବା, ପତ୍ରର ଧାର ମୂଳତଃ ୫ ଶିରା ବିଶିଷ୍ଟ ଏବଂ ତୀକ୍ଷ୍ଣ ବା କରତ-ଦନ୍ତି। ଏହାର ଅନନ୍ୟ ବହୁ ରଙ୍ଗୀ ପତ୍ର ପ୍ରଜାପତି ଏବଂ ବିଭିନ୍ନ ପକ୍ଷୀଙ୍କୁ ଆକର୍ଷିତ କରେ, ଯାହା ପରାଗ ସଙ୍ଗମରେ ସାହାଯ୍ୟ କରେ। କକ୍ଷରେ ଅବସ୍ଥିତ ପୁଷ୍ପୋଦ୍‌ଗମ କପ୍ ଆକୃତିର କୁଣ୍ଡଳି ଦ୍ୱାରା ଘୋଡ଼ାଇ ହୋଇ ରହିଥାଏ। ଅଣ୍ଡିରା ଫୁଲଗୁଡ଼ିକ ଛୋଟ, ଧଳା-ସବୁଜ ରଙ୍ଗର ଗୁଳ୍ମର ଉପର ଭାଗରେ ଏବଂ ମାଈ ଫୁଲଗୁଡ଼ିକ ସବୁଜ ରଙ୍ଗର ତଳ ଭାଗରେ ଅବସ୍ଥିତ। ଫଳ ୩-ଲୋବ ବା ପାଳ ବିଶିଷ୍ଟ।

ଇନ୍ଦ୍ରମାରିଷର ଅନେକ ପାରମ୍ପରିକ ଔଷଧୀୟ ବ୍ୟବହାର ଅଛି। ତାମିଲ ସିଦ୍ଧ ଔଷଧୀୟ ଶାସ୍ତ୍ରରେ ଇନ୍ଦ୍ରମାରିଷ ଉଚ୍ଚ ସ୍ଥାନ ଅଧିକାର କରେ। କାରଣ ଏହା ଶରୀରକୁ ପୁନର୍ଜୀବିତ କରେ ବୋଲି ବିଶ୍ୱାସ କରାଯାଏ। ଭାରତର ପାରମ୍ପରିକ ଔଷଧରେ ଏହାର ପତ୍ରଗୁଡ଼ିକୁ ଜଣ୍ଡିସ୍ ପ୍ରତିକାର ଭାବରେ ବ୍ୟବହୃତ କରାଯାଏ। ଏହାଛଡ଼ା ଆଜମା, ନିମୋନିଆ, କଫ, ଯକୃତ, ବୃକ୍କ, ଅନ୍ତନଳୀ କୃମି, ପେଟ ଯନ୍ତ୍ରଣା ....... ଆଦି ଚିକିତ୍ସାରେ ଏହା ଅନେକ ପ୍ରଭାବଶାଳୀ ଔଷଧୀ। ମାଡାଗାସ୍କର ଓ ମରିସସରେ ଏହାର ପତ୍ରର ଚୂର୍ଣ୍ଣ ଓ ରସକୁ ଲୁଣ ସହିତ ମିଶ୍ରିତ କରି କିମ୍ବା କାଢ଼ା କରି କାଛୁ କୁଣ୍ଡେଇ ଘା' ଏବଂ ଅନ୍ୟାନ୍ୟ ଚର୍ମ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ମାଡାଗାସ୍କରରେ ପତ୍ରର ଆବରଣକୁ ଶୁଦ୍ଧକାରୀ ଏବଂ ସିନ୍ଦୂର ଭାବରେ ମଧ୍ୟ ନିଆଯାଏ। ପୂର୍ବଆଫ୍ରିକାରେ ପତ୍ରର ରସକୁ ଆଖି ସଂକ୍ରମଣ ପାଇଁ ବ୍ୟବହାର କରାଯାଏ। ପତ୍ର ପାଉଡରକୁ ମାଗଟ ବା କୀଟ-ଆକ୍ରାନ୍ତ କ୍ଷତ ପାଇଁ ବ୍ୟବହାର କରାଯାଏ। ଏହାର କ୍ୱାଥ ରେଚକ ଅଟେ। ଏଥିରୁ ପ୍ରସ୍ତୁତ ହୋମିଓପାଥି ଔଷଧ ରକ୍ତ କାଶ, ଅର୍ଶ ରୋଗ, ବାୟୁ ଦୋଷ ଚିକିତ୍ସା ପାଇଁ ଉପଯୋଗୀ ଅଟେ।

ଆଫ୍ରିକା ଓ ଭାରତରେ ଏହି ଗଛକୁ ଖାଦ୍ୟ ଭାବରେ ମଧ୍ୟ ବ୍ୟବହାର କରାଯାଉଥିବା ଜଣାଯାଏ। କିନ୍ତୁ ଏଥିରେ ଅନେକ ଆଲକାଲଏଡ୍ ସହିତ ହାଇଡ୍ରୋସାଇନିକ୍ ଏସିଡ୍ ରହିଥିବାରୁ ଖାଇବା ବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

ଇନ୍ଦ୍ରମାରିଷରେ ଆକାଲିଫିନ୍ ନାମକ ଏକ ସାଇନୋଜେନିକ୍ ଗ୍ଲାଇକୋସାଇଡ୍ (ଏକ ୩-ସାଇନୋପାଇରିଡୋନ୍ ଡେରିଭେଟିଭ୍) ଏବଂ ଫ୍ଲାଭୋନଏଡ୍ସ, ଯେପରିକି କ୍ୟାମ୍ପଫେରୋଲ୍ ଗ୍ଲାଇକୋସାଇଡ୍ ମୌରିଟିଆନିନ୍, କ୍ଲିଟୋରିନ୍, ନିକୋଟିଫ୍ଲୋରିନ୍ ଏବଂ ବାୟୋରୋବିନ୍ ଥାଏ। ଟ୍ୟାନିନ୍, ବିଟା-ସିଟୋଷ୍ଟେରୋଲ୍, ଆକାଲିଫାମାଇଡ୍, ଅରାଣ୍ଟିଆମାଇଡ୍, ସକ୍ସିନିମାଇଡ୍ ଏବଂ ଫ୍ଲିଣ୍ଡର୍ସିନ (ଏକ ପାଇରାନୋକ୍ୱିନୋଲିନୋନ୍ ଆଲକାଲଏଡ୍) ମଧ୍ୟ ଏଥିରୁ ପୃଥକ କରାଯାଇଛି। ଇନ୍ଦ୍ରମାରିଷ ସମେତ ଅନେକ ଉଦ୍ଭିଦର ଉଷ୍ମତା ଦ୍ୱାରା ବିଲେଇମାନେ ଆକର୍ଷିତ ହୋଇଥାନ୍ତି ଏବଂ ସେମାନେ ସେଗୁଡ଼ିକର ଗନ୍ଧ ବାସନା ପ୍ରତିକ୍ରିୟାରେ ଆନନ୍ଦଦାୟକ ଆଚରଣ ପ୍ରଦର୍ଶନ କରନ୍ତି। ବିଲେଇମାନଙ୍କୁ ଆକର୍ଷିତ କରୁଥିବା ଏଥିରେ ରହିଥିବା ରାସାୟନିକ ପଦାର୍ଥ ଗୁଡ଼ିକ ହେଉଛି ଇରିଡୋଇଡ୍ ଯୌଗିକ ଆଇସୋଡାଇହ୍ରୋନପେଟାଲାକ୍ଟନ୍ ଏବଂ ଆଇସୋଇରିଡୋମାଇର୍ମେସିନ୍।

ଇନ୍ଦ୍ରମାରିଷ ବିହନ ଦ୍ୱାରା ବଂଶ ବିସ୍ତାର କରାଯାଇପାରିବ। ଏହାକୁ ସର୍ବଦା ଉଜ୍ଜ୍ୱଳ ସୂର୍ଯ୍ୟକିରଣ, ମଧ୍ୟମ ତାପମାତ୍ରା, ପର୍ଯ୍ୟାପ୍ତ ପାଣି ଏବଂ ଆର୍ଦ୍ରତା ଉପଲବ୍ଧତା ବ୍ୟତୀତ ବିଶେଷ ଯତ୍ନର ଆବଶ୍ୟକତା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୀତବାସ ହତ୍ୟାକାଣ୍ଡ: ଜେରାରେ ସୀମିତ ରହିଯିବ କି ତଦନ୍ତ

ବ୍ରହ୍ମପୁର, ୧୯।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ସର୍ବସମ୍ମୁଖରେ ଗୁଳି କରି ହତ୍ୟା ଘଟଣାକୁ ଦୁଇ ସପ୍ତାହ ବିତିଗଲାଣି। ତଥାପି ଏଯାଏ ଅପରାଧୀଙ୍କ ଟେର୍ ପାଉନି ପୁଲିସ। ୬୦ରୁ ଅଧିକ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ସନ୍ଦେହରେ ଶତାଧିକ ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରିସାରିଲାଣି। କିଛି ଦିନ ତଳେ ହତ୍ୟା ଘଟଣାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ନେଇ ଖୋଦ୍ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏହା ପରେ ମଧ୍ୟ କାହାରିକୁ ଗିରଫ କରାନଯିବା କିମ୍ବା କୌଣସି

- ଦୁଇ ସପ୍ତାହ ପରେ ବି ମୁହଁ ଖୋଲୁନି ପୁଲିସ
- ନିରବତାକୁ ନେଇ ଉଠିଲା ପ୍ରଶ୍ନ?
- ମୁଖ୍ୟ କାର୍ପଟଦାରକୁ ଖସାଇବାକୁ ହେଉଛି କି ଯୋଜନା?

ଠୋସ୍ ପ୍ରମାଣ ନମିଳିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମସ୍ତଙ୍କ ନିରବତା, ସାଧାରଣରେ ଭିନ୍ନ ଭିନ୍ନ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଲାଣି। ଖୋଦ୍ ତଦନ୍ତକାରୀ ପୁଲିସ ଗଣମାଧ୍ୟମକୁ କୌଣସି ସୂଚନା ନଦେଇ ଅନ୍ଧାରରେ ରଖୁଥିବା ବେଳେ ଶାସକ ବିଜେପି ଦଳ ଏବଂ ରାଜ୍ୟର ଆଇନଜୀବୀମାନେ ଚୁପ୍ ରହିବା ଉପରେ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

ପୀତବାସ ଖାଲି ଜଣେ ଆଇନଜୀବୀ ନଥିଲେ, ସେ ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନରେ ସର୍ବୋଚ୍ଚ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ଜଣେ ସଦସ୍ୟ। ସେହିପରି ବିଜେପିର ଜଣେ ଆଗଧାଡ଼ିର ରାଜନେତା। ଖାଲି ସେତିକି ନୁହେଁ, ଜଣେ ଶ୍ରମିକ ନେତା ସହ ରାଜ୍ୟ କ୍ୟାବିନେଟ୍‌ର ଖଣି ଓ ପରିବହନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ। ପୀତବାସ ମନ୍ତ୍ରୀଙ୍କ କେତେ ଖାସ୍ ଥିଲେ, ତାହା ପୀତବାସଙ୍କ ହତ୍ୟା ଘଟଣା ଦିନ ମନ୍ତ୍ରୀ ଶ୍ରୀ ଜେନାଙ୍କ ଦୀର୍ଘ ସମୟର ଉପସ୍ଥିତି ଓ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଓ ଭୋଜି ଆୟୋଜନରୁ ସ୍ପଷ୍ଟ ପ୍ରମାଣିତ ହୋଇସାରିଛି। ସେହିଭଳି ରାଜ୍ୟ ଆଇନଜୀବୀ ପରିଷଦର ଜଣେ ପ୍ରମୁଖ ସଦସ୍ୟ ଭାବେ ପୀତବାସଙ୍କ ପ୍ରତି ସମଗ୍ର ରାଜ୍ୟର ଆଇନଜୀବୀଙ୍କର ମଧ୍ୟ ସମବେଦନା ରହିଛି।

ଏହି ହତ୍ୟା ମାମଲାରେ ରାଜ୍ୟ ଆଇନଜୀବୀ ପରିଷଦ ସମେତ ସୁପ୍ରିମକୋର୍ଟ ଓକିଲ ସଂଘ ଅଧ୍ୟକ୍ଷ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ରାଜ୍ୟବ୍ୟାପୀ ଓକିଲଙ୍କ ଦିନିକିଆ କଲମଛାଡ଼ ଆନ୍ଦୋଳନ ସହ ୪୮ ଘଣ୍ଟାର ମହଲତ ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଏପରିକି, ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ଓ ରହସ୍ୟ ଉନ୍ମୋଚନ କରିବା ଦାବିରେ ଗଞ୍ଜାମ ଓକିଲ ସଂଘର ଆଇନଜୀବୀମାନେ ପଦଯାତ୍ରା କରି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତିଶେଖରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ତେବେ ହତ୍ୟାକାଣ୍ଡ ପରେ ଉଭୟ ଆଇନଜୀବୀ ଓ ଶାସକ ବିଜେପି ଦଳ ପକ୍ଷରୁ ଯେଉଁଭଳି ଭାବେ ତତ୍ପରତା ପ୍ରକାଶ ପାଇଥିଲା, ବର୍ତ୍ତମାନ ପରିସ୍ଥିତିରେ ସମସ୍ତେ ଚୁପ ରହିବା ଏକ ବ୍ୟତିକ୍ରମ ଓ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସେପଟେ ପୁଲିସର ନିରବତା କେବେ ଭାଙ୍ଗିବ ଓ ହତ୍ୟାକାଣ୍ଡ ଘଟଣାର ରହସ୍ୟ ଉନ୍ମୋଚିତ ହେବ, ତାକୁ ନେଇ ମଧ୍ୟ ସାଧାରଣରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି।

ଏହି ମାମଲାରେ ପୁଲିସ ୬ଟି ସ୍ୱତନ୍ତ୍ର ଟିମ୍ ଗଠନ କରି ରାଜ୍ୟ ତଥା ରାଜ୍ୟ ବାହାରେ ତନାଘନା କରିବା ସହ ବହୁ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ୯ ଜଣଙ୍କୁ ଅଟକ ରଖି ମଧ୍ୟ ଜେରା କରୁଛି। ତେବେ ଦୀର୍ଘ ଦୁଇ ସପ୍ତାହ ପରେ ମଧ୍ୟ ପୁଲିସ କୌଣସି ସୂଚନା ଦେବା ତ ଦୂରର କଥା, ଓଲଟି ମୁହଁ ନ ଖୋଲିବା ସମସ୍ତଙ୍କ ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି। ଘଟଣାର ମୁଖ୍ୟ କାର୍ପଟଦାର୍‌କୁ ଖସାଇବା କିମ୍ବା ରାଜନୈତିକ ଚାପରେ ପୁଲିସ ଘଟଣାକୁ ଚପାଇବାକୁ ଅଥବା ଭିନ୍ନମୋଡ଼ ଦେବାକୁ ଉଦ୍ୟମ କରୁଛି କି ବୋଲି ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାରେ କେବଳ କିଛି ବ୍ୟକ୍ତିଙ୍କୁ ଅଟକ ରଖି ଜେରା କରାଯିବା ଛଡ଼ା ଅନ୍ୟ କିଛି ଅଗ୍ରଗତି ହୋଇନଥିବା ଦର୍ଶାଇ ଗଞ୍ଜାମ ଓକିଲ ସଂଘର ବହୁ ଆଇନଜୀବୀଙ୍କ ମଧ୍ୟରେ ତଦନ୍ତକୁ ନେଇ ଅସନ୍ତୋଷ କୁହୁଳୁଛି। ଏଣୁ, ପୁଲିସ ତୁରନ୍ତ ଘଟଣାର ପର୍ଦ୍ଦାଫାସ କରି ରହସ୍ୟ ଉନ୍ମୋଚନ କରିବା ଜରୁରୀ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ହତ୍ୟାକାଣ୍ଡ ଭଳି ଘଟଣାରେ ଯେଉଁଭଳି ଜଣେ ନିରୀହ ବ୍ୟକ୍ତିକୁ ନ ଫସାଇ ଘଟଣାର ଉଚିତ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଦଣ୍ଡିତ କରିବା ଦିଗରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ବୋଲି ମଧ୍ୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# କମୁଛି ଶିକ୍ଷା ଦିବସ

## ଚଳିତବର୍ଷ ନୂଆଁଖାଇ ଓ ଦୀପାବଳିରେ ୨ଟି ଅତିରିକ୍ତ ଛୁଟି

ଭୁବନେଶ୍ୱର,୧୯ ।୧୦(ସମିସ): ଦୀପାବଳି ପାଇଁ ଆସନ୍ତାକାଲି ଅର୍ଥାତ୍ ସୋମବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ପୂର୍ବରୁ ମଙ୍ଗଳବାରକୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଥିବାରୁ ଉଭୟ ସୋମବାର ଓ ମଙ୍ଗଳବାର ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏହା

- ଗ୍ରୀଷ୍ମ ପ୍ରବାହ ପାଇଁ ବର୍ଷକୁ ପ୍ରାୟ ୧୫ଦିନ ପଢ଼ା ବାଧାପ୍ରାପ୍ତ
- ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ପାଇଁ ଚାପଗ୍ରସ୍ତ ଛାତ୍ରଛାତ୍ରୀ

ପୂର୍ବରୁ ନୂଆଁଖାଇ ସମୟରେ ମଧ୍ୟ ସରକାର ଗୋଟିଏ ଦିନ ଅତିରିକ୍ତ ଛୁଟି ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପାଇଁ ବର୍ଷକୁ ବର୍ଷ ଖରାଛୁଟି ବଢ଼ିବାରେ ଲାଗିଛି ଓ ଭିଭିଆଇପିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଏମ୍‌ସି ଅଞ୍ଚଳର ବିଦ୍ୟାଳୟକୁ ଅଧାରେ ବନ୍ଦ କରିଦିଆଯାଉଛି। ଫଳରେ ଶିକ୍ଷା ଦିବସ କମିବା ସହ ଶିକ୍ଷାଦାନ ଓ ପାଠପଢ଼ା ବାଧାପ୍ରାପ୍ତ ହେଉଛି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାଲେଣ୍ଡର ଅନୁଯାୟୀ ଚଳିତ ବର୍ଷ ମେ ୬ ତାରିଖ ଠାରୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ କରାଯାଇଛି। ହେଲେ ଗ୍ରୀଷ୍ମ ପ୍ରବାହ ପାଇଁ ନିର୍ଦ୍ଧାରିତ ସମୟର ୧୩ ଦିନ ପୂର୍ବରୁ ଖରାଛୁଟି ଘୋଷଣା ହୋଇଥିଲା। ସେହିପରି ୨୦୨୪-୨୫ ଶିକ୍ଷାବର୍ଷରେ ମଧ୍ୟ ୧୨ ଦିନ ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ଛୁଟି କରାଯାଇଥିଲା। ଅଧିକ ଖରା ପ୍ରଭାବିତ ଜିଲ୍ଲାରେ ଅଧିକ ୩ଦିନ ଛୁଟି କରିଥିଲେ ଜିଲ୍ଲାପାଳ। ଫଳରେ ୧୨ରୁ ୧୫ ଦିନ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ହେଲା। ୨୦୨୩-୨୪ ଶିକ୍ଷା ବର୍ଷରେ ଏପ୍ରିଲ୍ ୨୧ ତାରିଖରୁ ଅର୍ଥାତ୍ ନିର୍ଦ୍ଧାରିତ ଛୁଟି ଦିବସର ୧୫ ଦିନ ପୂର୍ବରୁ ଛୁଟି ହୋଇଥିଲା। ଖରା ପାଇଁ ନିର୍ଦ୍ଧାରିତ ସମୟର ୩ଦିନ ପରେ ବିଦ୍ୟାଳୟ ଖୋଲିଥିଲା। ଫଳରେ ମୋଟ୍ ୧୮ଦିନ ଛୁଟି ହେବା ସହ ଶିକ୍ଷାଦିବସ କମିଥିଲା। ଏହା ସହ ବିଭିନ୍ନ ସମୟରେ ପ୍ରବଳ ବର୍ଷା ବା ପବନ ଭୟ ଯୋଗୁଁ ସରକାର ସ୍କୁଲ କଲେଜ ଛୁଟି ଘୋଷଣା କରୁଛନ୍ତି।

ବର୍ଷକୁ ହାରିହାରି ୧୫ ଦିନ ପାଠପଢ଼ା ବନ୍ଦ ହେଉଛି। ପୂର୍ବପରି ପାଠ୍ୟକ୍ରମ ସମାନ ରହିଥିବାବେଳେ ଶିକ୍ଷାଦାନ ପାଇଁ କାର୍ଯ୍ୟଦିବସ କମୁଛି। ଫଳରେ ସିଲାବସ୍ ଠିକ୍ ସମୟରେ ସରିବ ନାହିଁ। ସ୍ୱଳ୍ପ ସମୟରେ ସମ୍ପୂର୍ଣ୍ଣ ପାଠପଢ଼ା ହେଉଥିବାରୁ ତାହା ଛାତ୍ରଛାତ୍ରୀଙ୍କୁ ଚାପଗ୍ରସ୍ତ କରିବ। ଛୁଟି ଦିନକୁ ଭରଣା କରିବା ପରିବର୍ତ୍ତେ ଅତିରିକ୍ତ ଛୁଟି ହେଉଥିବାରୁ ପାଠପଢ଼ା ପ୍ରତି 'ବେଢି ଉପରେ କରୋଡ଼ା' ସଦୃଶ ହେଉଛି। ଏଣୁ ପାଠପଢ଼ାକୁ ବ୍ୟବସ୍ଥିତ ଓ ସୁଦୃଢ଼ କରିବା ପାଇଁ ଅତିରିକ୍ତ ଛୁଟି ବଦଳରେ ଅଧିକ ଶିକ୍ଷା ଦିବସ ସୃଷ୍ଟି କରିବାକୁ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକମାନେ ଦାବି କରିଛନ୍ତି।

# ବିଜେପି ସମାବେଶର ବଳକା ଖାଦ୍ୟ ଖାଇ ୧୩ ଗୋରୁ ମୃତ

## କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ

ନୂଆପଡା,୧୯ ।୧୦(ସମିସ):ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱଚ୍ଛତାକୁ ନେଇ ଡିଣ୍ଡିମ ପିଟୁଥିବା ବେଳେ ନୂଆପଡା ଜିଲ୍ଲା ସଦର ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ପଦାରେ ପଡିଛି। ସ୍ଥାନୀୟ ଖରିଆରରୋଡ଼ ଗୋତମ ଛକସ୍ଥିତ ଏୟାର ଷ୍ଟ୍ରିପ୍ ପଡ଼ିଆ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଙ୍କଳ୍ପ ସମାବେଶ ଶେଷ ନିକଟସ୍ଥ ପଡିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦ରୁ ୨୫ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା ହେଲେ ମାତ୍ର ୮ରୁ ୧୦ ହଜାର ଲୋକ ଆସିଥିଲେ। ତେବେ ନିର୍ଦ୍ଧାରିତ ଲୋକଙ୍କ ପାଇଁ ସ୍ଥାନୀୟ ଏକ ପଡିଆରେ ଖାଦ୍ୟ ପେୟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

### ସ୍ୱଚ୍ଛତା ଡିଣ୍ଡିମ ପିଟୁଛନ୍ତି ସରକାର



ହେବା ଫିଙ୍ଗିଦିଆଯାଇଥିବା ବଳକା ଖାଦ୍ୟ ଖାଇ ୧୩ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉଦ୍ଧ୍ୱର୍ ଗୁରୁତର ରହିଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଖୋଦ ସରକାରୀ ଦଳର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଗରିବ ଓ କ୍ଷୁଦ୍ର ଚାଷୀଙ୍କ ଲକ୍ଷାଧିକ ଟଙ୍କାର ଗୋରୁ ମୃତ୍ୟୁବରଣ କରିଥିବାରୁ କ୍ଷତିପୂରଣ ସହାୟତା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ ଗତ ୧୬ତାରିଖ ଦିନ ଏୟାର ଷ୍ଟ୍ରିପ୍ କମ ଲୋକ ଆସିଥିବା ହେତୁ ବଳକା ଖାଦ୍ୟ ସବୁ ପଡି ରହିଥିଲା। ଏହାକୁ କୌଣସି ସୁରକ୍ଷିତ ଜାଗାରେ ପିଙ୍ଗଯାଇନଥିବାରୁ ଗୋତମାଗାଁର ଚାଷୀମାନଙ୍କ ଗୋରୁ ଚରିବାକୁ ଯାଇ ସେହି ବଳକା ତଥା ପଚାସଢା ଖାଦ୍ୟକୁ ଖାଇଥିଲା। ଶନିବାର ସକାଳୁ କିଛି ଗାଈ ଅସୁସ୍ଥ ହୋଇଥିବା ଖବର ଆସିଥିଲା। ଏହି ଖବର ପାଇ ନୂଆପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ଟିମ୍ ଗାଁରେ ପହଞ୍ଚି ଚିକିତ୍ସା କରିଥିଲେ। ହେଲେ ବିଳମ୍ବିତ ରାତିରେ ୧୩ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଚାଷୀ ଦେବକାନ୍ତ ରଥ,ସୂର୍ଯ୍ୟକାନ୍ତ ସାହୁ,ପ୍ରଦୀପ କୁମାର ସାହୁ ,ସାହୁଲାଲ ସାହୁ, ବଳ ଶବର ,ହେମନ୍ତ ସାହୁ,ସୁରେନ ସାହୁ,ଚନ୍ଦ୍ରଦେବ ସାହୁ,ଲୋଭୀତ ରାଉତଙ୍କ ମୋଟ ୧୩ ଟି ଦୁଧିଆଳୀ ଓ କିଛି ଗର୍ଭବତୀ ଗାଈଙ୍କ ମୃତ୍ୟୁ ଘଟିଛି। ଗାଁରେ ରାଜସ୍ୱ ବିଭାଗ ସହ ପ୍ରାଣୀ ଚିକିତ୍ସା ବିଭାଗର ଅଧିକାରୀମାନେ ପହଞ୍ଚି ଚିକିତ୍ସା କାର୍ଯ୍ୟକୁ ତ୍ୱରିତ କରିବା ସହ ମୃତଗୋରୁମାନଙ୍କୁ ବ୍ୟବଚ୍ଛେଦ କରିଛନ୍ତି।ଏହାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ବିଚାରକୁ ନେବା ଏକ ଉଚ୍ଚସ୍ତରୀୟ ତଦନ୍ତ କରି କ୍ଷତି ପୂରଣ ସହାୟତା ଯୋଗାଇବାକୁ ଦାବି ହେଉଛି।

# ଗୋ-ମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଗୋ-ମୃତ୍ୟୁ ପାଇଁ ଦାୟୀ: ବିଜେଡି

ଭୁବନେଶ୍ୱର, ୧୯।୧୦ (ସମିସ): ଶନିବାର ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ବ୍ୟାପକ ଆୟୋଜନ ହୋଇଥିଲେ ମଧ୍ୟ ଲୋକ ନ ହେବାରୁ ହତାଶ ହୋଇ ବିଜେପି ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଫୋପାଡ଼ି ଦେଇଥିଲା। ଏହି ଖାଦ୍ୟ ଖାଇ ୨୦ଟି ଗୋମାତାଙ୍କର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ ଆଣିଛି

- ବଳକା ଖାଦ୍ୟ ନ ପୋତି ଫୋପାଡ଼ି ଦେବା ବିଜେପିର ଦାୟିତ୍ୱହିନତା
- ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହେବାରୁ ବିଜେପି ହତାଶ

ବିଜେଡି। ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳ ଗୋ-ମୃତ୍ୟୁ ପାଇଁ ଦାୟୀ ବୋଲି ବିଜେଡି ପକ୍ଷରୁ ଉର୍ତ୍ସନା କରାଯାଇଛି।

ରବିବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ପ୍ରାୟ ୧୦ ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇଥିଲେ ମଧ୍ୟ କମ୍ ସଂଖ୍ୟକ ଲୋକଙ୍କ ଉପସ୍ଥିତି ବିଜେପି ଦଳକୁ ନିରାଶ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭା ଚାଲିଥିବା ବେଳେ ଲୋକମାନେ ଉଠି ଚାଲିଯିବା ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ ଯେ ବିଜେପି ଉପରେ ନୂଆପଡ଼ାବାସୀଙ୍କ ଭରସା ନାହିଁ। ତେଣୁ, ହତାଶ ହୋଇ ବିଜେପି ଦଳ ବଳକା ଖାଦ୍ୟକୁ ପୋତିବା ପରିବର୍ତ୍ତେ ଫୋପାଡ଼ି ଦେଇଥିଲା। ସ୍ଥାନୀୟ ବାସିନ୍ଦାଙ୍କ ଗୃହପାଳିତ ପଶୁ ଏହାକୁ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ପରିଣାମସ୍ୱରୂପ, ୨୦ଟି ଅମୂଲ୍ୟ ପ୍ରାଣୀ ସମ୍ପଦ ମୃତ୍ୟୁବରଣ କଲେ। ଏହି ପ୍ରାଣୀ ସମ୍ପଦ ଦ୍ୱାରା ଜୀବିକା ନିର୍ବାହ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ଚାଲିଯାଇଛି।



ଗୋମାତାଙ୍କୁ ନେଇ ରାଜନୀତି କରୁଥିବା ବିଜେପି ଦଳର ଅସଲ ସ୍ୱରୂପ ନୂଆପଡ଼ାବାସୀ ଦେଖିଲେ। ଏହି ଅମାନବୀୟ ଘଟଣା ପାଇଁ ଦାୟୀ ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଡ. ମହାନ୍ତି ଦାବି କରିଛନ୍ତି। ସେ ଆହୁରି କହିଥିଲେ ଯେ ରାଜନୀତି ଭିତରେ ମାନବିକତା ରହିବା ଦରକାର।

ବିଜେପିର ଦାୟିତ୍ୱହୀନତା ଲାଗି ଯେଉଁ ବହୁମୂଲ୍ୟ ପଶୁ ସମ୍ପଦ ହାନି ଘଟିଲା, ତାହା ନୂଆପଡ଼ାବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି। ତାହାର କେବେ ବି କ୍ଷତିଭରଣା ହୋଇପାରିବ ନାହିଁ। ଭବିଷ୍ୟତରେ ଏହିଭଳି ଅମାନବୀୟ ଘଟଣାର ପୁନରାବୃତ୍ତି ଯେଉଁଭଳି ନ ହେବ, ସେଥିପ୍ରତି ବିଜେପି ଦଳ ସମ୍ବେଦନଶୀଳ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ସାହ କମ୍...

ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା। ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ କୁହାଯାଉଛି। ଚଳିତ ବର୍ଷ ଗ୍ରାହକ ବେଶୀ ସୁନା ଏବଂ ରୁପା ମୁଦ୍ରା କିଣିଛନ୍ତି। କାରଣ ଆଗକୁ ମୂଲ୍ୟ ଆହୁରି ବଢ଼ିବ ବୋଲି ବିଶ୍ୱାସ କରୁଛନ୍ତି। ସେଥିପାଇଁ ଏବେ କ୍ରୟ କରି ଲାଭରେ ରହିବାକୁ ଚାହୁଁଛନ୍ତି। ମୁମ୍ବଇର ଜଭେରି ବଜାରରୁ ନେଇ ଦେଶର ଅନେକ ସ୍ଥାନରେ ସୁନା ଏବଂ ରୁପା ମୁଦ୍ରା କିଣିବାକୁ ଶନିବାର ଦିନ ଯାକ ଗହଳି ଲାଗି ରହିଥିଲା।

ସିଏଆଇଟିର ଜାତୀୟ ଅଧ୍ୟକ୍ଷ ପଙ୍କଜ ଆରୋରା କହିଛନ୍ତି ଯେ କେବଳ ଦିଲ୍ଲୀରେ ୧୦ ହଜାର କୋଟି ଟଙ୍କାର କାରବାର ହୋଇଛି। ତେବେ ଇଣ୍ଡିଆ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ର ଜାତୀୟ ସଚିବ ସୁରେନ୍ଦ୍ର ମେହେଟ୍ଟା କହିଛନ୍ତି ଯେ ଉଚ୍ଚା ଦର ଯୋଗୁଁ ସୁନା ବିକ୍ରି ହାର ୧୦ ପ୍ରତିଶତ ହ୍ରାସ ପାଇଛି। ଗତ ବର୍ଷ ଧନତେରାସରେ ପ୍ରାୟ ୩୯ ଟନ୍ ସୁନା ବିକ୍ରି ହୋଇଥିଲା। କିନ୍ତୁ ଚଳିତ ଥର ପ୍ରାୟ ୩୬ ଟନ୍ ସୁନା ବିକ୍ରି ହୋଇଛି। ଜେମ୍ ଆଣ୍ଡ ଜୁଏଲାରୀ କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ରାଜେଶ ରୋକଡେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଚଳିତ ଧନତେରାସରେ ବିକ୍ରି ୧୦-୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ମୋଟ ମୂଲ୍ୟ ଦ୍ରୁତ ବୃଦ୍ଧି ପାଇଛି। ଉଚ୍ଚ ଦର ସତ୍ତ୍ୱେ ସ୍ମାର୍ଟ କ୍ରୟ ଏବଂ ଶୀଘ୍ର ବିବାହ ଖର୍ଚ୍ଚ ପାଇଁ ଗ୍ରାହକଙ୍କ ଆଗ୍ରହ ବଢ଼ିଛି।

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୫୩, ୪୨୨ ଟଙ୍କା ବୃଦ୍ଧି ପାଇଲାଣି। ୨୦୨୪ ଡିସେମ୍ବର ୩୧ରେ ୨୪ କ୍ୟାରଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିବାବେଳେ ଏବେ ତାହା ୧, ୨୯, ୫୮୪ରେ ପହଞ୍ଚି ଯାଇଛି। ସେହିପରି ରୁପା କେଜି ୮୩, ୨୧୩ ଟଙ୍କା ବଢ଼ିଛି। ଗତ ବର୍ଷ ଶେଷ ସୁଦ୍ଧା ଏହାର ଦାମ କିଲୋ ପିଛା ୮୬, ୦୧୭ ଟଙ୍କା ଥିବାବେଳେ ଏବେ ୧, ୬୯, ୨୩୦ ଟଙ୍କା ରହିଛି।

### ଜେଲ୍‌ରେ ଆଉ...

କେବଳ ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରିଛନ୍ତି। ରବିବାର ଜେରା ହୋଇଥିବା ୬୩ ଜଣଙ୍କ ମଧ୍ୟରେ ସମସ୍ତ ମହିଳା ପରୀକ୍ଷାର୍ଥୀ ସାମିଲ ଥିଲେ। ଏହି ଜାଲିଆତିରେ ସାମିଲ ପାଇଁ ଦଲାଲମାନେ କିପରି ଓ କେଉଁ ଉପାୟରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରିଥିଲେ, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ଓ ଟଙ୍କା ଆଦାୟ କରିଥିଲା, ପରୀକ୍ଷାର୍ଥୀମାନେ କିଭଳି ଟଙ୍କା ଦେଇଥିଲେ; ଆଦି ସଂପର୍କରେ ସେମାନଙ୍କୁ ପଚରାଉଚରା କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପ ସକାଳ ୮ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଜେଲ ଭିତରେ ୬୩ଜଣ ନିଯୁକ୍ତି ଆଶାୟୀଙ୍କୁ ଜେରା କରିଥିଲେ। ଜେରାରୁ କ୍ରାଇମ୍‌ବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା କୁହାଯାଉଛି।

### ନାମାଙ୍କନ ପୂର୍ବରୁ...

ସିଂ ମାଝୀ,ନିରଞ୍ଜନ ବିଶିଙ୍କ ନେତୃତ୍ୱରେ ବହୁ ଆଦିବାସୀ ନେତା ବିଜେଡିରେ ଯୋଗ ଦେଇଥିଲେ। ପରେ ନୂଆପଡା ଆସି ଶୋଭାଯାତ୍ରାରେ ବାହାରିଥିଲେ ସ୍ନେହାଙ୍ଗିନୀ। ତେଲିପଡାଠାରୁ ବିଶାଳ ଶୋଭାଯାତ୍ରା ମଧ୍ୟାହ୍ନ ୧୨ଟାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରୋଡ ଶୋ'ରେ ପରିକ୍ରମା କରିଥିଲେ।

ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଓ ସ୍ଥାନୀୟ ନେତାମାନେ ସମ୍ବୋଧନ କରି ରାଜ୍ୟ ବିଜେପି ସରକାର ଉପରେ ବର୍ଷିଥିଲେ। ଡବଲ୍ ଇଞ୍ଜିନ ଡବଲ ବିକାଶ ନୁହେଁ, ଡବଲ ବିନାଶ ହେଉଛି ବୋଲି ଅଭିଯୋଗ କରିଥିଲେ। ବିଜେଡି ନୂଆପଡ଼ା ଜିଲ୍ଲା ଅଧ୍ୟକ୍ଷ ଅବନୀ ରଞ୍ଜନ ଯୋଶୀ,ବିଜେଡି ସାଧାରଣ ସଚିବ ମନୋଜ ମିଶ୍ର, ବିଜେଡି ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଗତ ୧୬ ମାସର ବିଜେପି ଶାସନରେ ନୂଆପଡ଼ା ପ୍ରତି ହୋଇଥିବା ଅବହେଳା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଶୋଭାଯାତ୍ରାରେ ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ,ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା,ଅରୁଣ ସାହୁ,ନିରଞ୍ଜନ ପୁଜାରୀ,ଅତନୁ ସବ୍ୟସାଚୀ ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରମିଳା ମଲ୍ଲିକ, ଟୁକୁନି ସାହୁ,ସୁଦାମ ମାରାଣ୍ଡି, ପ୍ରୀତିରଞ୍ଜନ ଘଡେଇ,ସାରଦା ନାୟକ,ଚିନ୍ମୟ ସାହୁ, ଶ୍ରୀମତୀ ଇପସୀତା ସାହୁ,ଦେବୀରଞ୍ଜନ ତ୍ରିପାଠୀ, ପ୍ରଦୀପ ଦିଶାରୀ, ନଳିନୀକାନ୍ତ ପ୍ରଧାନ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଲେଖାଶ୍ରୀ ସାମନ୍ତସିଂହାର, ଅଧିରାଜ ପାଣିଗ୍ରାହୀ, ରବି ନନ୍ଦ,ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶି,ବିଜୟ ନାୟକ,ପ୍ରଦୀପ ମାଝୀ, ବିକ୍ରମ ପଣ୍ଡା, ନିହାର ବେହେରା,ସ୍ୱରୂପ ଦାସ, ଦୁଷ୍ମନ୍ତ ନାୟକ,ବ୍ରଜ ପ୍ରଧାନ, ମନୋରମା ମହାନ୍ତି,ତୁଷାରକାନ୍ତି ବେହେରା, ସରୋଜ ମେହେର, ବର୍ଷା ସିଂହ ବରିହା ଓ ସୁଦର୍ଶନ ହରିପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୂଆପଡ଼ାର ଲୋକମାନେ ବିଜେଡି ସହ ଅତୁଟ ଭାବେ ଅଛନ୍ତି ଓ ନୂଆପଡାବାସୀଙ୍କ ଆଶୀର୍ବାଦରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ନେତାମାନେ ଦୃଢ଼ୋକ୍ତି କରିଥିଲେ। ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ବକ୍ତବ୍ୟରେ ନୂଆପଡାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ କାର୍ତ୍ତିକ ଦୀପ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଟିଙ୍କୁ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଅକ୍ଷୟ ନନ୍ଦ ପ୍ରମୁଖ ସାମିଲ ଥିଲେ।

### ଭିଜିବ ଦୀପାବଳି !...

ଆକଳନ କରି କହିଛନ୍ତି ଯେ ୨୦ ଓ ୨୧ ତାରିଖରେ ରାଜ୍ୟରେ ପାଗ ଶୁଖିଲା ରହିବ। ୨୨ ଓ ୨୩ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ବର୍ଷା ହେବାକୁ ଥିବାବେଳେ ୨୪ରୁ ୨୬ ତାରିଖ ମଧ୍ୟରେ ରାଜ୍ୟରେ ଭାରୀ ବର୍ଷାର ସମ୍ଭାବନା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହୋଇ ୨୧ ବା ୨୨ ତାରିଖ ସୁଦ୍ଧା ଅବପାତ ଏବଂ ୨୪ ତାରିଖ ସକାଳ ସୁଦ୍ଧା ତାମିଲନାଡୁ ବା ସଂଲଗ୍ନ ଦକ୍ଷିଣ ଆନ୍ଧ୍ର ଉପକୂଳ ଛୁଇଁବ। ସେତେବେଳକୁ ଏହା ଦୁର୍ବଳ ହୋଇ ଯାଇଥିବ, ହୁଏତ ସେହି ଦୁର୍ବଳ ଘୂର୍ଣ୍ଣିବଳୟ ଅବସ୍ଥାରେ ଆନ୍ଧ୍ର/ଓଡ଼ିଶା ଉପକୂଳ ଦୂରରେ ରହିବ। ମାତ୍ର ଓଡ଼ିଶାକୁ ପବନର ଭୟ ନାହିଁ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି। ସେହିପରି କେତେକ ମଡେଲ ବାତ୍ୟାର ସମ୍ଭାବନା ଆକଳନ କରୁଥିବା ବେଳେ ଏମିତି ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

■ ବାପା ଆଖି ଆଗରେ ଝିଅକୁ ଅସଦାଚରଣ

# ଯୁବକଙ୍କୁ ହତ୍ୟା କରି ଅଭିଯୁକ୍ତର ଆତ୍ମସମର୍ପଣ

ପରଜଙ୍ଗ, ୧୯ ।୧୦(ସମିସ): ଆଖି ଆଗରେ ଝିଅକୁ ଅସଦାଚରଣ କୋଉ ବାପ ବା ସହିବ। ମୁଣ୍ଡକୁ ପିତ୍ତ ଚଢ଼ିଗଲା; ବାଡ଼ିରେ ପିଟିପିଟି ଦରମରା କରିବା ସହ ପଥର ଛେଚି ମାରିଦେଲା। ପରେ ଫାଣ୍ଡିକୁ ଯାଇ ପୁଲିସ ନିକଟରେ ନିଜକୁ ସମର୍ପଣ କରିଦେଲା। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି। ମୃତକ ହେଲେ, ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ୧ନଂ କଲୋନୀର କରୁଣାକର ବେହେରା। ପୁଲିସ କରୁଣାକରର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ରୁପାକୁ ଅଧିକ ପଚରାଉଚରା କରୁଛି। ସୂଚନାନୁଯାୟୀ, କରୁଣାକର ଜେସିବି ମେସିନ ସହାୟକ ଭାବେ କାମ କରନ୍ତି। ଗତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଏକ ଗାଁରେ ରହି କାମ କରୁଥିଲେ। ଶନିବାର ରାତିରେ କରୁଣାକର ରୁପା ପିଙ୍ଗୁଆଙ୍କ ଝିଅକୁ ଅସଦାଚରଣ କରୁଥିବା ବେଳେ ରୁପା ଏହା ଦେଖି ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପଥର ଓ ବାଡ଼ିରେ କରୁଣାକରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ କରୁଣାକରଙ୍କ ମୃତ୍ୟୁ ହୋଇଯାଇଥିଲା।ପରେ ମୃତଦେହ ଗାଁ ନିକଟ ଗମ୍ଭାରିଆ ନାଳ ନିକଟରେ ଫିଙ୍ଗିଦେଇ ରୁପା ଦଦରାଘାଟି ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ।

ତେବେ କରୁଣାକରଙ୍କ ବାପା କାଶୀନାଥ ଓ ଅନ୍ୟ ସମ୍ପର୍କୀୟମାନେ ଏହା ଏକ ସଂଘବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଅଭିଯୁକ୍ତ ରୁପାଙ୍କୁ ପଚରାଉଚରା କରାଯାଉଛି।

# ୪୪ କେଜି ଅଫିମ ଚୋପା ଜବତ, ଜଣେ ଗିରଫ



ବୈଶିଙ୍ଗା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଗରଗଡ଼ିଆ ଗ୍ରାମରେ ପୁଲିସ ଚଢ଼ଉ କରି ବେଆଇନ ନିଶା କାରବାରରେ ଜଡ଼ିତ ଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ କମଳାକାନ୍ତ ନାୟକ। ସୂତ୍ରରୁ ଖବର ପାଇ ମଧ୍ୟାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ଓ ମାଜିଷ୍ଟ୍ରେଟ ଭାବେ ବଡ଼ସାହିର ଅତିରିକ୍ତ ତହସିଲଦାର ବିନିତା କିସ୍କୁଙ୍କ ଉପସ୍ଥିତିରେ ପୁଲିସ ଫୋର୍ସ ସହିତ ୧୮ନଂ ଜାତୀୟ ରାଜପଥ ପାଶ୍ୱର୍ ଗଡ଼ଗଡ଼ିଆ ଛକ ନିକଟସ୍ଥ କମଳାକାନ୍ତର ଘରେ ଚଢ଼ଉ କରି ୩ଟି ବ୍ୟାଗ ଭର୍ତ୍ତି ଅଫିମ ଚୋପା ଜବତ କରିଥିଲେ। ତେବେ ଗଚ୍ଛିତ ଅଫିମ ଚୋପାର ଓଜନ ପାଖାପାଖି ୪୪କିଲୋ ହୋଇଥିଲା। ସୂଚନା ଯୋଗ୍ୟ ଯେ ଏହି ଅଫିମ ଚୋପାକୁ ଗୁଣ୍ଡ କରି ଟ୍ରକ ଡ୍ରାଇଭରମାନଙ୍କୁ ବିକ୍ରୟ କରନ୍ତି କମଳାକାନ୍ତ। ଏହି ବେଆଇନ ବେପାରରେ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ପୁଲିସ ହାତରେ ଧରାପଡୁନଥିଲା। ସେ ଝାଡ଼ଖଣ୍ଡ ରାଜ୍ୟରୁ ବସ ମାଧ୍ୟମରେ ଏହି ଅଫିମ ଚୋପା ଆଣି ତାକୁ ଗୁଣ୍ଡକରି ଜାତୀୟ ରାଜପଥରେ ୨୪ଘଣ୍ଟା ଧରି ଚାଲୁଥିବା ଟ୍ରକ, ଟ୍ରଲର ଓ ଡମ୍ଫର ଚାଳକମାନଙ୍କୁ ଚଢାଦରରେ ବିକୁଥିଲା। ପୁଲିସ ୫୨୮ନଂରେ ମାମଲା ରୁଜୁ କରି ଅଭିଯୁକ୍ତ କମଳାକାନ୍ତକୁ ଆସନ୍ତାକାଲି କୋର୍ଟଚାଲାଣ କରାଯିବା ନେଇ ଥାନା ଅଧିକାରୀ ଶ୍ରୀଦାସ ସୂଚନା ଦେଇଛନ୍ତି।

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

Notice (For Minor)
By virtue of an affidavit sworn before (Executive Magistrate/Notary Public), Bhubaneswar, Vol-II, SL No. 1900/18.10.2025, I, Mr. Nirmal Sahoo, At- Sobala, PO.- Gogua, PS.- Pattamundai, Dist. Kendrapara, Odisha declare that I have changed the name of my son from old name Suvranshu Shekhar Sahoo to new name Subhransu Sekhar Sahoo. Henceforth he shall be known as new name **Subhransu Sekhar Sahoo** for all purpose.
Nirmal Sahoo

# ବନ କର୍ମଚାରୀ ନାଁରେ ରାଜପଥରୁ ଚାନ୍ଦା ଆଦାୟ

ରାଜଘାଟ, ୧୯।୧୦ (ସମିସ)

ଶାଳକ ଥିଲେ ରେଞ୍ଜର, ଭିଣୋଇ ନିଜକୁ ବନବିଭାଗ କର୍ମଚାରୀ କହି ରାଜପଥରୁ କରୁଛନ୍ତି ବେଆଇନ ଚାନ୍ଦା ଆଦାୟ। ରାଜପଥରେ ଯାତାୟାତ କରୁଥିବା ସମସ୍ତ ଯାନ ବାହାନର ଚାଳକଙ୍କୁ ବନ ବିଭାଗର ଭୟ ଦେଖାଇ କରୁଛନ୍ତି ଚାନ୍ଦା ଆଦାୟ। ଏ ବାବୁ ଜଣକ ହେଉଛନ୍ତି ଭିଣୋଇ ଟୁନା ବାବୁ, ତାଙ୍କର କାମ ହେଉଛି ଶାଳକ ରେଞ୍ଜରଙ୍କ ନାମରେ ଚାନ୍ଦା ଆଦାୟ କରିବା। ସୂଚନା ଅନୁଯାୟୀ ୬୦ ନଂ ଜାତୀୟ ରାଜପଥ ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ସୁବର୍ଣ୍ଣରେଖା ବ୍ରିଜ ନିକଟରେ ସ୍ଥାୟୀ କ୍ୟାମ୍ପ କରି ବସ୍ତାର ଅଶୋକ ମହାନ୍ତି ଓରଫ ଟୁନା ବାବୁ ବନ ବିଭାଗର କୌଣସି କର୍ମଚାରୀ ନ ହୋଇ ମଧ୍ୟ ନିଜକୁ ବନ ବିଭାଗ କର୍ମଚାରୀ କହି ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ମାଲ ବୋଝେଇ ଗାଡିରୁ ଅର୍ଥ ଆଦାୟ କରୁଛନ୍ତି। ଏହି ଟୁନା ବାବୁଙ୍କ ଶାଳକ ବହୁ ବର୍ଷ ତଳେ ଜଳେଶ୍ୱର ବନବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କରି ବଳରେ ବଳିଆନ ହୋଇ ଏହି ଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ କରି ବେଆଇନ ଭାବରେ ବନ୍ୟଜାତ ଦ୍ରବ୍ୟ ପରି ବହନ କରୁଥିବା ଯାନ ବାହାନରୁ ଜରିମାନା ଆଦାୟ କରୁଥିଲେ,



ତେବେ ସେ ରେଞ୍ଜର ଜଣକ ଜଳେଶ୍ୱରରୁ ବଦଳି ହୋଇ ଚାଲି ଯାଇଥିଲେ ମଧ୍ୟ ଟୁନା ବାବୁ ୨୦୧୭ ମସିହାରୁ ଏହି ଠାରେ ଆସ୍ଥାନ ଜମାଇ ବସିଛନ୍ତି। ବନ୍ୟଜାତ ଦ୍ରବ୍ୟ ପରିବହନ କରୁଥିବା ସମସ୍ତ ଗାଡିରୁ ଜରିମାନା ଆଦାୟ ବାହାନରେ ଜୋରଜବରଦସ୍ତ ୫୦ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବେଆଇନ ଜରିମାନା ଆଦାୟ ନେଉଛନ୍ତି। ବନ ବିଭାଗ ଅଧିକାରୀମାନେ ଜାଣିଶୁଣି ତାଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଆଉ ଏହି ବେଆଇନ ଜରିମାନା ଅର୍ଥରେ କୁଆଡେ ବନ ବିଭାଗର କର୍ମଚାରୀଙ୍କ ଭାଗ ରହିଥିବା ଅଭିଯୋଗ ଆସିଛି। ବେଆଇନ ଜରିମାନା ନେଉଥିବା ବେଳେ ଆମେ ପଚାରିବାରୁ ମାଡାମ କହିଛନ୍ତି କହି ଆମ ଉପରେ ଫଁ ଫଁ ହୋଇ ଚାଲି ଯାଇଥିଲେ ଟୁନା ବାବୁ।

ଏ ବାବଦରେ ଜିଲ୍ଲା ବନ ଅଧିକାରୀ ଜୟଶ୍ରୀ ମୁର୍ମୁଙ୍କ ଫୋନ ଯୋଗେ ପଚାରିବାରୁ ଏଠାରେ ଆମର କୌଣସି ଅଫିସ ନାହିଁ କିମ୍ବା ଅଶୋକ ମହାନ୍ତି ଓରଫ ଟୁନା ବାବୁ ନାମରେ ତାଙ୍କ ବିଭାଗରେ କେହି କର୍ମଚାରୀ ନଥିବା କହିଥିଲେ। ତେବେ ଟୁନା ବାବୁ କେଉଁ ସାହାସରେ ଆଉ କାହା ଇସାରାରେ ଗାଡିରୁ ଚାନ୍ଦା ଆଦାୟ କରୁଛନ୍ତି, ବନ ବିଭାଗ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଇନ୍‌ଟାକ ଚାପ୍ଟର ପକ୍ଷରୁ ଦୁଇଦିନିଆ କର୍ମଶାଳା

ବାଲେଶ୍ୱର, ୧୯ ।୧୦(ସମିସ): ଇନଟାକ ପକ୍ଷରୁ ଦୁଇ ଦିନିଆ ଟେରାକୋଟା ନିର୍ମାଣ କର୍ମଶାଳା ସ୍ଥାନୀୟ କଳା ଓ ଚାରୁକଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଇନଟାକ ଚାପ୍ଟରର ଆବାହକ ଉଦୟ ରଞ୍ଜନ ଦାସ ଏହି ସଭାରେ ସଭାପତିତ୍ୱ କରିଥିଲେ। କୋ କନଭେନର ସଂଗ୍ରାମ କୁମାର ଦାସ ଯୋଗଦେଇ ଭାଗ ନେଇଥିବା ସ୍ଥାନୀୟ ବିଦ୍ୟାଳୟର ପିଲାମାନଙ୍କୁ ଇନଟାକ ସମ୍ପର୍କରେ ଓ ଏହାର କାର୍ଯ୍ୟକଳାପ ବିଷୟରେ ଜଣାଇଥିଲେ। ଅନ୍ୟତମ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଏହି କର୍ମଶାଳା ବିଷୟରେ ତାଙ୍କ ବକ୍ତବ୍ୟ ମାଧରେ ଅବଗତ କରାଇଥିଲେ। ଶେଷରେ ଅତିରିକ୍ତ ସହ ଆବାହିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଦେଇଥିଲେ। ଇନଟାକର ସଦସ୍ୟ ଭାବଗ୍ରାହୀ ମହାନ୍ତି, ସତ୍ୟନାରାୟଣ ନନ୍ଦ, ହରେନ୍ଦ୍ର ଚନ୍ଦ୍ର ରଣା, ଅଖିଳ କୁମାର ଦାସ, ସୌରଭ ବେହେରା ଓ ସଲିମ ସୁବା ଆଦି ସଦସ୍ୟ ସହଯୋଗ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସ୍ଥାନୀୟ ୭ଟି ବିଦ୍ୟାଳୟରୁ ୩୩ ଜଣ ଛାତ୍ରଛାତ୍ରୀମାନଙ୍କୁ କର୍ମଶାଳାରେ ଯୋଗଦେଇଥିଲେ।

## ରାଇବଣିଆ ଚାଷୀଙ୍କୁ କଲବଲ କଲାଣି ହାତୀପଲ

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ) : ରାଇବଣିଆ ଅଞ୍ଚଳରେ ମୋଟ ଉପରେ କହିବାକୁ ଗଲେ ୨୨୬୩ ହେକ୍ଟର ପ୍ରାକୃତିକ ଜଙ୍ଗଲରେ ପରିପୂର୍ଣ୍ଣ ତା ସାଙ୍ଗକୁ ଶହ ଶହ ହେକ୍ଟର ସରକାରୀ ଜମିରେ ଜଙ୍ଗଲ ଭରି ରହିଛି। ସେଥି ପାଇଁ ବର୍ଷର ଅଧିକାଂଶ ସମୟ ଝାଡ଼ଖଣ୍ଡ ହାତୀପଲ ଠାରୁ ଆରମ୍ଭ କରି ନୀଳଗିରି ହାତୀ ପୋଲ ଚାଷୀଙ୍କର ଅମଳ ସମୟରେ ରାଇବଣିଆ ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ପଳାଇ ଆସି ଚାଷୀଙ୍କର ବ୍ୟାପକ କ୍ଷୟକ୍ଷତି କରିଥାନ୍ତି। ଗତ ଏକ ସପ୍ତାହ ଧରି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଦେଇ ୧୯ ଟିକିଆ ଶିମିଳିପାଳ ହାତୀପଲ ଆମ୍ବତୁମ୍ବା, କ୍ଷୀରକୋଳସାହି, ଦୁଧିଆଶୋଳ, ହୁହାପଡ଼ା, ବାଖୁଡ଼ିପଦା, ଭାଡ଼ରପଦା, ଭୋଳ ଆଦି ଅଞ୍ଚଳରେ ଆସି ଚାଷୀଙ୍କ ଧାନ ବିଲରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ଯାହାକୁ ନେଇ ଚିନ୍ତା ଓ ଭୟରେ ଚାଷୀ। ବନ ବିଭାଗ ହାତୀକୁ ଘୋଡାଇବାକୁ ଚେଷ୍ଟା ଜାରି ରଖିଥିବା ବେଳେ ରାଇବଣିଆ ବନବିଭାଗ ଲୋକଙ୍କ ଧନ ଜୀବନପ୍ରତି ଯଥେଷ୍ଟ ଯତ୍ନବାନ ରହିଥିବା କଥା ରାଇବଣିଆ ବନ ବିଭାଗର ଅଧିକାରୀ ପ୍ରହ୍ଲାଦ ନାୟକ କହିଛନ୍ତି।





## ପରିତ୍ୟକ୍ତ କୂଅରୁ ବାହାରିଲା ଶିବଲିଙ୍ଗ

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଅଞ୍ଚଳର କଳମା ଗ୍ରାମ ପଞ୍ଚାୟତର ଗୁଣ୍ଡରୁଶୋଳ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଶିବଲିଙ୍ଗ ବାହାରିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ତାରାକାନ୍ତ ଦାସଙ୍କ ପୁଅ ମନୋଜ ଦାସଙ୍କୁ ସ୍ୱପ୍ନାଦେଶ ପାଇଥିଲେ କି ଗ୍ରାମର ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରେ ଶିବ ଲିଙ୍ଗ ଅଛି। ବାରମ୍ବାର ସ୍ୱପ୍ନାଦେଶ ହେବା ପରେ ଗ୍ରାମର ଭଦ୍ର ବ୍ୟକ୍ତି ଓ ପୂଜକଙ୍କୁ ନେଇ କୂଅର ପାଣିକୁ ଶୁଖାଇ ଶିବଲିଙ୍ଗ ବାହାର କରି ଧୂପ, ଦୀପ ଶଙ୍ଖ ଝାଲି ବଜାଇ ଗ୍ରାମରେ ଥିବା ଶିବ ମନ୍ଦିରରେ ଆଣି ପୂଜାର୍ଚ୍ଚନା କରିଥିଲେ।

## କମର୍ଦ୍ଦା ମଣ୍ଡଳ ପକ୍ଷରୁ ବିଜେପିର ବନ୍ଧୁମିଳନ

ଭୋଗରାଇ, ୧୯।୧୦(ସମିସ): ଭୋଗରାଇ ବିଜେପି ପକ୍ଷରୁ ଦୁଡପଳ ପଞ୍ଚାୟତ ପଡ଼ିଆରେ କମର୍ଦ୍ଦା ମଣ୍ଡଳ ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମଣିକିଙ୍କର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ସିଆଁରୋଇ ସମିତି ସଦସ୍ୟ ଆଶିଷ ମହାନ୍ତି, ବସ୍ତା ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ବରିଷ୍ଠ ବିଜେପି ନେତା ସୁନୀଲ କର, କ୍ୟାପଟେନ୍ ଅଶୋକ ଦାସ, ରାଜକୁମାର ଦାସ, ଭୋଗରାଇ ମଣ୍ଡଳ ସଭାପତି ପରାମାନନ୍ଦ ପରିଡ଼ା, କମର୍ଦ୍ଦା ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା, ନାଚିନ୍ଦା ମଣ୍ଡଳ ଅଜିତ ଚାନ୍ଦ, ଦେହୁଦା ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, କଖଡା ମଣ୍ଡଳ ସଭାପତି ସସ୍ମିତା ଦେ, ଚନ୍ଦନେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର, ୧୪୭ ୟୁନିଟ୍ ସଂଗୃହୀତ

ସୋର, ୧୯।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ରାଇପୁରସ୍ଥିତ କେ .ଏଲ .ଏମ. ହସ୍ପିଟାଲ ପରିସରରେ ସଞ୍ଜୁକ୍ତା ମହାପାତ୍ରଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲର କର୍ମଚାରୀ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ୧୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ଏହି ଶିବିରକୁ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶଶାଙ୍କ ଶେଖର ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ପଦ୍ମ ଲୋଚନ ଦିବେଦୀ, ନେତ୍ରାନନ୍ଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ପତି ଯୋଗଦେଇ ଥିଲେ।

ଏହି ଅବସରରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଇଁରୀ ଗ୍ରାମର ଆଶା ବିଳାସିନୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡାକ୍ତର ଧୀରେଶ କୁମାର ଷଡଙ୍ଗୀ ଏବଂ ଅସୀମା ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ସୁବେଦାର୍ ମେଜର୍ ଗିରିଶ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



# ନୀଳଗିରି ରକ୍ତଦାତା ସଂଘର ଜରୁରୀ ବୈଠକ




ନୀଳଗିରି, ୧୯।୧୦ (ସମିସ): ନୀଳଗିରି ରକ୍ତ କେନ୍ଦ୍ରରେ ଟେକ୍ନିସିଆନ୍ ପଦବୀ ପୂରଣ ପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନୀଳଗିରି ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାତ ଦିନ ଭିତରେ ଦାବି ପୂରଣ ନହେଲେ ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଜିଲ୍ଲା ଚିକିତ୍ସା ଅଧିକାରୀ ଦୁଇ ଦିନ ଭିତରେ ଟେକ୍ନିସିଆନ୍ ପଦବୀ ପୂରଣ କରାଯିବ ବୋଲି ସୂଚନା ଦେଇଥିଲେ। କିନ୍ତୁ ଏଯାବତ ପୂରଣ ହୋଇ ନାହିଁ। ଫଳରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥି ପାଇଁ ଆଜି ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ଅମରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦଳେଇ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ତିରିଶ ତାରିଖ ଠାରୁ ଉପଖଣ୍ଡ ଚିକିତ୍ସା ଳୟ, ନୀଳଗିରି ସମ୍ମୁଖ ରେ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଛି ବୋଲି ସଂଘର ସମ୍ପାଦକ ବିଜୟ ପାତ୍ର ସୂଚନା ଦେଇଛନ୍ତି।

## ଜମିବ ଗଣ୍ଡିବେଡ ସାର୍ବଜନୀନ କାଳୀପୂଜା

ଖଇରା, ୧୯ ।୧୦ (ସମିସ): ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଠାରେ ବଣିକ ସଂଘ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ସାର୍ବଜନୀନ କାଳୀପୂଜା ଚଳିତ ବର୍ଷ ଅଷ୍ଟମବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ୬ଦିନ ଧରି ଜାକଜମକରେ ପାଳନ କରିବାକୁ ବଣିକସଂଘ ଦିନରାତି ଉଦ୍ୟମ ଚଳାଇଛି। ବଣିକ ସଂଘର ସଭାପତି ଇଂ ରାଜେଶ ମହାକୁଡ, ସମ୍ପାଦକ ଅଭିମନ୍ୟୁ ରାଉଳ, ଉପସଭାପତି ପୁରସ୍ତମ ମହାନ୍ତି, ସହସମ୍ପାଦକ ପଙ୍କଜ ବାରିକ, ଆବାହକ କୃଷ୍ଣଚନ୍ଦ୍ର ସାହୁ ଓ ପଦ୍ମଲୋଚନ ଜେନାଙ୍କ ସମେତ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇ ୬ଦିନର କାର୍ଯ୍ୟକ୍ରମର ଚୁଡାନ୍ତ ରୁପରେଖ ପ୍ରସ୍ତୁତ କରାଯାଇଛି। ୨୦ତାରିଖ ଦିନ ଘଟୋତ୍ତଳ ସାଙ୍ଗକୁ ମାଙ୍କୁ ଆବହନ, ୨୨ତାରିଖ ଭଜନ ସଂଧ୍ୟା, ୨୩ତାରିଖ ଷ୍ଟାର ନାଇଟ, ୨୪ତାରିଖ ମ୍ୟାଜିକ ସୋ ସାଙ୍ଗକୁ ରେକର୍ଡ ଡ୍ୟାନ୍ସ, ୨୫ତାରିଖ ରେ ସମସ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ଏବଂ ୨୬ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ। ତାସହିତ ବିଭିନ୍ନ ଦିବସରେ ସ୍ଥାନୀୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି।

## ସୋର ଓ ବାଲେଶ୍ୱର ମାରାଥନର ମିଳିତ ପ୍ରମୋ ରନ୍

ସୋର, ୧୯।୧୦(ସମିସ): ସୋର ମାରାଥନ ଆୟୋଜନରେ ଆଜି ସକାଳ ୬.୩୦ଟାରେ ସୋର ଷ୍ଟେସନ୍ ରୋଡରେ ସୋର ମାରାଥନ ଓ ବାଲେଶ୍ୱର ମାରାଥନ୍ ମିଳିତ ଭାବେ ଏକ ପ୍ରମୋ ରନ ଆୟୋଜନ କରିଥିଲେ। ଏଥିରେ ୧୦୦ଜଣ ଯୋଗ ଦେଇଥିଲେ। ବାଲେଶ୍ୱର ମାରାଥନ୍‌ର ୧୦ଜଣିଆ ଦଳ ସହ ସୋର ମାରାଥନର ସଦସ୍ୟ, ପାସ ଏକାଡେମୀ, ମୀନାରାଣୀ ଆଇ ଟି ଆଇ, ସୋର ତାଇକାଣ୍ଡୋ ଆସୋସିଏସନ୍‌ର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆସନ୍ତା ୨୩ ନଭେମ୍ବରରେ ବାଲେଶ୍ୱର ମାରାଥନ, ଆସନ୍ତା ୩୦ ନଭେମ୍ବରରେ ସୋର ମାରାଥନ୍ ଅୟୋଜନ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୁଡ଼ିଖାଲରେ ଶିବ ମୁନିଙ୍କ ଜୟନ୍ତୀ

ରାଜଘାଟ, ୧୯।୧୦ (ସମିସ): ବସ୍ତା ବ୍ଲକ ଗୁଡିଖାଲ ମୁନି ସମାଜ ଆନୁକୂଲ୍ୟରେ ମୁନି ସମାଜର ସଂସ୍ଥାପକ ସଦ୍ ଗୁରୁଦେବ ଶିବମୁନିଙ୍କ ୧୪୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁନିରାଜ ଗୁଡିଖାଲ ଶାଖାର ସହ ସମ୍ପାଦକ ବଳରାମ ମୁନିଙ୍କ ସଭାପତିତ୍ୱ ଆୟୋଜିତ ଏହି ୨ ଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରାନ୍ତ ମୁନିସମାଜର ସମାଜର ସଭାପତି ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସୁଧାଂଶୁ ମୁନି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଯୋଗୀ ପରମାନନ୍ଦ ବାରିକ, ଗୁଡିଖାଲ ଜୋନ୍ ସଙ୍ଗଠକ ଚିତ୍ତରଞ୍ଜନ ମୁନି, ଗଦାଧର ମୁନି, ଯୋଗ ଶିକ୍ଷୟିତ୍ରୀ ବନ୍ଦିନୀ ଜେନା ପ୍ରମୁଖ ଯୋଗଦେଇ 'ଆଗଜ୍ଞାନ ଚଉତିଷା' ପୁସ୍ତକ ଉନ୍ମୋଚନ କରିବା ସହ ଶିବ ମୁନିଙ୍କ ସତ୍ୟ ସିଦ୍ଧାନ୍ତ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଯୋଗୀ କୃପାସିନ୍ଧୁ ମୁନି ସତ୍ୟ ପତାକା ଉତ୍ତୋଳନ କରିଥିବାବେଳେ ଗୁଡିଖାଲ ମୁନି ସମାଜର ସମ୍ପାଦକ ଗୋପାଳକୃଷ୍ଣ ମୁନି ଅତିଥି ପରିଚୟ ଓ ସଙ୍ଗଠନ ପ୍ରଚାର ମୁନି ଅରୁଣ ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧୯ ।୧୦ (ସମିସ): ଖଇରା ବ୍ଲକ ଅଧୀନ ହରିପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ ସଂଯୋଜକ ବିଶ୍ୱନାଥ ଧିନ୍ଦାଙ୍କୁ ଶାନ୍ତଲତା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଆରସିସି ମାଣିକ ମିଶ୍ର ମୁଖ୍ୟ ଅତିଥି, ନବ ନିଯୁକ୍ତ ସିଆରସିସି ସରୋଜ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହଲା ଅତିଥି ପରିଚୟ, ଦେବସ୍ମିତା ପାତ୍ର ବେଦପାଠ ଓ ବୁଦ୍ଧଦେବ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରତିରାଣୀ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା


ଭୋଗରାଇ, ୧୯।୧୦(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତର ବନାବସାଣ ଗ୍ରାମରେ ସ୍ୱର୍ଗତ ଶ୍ରୀହରି ମହାନ୍ତିଙ୍କ ଧର୍ମପତ୍ନୀ ଆରତିରାଣୀ ମହାନ୍ତିଙ୍କ ଚତୁର୍ଥ ଶ୍ରଦ୍ଧାବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଝିଅ ସବିତା ମହାନ୍ତି, ଜ୍ୱାଇଁ ପ୍ରଶାନ୍ତ ମହାନ୍ତି, ଆଶିଷ ପାତ୍ର, ଆଶିଷ ମହାନ୍ତି, ସୁନିଲ କର, ବିଦ୍ୟୁଭୂଷଣ ଦାସ, କ୍ୟାପଟେନ ଅଶୋକ ଦାସ, ମଣିକିଙ୍କର ପଟ୍ଟନାୟକ, ଅମଳେନ୍ଦୁ ଦାସ, ନଟୋରଞ୍ଜନ ଘଡାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ପାତ୍ର, ଦିବ୍ୟ ସୁନ୍ଦର ଦାସ, ଅନିରୁଦ୍ଧ ପାତ୍ର, ଚନ୍ଦନ ପ୍ରଧାନ, ଅଜିତ ଚାନ୍ଦ, ବ୍ରଜକିଶୋର ମହାନ୍ତି, କୁନ୍ତଳ ଭଞ୍ଜ, ଅଶୋକ ଦତ୍ତ, ଶଶିକାନ୍ତ ହାତୀ, ରଞ୍ଜନ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁଅ ଅଂଶୁମାନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନୀଙ୍କ ବିୟୋଗରେ ବଜାର କମିଟିର ଶୋକସଭା

ରୂପସା, ୧୯।୧୦ (ସମିସ) : ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ହଳଦୀପାଳ ବଜାରରେ ଜଣେ ଦୋକାନୀଙ୍କ ବିୟୋଗରେ ଆଜି ବଜାର କମିଟି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୃତକ ଜଣକ ହେଲେ ସ୍ଥାନୀୟ ପୁରାଣ ଗ୍ରାମର ମାନ ଗୋବିନ୍ଦ ପାତ୍ର। ୩୫ ବର୍ଷ ଧରି ତାଙ୍କର ଏହି ବଜାରରେ ଏକ ଟେଲର ଦୋକାନ ରହିଛି। କିଛିଦିନ ପୂର୍ବରୁ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ସମ୍ମାନ ଜଣାଇ ଆଜି ବଜାର କମିଟି ପକ୍ଷରୁ ଗୋଟିଏ ଓଳି ଦୋକାନ ବନ୍ଦ କରାଯିବା ସହିତ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟକୃଷ୍ଣ ପତି, ରାଧାକୃଷ୍ଣ ବାରିକ, ହରିଶ ଚନ୍ଦ୍ର ନାୟକ, ଜିତେନ୍ଦ୍ର ବାରିକ, ପ୍ରତାପ ମହାପାତ୍ର, ଗଙ୍ଗାଧର ଜେନା, ବ୍ରଜ କିଶୋର ରଣା, ପୁରୁଷୋତ୍ତମ ନାୟକ, ସୁରେଶ ଚନ୍ଦ୍ର ପାଣି, ଜୟକୃଷ୍ଣ ଦାସ, ସୁରେଶ ମହାପାତ୍ର, ଜ୍ଞାନ ରଞ୍ଜନ ସାହୁ, ଗୋବିନ୍ଦ ସାହୁ ଓ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

# ରୋଗିଣା ଅଜାର ସମ୍ପତ୍ତି ହଡ଼ପିନେଲା ନାତି

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ) : ଶଯ୍ୟାଶାୟୀ ୯୫ ବର୍ଷ ବୟସ୍କ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କୁ ଡାକ୍ତର ଦେଖାଇବା ନାଁରେ ତାଙ୍କ ଠାରୁ ସମ୍ପତ୍ତି ହଡ଼ପ କରିନେଲା ନାତି। ରାଇବଣିଆ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ପେଣ୍ଡରସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଘୋଷ ପିତା ବଳରାମ ଘୋଷଙ୍କ ନାମରେ ନାମିତ ଥିବା ୫ଟି ଖାତା ନମ୍ବର ରେ ୪୪ଗୋଟି ପ୍ଲଟରେ ମୋଟ୍ ୧୨.୮୩ ଡ଼ିସିମିଲ ସମ୍ପତ୍ତି ବଳରାମ ଘୋଷଙ୍କ ମୃତ୍ୟୁ ପରେ ୪ ଜଣ ପୁତ୍ରଙ୍କ ନାମରେ ନାମିତ ଥିବା ଏହି ସମ୍ପତ୍ତିକୁ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କ ଝିଅର ପୁତ୍ର କୌଣସି ଲିଗାଲ ହେୟାର ମାନଙ୍କୁ ନ ନେଇ ତଞ୍ଚକତା କରି ଶଯ୍ୟାଶାୟୀ ଅଜା ପୂର୍ଣ୍ଣଚନ୍ଦ୍ରଙ୍କ ଠାରୁ ୨ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ନିଜ ନାମରେ ନାମିତ କରାଇ ନେଇ ଥିବା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବାସନ୍ତୀ ଘୋଷ ଅଭିଯୋଗ କରିଛନ୍ତି। ବାସନ୍ତୀଙ୍କର ପୁତ୍ର ନ ଥିବା ହେତୁ ଏହି ବୃଦ୍ଧା ଅବସ୍ଥାରେ ତାଙ୍କର ଔଷଧ ଖର୍ଚ୍ଚ ଠାରୁ ଆରମ୍ଭ କରି ଖାଦ୍ୟ ପାନୀୟ ସାଙ୍ଗକୁ ରହିବାର ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ଯାହା ଫଳରେ ଲୋକଙ୍କ ଘରେ ମାଗି ଯାଚି ଚାଲିବାକୁ ପଡୁଛି। ଯାହାକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ସାନ ଝିଅ ସରୋଜିନୀ ଓ ବାସନ୍ତୀ ନ୍ୟାୟ ପାଇଁ ତହସିଲଠାରୁ ଆରମ୍ଭ କରି ସବ୍‌ରେଜିଷ୍ଟ୍ରାର ଅଫିସ ଓ ରାଇବଣିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାସନ୍ତୀଙ୍କ ନାତି ସପନ ପଢ଼ିଆରି ପୂର୍ଣ୍ଣଚନ୍ଦ୍ରଙ୍କ ଠାରୁ ଚଞ୍ଚକତା କରି ହାତେଇ ନେଇଥିବା ସମ୍ପତ୍ତି କିପରି ଭାବରେ ଫେରି ପାଇବେ ସେ ନେଇ ଗୁହାରି ଜଣାଇଛନ୍ତି।



# ବିଚିତ୍ରପୁର ମେଳାରେ ଜୁଆ ପସରା

ଭୋଗରାଇ, ୧୯।୧୦(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ଚନ୍ଦନେଶ୍ୱର ପୁଲିସ ଫାଣ୍ଡି ଅଧୀନରେ ଥିବା ବିଚିତ୍ରପୁର ଲକ୍ଷ୍ମୀପୂଜା ଅବସରରେ ଚାଲିଥିବା ୧୫ଦିନିଆ ମେଳାରେ ଖୁଲମ ଖୋଲା ଜୁଆ ମେଳା ଚାଲିଛି। ଉକ୍ତ ମେଳାକୁ ବହୁ ଦୂର ଦୂରାନ୍ତରୁ ବଡ଼ ବଡ଼ ଦୋକାନ ଆସୁଥିବାରୁ ପ୍ରତ୍ୟେକ ସନ୍ଧ୍ୟାରେ ହଜାର ହଜାର ଲୋକ ମେଳା ବୁଲିବାକୁ ଆସନ୍ତି। ଘର କରଣା ଜିନିଷ ସହିତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଚଟପଟା ଖାଦ୍ୟର ମଜା ନେଇ ରାତିରେ ମଞ୍ଚ ଯାତ୍ରା ଦେଖି ବିଳମ୍ବିତ ରାତିରେ ଘରକୁ ଫେରନ୍ତି। ଜନଗହଳିକୁ ଦୃଷ୍ଟିରେ କିଛି ଅସାଧୁ ବ୍ୟକ୍ତି ମେଳା ମଧ୍ୟରେ ବିଭିନ୍ନ ସ୍ଥାନରେ ହୋଟେଲ ନାଁରେ ମଦ ବ୍ୟବସାୟ କରି ମାଲେମାଲ ହେଉଛନ୍ତି। ଯୁବଗୋଷ୍ଠୀ ମଧ୍ୟ ମଦ ପିଇ ହିତାହିତ ଜ୍ଞାନ ଭୁଲି ଅଧିକ ରୋଜଗାର କରିବା ଆଶାରେ ରାତିସାରା ଜୁଆ ଖେଳରେ ବୁଡ଼ି ରହି ସର୍ବସ୍ୱାନ୍ତ ହେଉଛନ୍ତି। ମେଳା ମଧ୍ୟରେ ଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିର ପାର୍ଶ୍ୱ ଓ ମେଳାର ବିଭିନ୍ନ ପାର୍ଶ୍ୱରେ ଖୁଲମ ଖୋଲା ଜୁଆ ଖେଳରେ ବହୁ ଯୁବବର୍ଗଙ୍କ ଗହଳି ହେଉଥିବା ବେଳେ ଆୟୋଜକ ନିରବ ରହୁଥିବା ଦେଖିବାକୁ ମିଳିଛି। ମେଳାରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମଧ୍ୟ ନାହିଁ। ମେଳାରେ ବିଭିନ୍ନ ସ୍ଥାନରେ ଉପୁଜୁଥିବା ଗଣ୍ଡଗୋଳର ସୂଚନା ପାଇ ମଧ୍ୟ ପୁଲିସ ମେଳାକୁ ଯାଇ ଗଣ୍ଡଗୋଳର ସମାଧାନ କରୁଛି, ହେଲେ



### ସବୁଜାଣି ପ୍ରଶାସନ ନିରବ

ମଦ ଓ ଜୁଆ ଖେଳ ଉପରେ ନଜର ପଡୁନାହିଁ କେମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା କେବଳ ମେଳା ପରିପ୍ରେକ୍ଷୀରେ ନୁହେଁ, ଖୁଲମଖୁଲା ମଦ ବିକ୍ରି ସହିତ ଜୁଆ ଖେଳ ନିତିଦିନିଆ ଅଭ୍ୟାସରେ ପରିଣତ ହେଉଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ମା’ ମନସା ଦେବୀଙ୍କ ପୂଜା ସମ୍ପନ୍ନ

ବହଳଦା,୧୯।୧୦(ସମିସ):



ବହଳଦା ଓ ତିରିଂ ଅଞ୍ଚଳର ବିଭିନ୍ନ ସ୍ଥାନରେ ମା’ ମନସା ଦେବୀଙ୍କ ପୂଜା ସମ୍ପନ୍ନ ହୋଇଯାଇଥିବା ବେଳେ ଆକର୍ଷଣୀୟ ସାଜସଜ୍ଜା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉତ୍ସବମୁଖର ହୋଇଉଠିଥିଲା ପୁରପଲ୍ଲୀ। ବହଳଦା ଓ ତିରିଂ ଅଞ୍ଚଳର ବଭିନ୍ନ ଗ୍ରାମରେ ଭଗବାନ ଶିବଙ୍କ ମାନସ କନ୍ୟା ମା’ ମନସାଙ୍କ ସାଧନା କରୁଥିବା ପୂଜକଙ୍କ ଦ୍ୱାରା ଗର୍ଭଣା ସଂକ୍ରାନ୍ତିରେ ଏହି ପୂଜା ବିଧିବିଧାନର ସହ ସମ୍ପନ୍ନ ହୋଇଥିଲା। ତେବେ ଆକର୍ଷଣୀୟ ସାଜସଜ୍ଜା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ପୂଜାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ତିରିଂ ବ୍ଲକ ଅଧୀନ ଗିଡିଲତା ଗ୍ରାମରେ ମା’ ମନସାଙ୍କ ସାଧକ ଘାଷିରାମ ଆଲଦାଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ପୂଜା ଅବସରରେ ମା’ ମନସା ପୂଜା କମିଟି ପକ୍ଷରୁ ଆୟୋଜିତ ହେଉଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅଞ୍ଚଳରେ ବେଶ ପ୍ରସିଦ୍ଧ। ଏଠାରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ଦେଖିବାକୁ ଆଖପାଖ ଓ ଦୂରଦୂରାନ୍ତରର ଲୋକଙ୍କ ସୁଅ ଛୁଟିଥାଏ। ଚଳିତ ବର୍ଷ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ପରେଶଚନ୍ଦ୍ର ମୁଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ବଳଦେବ ହେମ୍ବ୍ରମ, ଯଦୁନାଥପୁର ସୀମାନ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ରାଧାକାନ୍ତ ମହାରଣା ପ୍ରମୁଖଙ୍କ ସହିତ ବହୁ ଅତିଥି ଉପସ୍ଥିତ ରହିଥିଲେ। ଏଠାରେ ବଡି ବିଲଡିଂ ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ଦିବାକର ମାଝୀ ପ୍ରଥମ, ଦୀପକ ସୋରେନ୍ ଦ୍ୱିତୀୟ, ଦେବ କିସ୍କୁ ତୃତୀୟ, ଶୁଭଙ୍କର ସିଂ ଚତୁର୍ଥ ଏବଂ ମୋହନ ବାଗେ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ରାତି ତମାମ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ନଟରାଜ ଡ୍ୟାନ୍ସ ଗ୍ରୁପ (ଜାମସେଦପୁର) ପ୍ରଥମ, ଧୀରଜ ଥାପା (ନେପାଳ) ଦ୍ୱିତୀୟ ଏବଂ ସଂଗମ ଡ୍ୟାନ୍ସ ଗ୍ରୁପ (ଜାମସେଦପୁର) ତୃତୀୟ ସ୍ଥାନ ଅଧିକାର କରି କମିଟି ପକ୍ଷରୁ ପୁରସ୍କୃତ ହୋଇଥିଲେ। କମିଟି ଅଧ୍ୟକ୍ଷ ସୁନୀଲ ପୂର୍ତ୍ତି, ସଭାପତି ସଞ୍ଜୀବ ଆଲଦା ଏବଂ ସମ୍ପାଦକ ସାନ୍ଧୁ ଗାଗରାଇ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଷ୍ୟକାର ପ୍ରଭାସ କୁମାର ମଞ୍ଚ ପରିଚାଳନା କରିଥିଲେ। ସେହିପରି ଗିଡିଲତା ନିକଟସ୍ଥ ନୂଆଡିହି ଗ୍ରାମରେ ମା’ ମନସାଙ୍କ ସାଧକ ସନ୍ତୁଷ ପାତ୍ର’ଙ୍କ ଦ୍ୱାରା ଅନୁଷ୍ଠିତ ପୂଜା ୨୫ ବର୍ଷ ପୂର୍ତ୍ତି ଅବସରରେ ସତୀ ବେହୁଲା ଓ ମା’ ମନସାଙ୍କ କାହାଣୀ ଦର୍ଶାଉଥିବା ଦେବସଭାରେ ଦେବାଦେବୀଙ୍କ ୫୧ଟି ଆକର୍ଷଣୀୟ ମୂର୍ତ୍ତି ଓ ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଥିଲା। ସତୀ ବେହୁଲା ଓ ମା’ ମନସାଙ୍କ ନାଟକ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ

ବହଳଦା,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅଧୀନ ବଡ଼ପଳସା ପଞ୍ଚାୟତ ପଟମବେଡା ଗ୍ରାମରେ ବକଶିତ ଗାଁ, ବିକଶିତ ଓଡ଼ିଶା ପ୍ରକଳ୍ପରେ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସୂଚନାନୁଯାୟୀ, ପଟମବେଡା ଗ୍ରାମରେ ପାତ୍ରସାହିଠାରୁ ମନଘର ପର୍ଯ୍ୟନ୍ତ ସଦ୍ୟ ନିର୍ମିତ କଂକ୍ରିଟ ରାସ୍ତା ନିମ୍ନମାନର ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଫଳକରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପ୍ରକଳ୍ପରେ ପ୍ରାତ୍ରସାହିରୁ ମନଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଅଟଅଳ ମୂଲ୍ୟ ୪ଲକ୍ଷ ୪୦ ହଜାର ରହିଥିବା ବେଳେ ଆର୍ଥିକ ବର୍ଷ “ବିଜିବିଓ ୨୦୨୪-୨୫’ ଉଲ୍ଲେଖ ରହିଛି। ତେବେ ପଞ୍ଚାୟତ ସମିତି କାର୍ଯ୍ୟ ନିର୍ବାହିତାରେ ନିର୍ମିତ ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନଥିବା ଦେଖିବାକୁ ମିଳିଛି। ପାତ୍ରସାହି ଠାରୁ ମନଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଉଲ୍ଲେଖ ଥିବାବେଳେ ଏହାର ଦୌର୍ଘ୍ୟ ଓ ପ୍ରସ୍ଥ ଏବଂ ରାସ୍ତା ନିର୍ମାଣରେ ଗେଟି, ବାଲି, ସିମେଣ୍ଟ ଆଦି ସାମଗ୍ରିର ମାତ୍ରା ମଧ୍ୟ ଉଲ୍ଲେଖ କରାଯାଇନାହିଁ। ଏପରିକି ଶ୍ରମିକଙ୍କ ପାରିଶ୍ରମିକ ମୂଲ୍ୟ ମଧ୍ୟ ଉଲ୍ଲେଖ କରାଯାଇନାହିଁ। ସୂଚନା ଫଳକରେ କାର୍ଯ୍ୟର ୱାର୍କକୋଡ ମଧ୍ୟ ନଥିବାରୁ ଏହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ତଥ୍ୟ ବୋଲି ଅଭିଯୋଗ ହେଉଛି। ୪ ଲକ୍ଷ ଟଙ୍କାର ଅଟକଳ ମୂଲ୍ୟର ଏହି ପ୍ରକଳ୍ପରେ ଅଧିକରୁ ଅଧିକ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି। ପ୍ରକଳ୍ପରେ ଅନିୟମିତତାର ଗନ୍ଧ ବାରି ହୋଇ ପଡୁଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।



# ବଢ଼ି ଚାଲିଛି ଚୋରା ମଦ ପ୍ରସ୍ତୁତି କାରବାର

■ ପ୍ରଶାସନ ନିରବଦ୍ରଷ୍ଟା

ମୋରଡ଼ା,୧୯।୧୦(ସମିସ): ମୋରଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଦେଶୀ ମଦ ବ୍ୟବସାୟ ଦିନକୁ ଦିନ ଅହେତୁକ ଭାବେ ବଢିବାରେ ଲାଗିଛି। ବ୍ଲକର ବିଭିନ୍ନ ସ୍ଥାନରେ ବେଧଡ଼କ ଚାଲିଛି ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି। ଦୁର୍ଗାପୁର ପଞ୍ଚାୟତର ଭାଲୁକଚୁଆ ଗ୍ରାମରେ ୫୦ ପ୍ରତିଶତଙ୍କ ଘରେ ଦେଶୀ ମଦ ପ୍ରସ୍ତୁତି ହେଉଥିବା ଅଭିଯୋଗ ହେଉଛି। ଗ୍ରାମରେ ଦିନ ସମୟରେ ଦେଶୀ ମଦ ପ୍ରସ୍ତୁତ କରି ରାତିରେ ବିଭିନ୍ନ ଗ୍ରାମକୁ ବାଇକ ଏବଂ କାର ଯୋଗେ କୁଚିଆମାନଙ୍କ ନିକଟକୁ ଚାଲାଣ ହେଉଛି। ଦେଶୀମଦ ପ୍ରସ୍ତୁତକାରୀ ସେମାନଙ୍କୁ ଆୟତ୍ତ କରି ଉକ୍ତ ଗ୍ରାମଗୁଡ଼ିକରେ କେନାଲ ରାସ୍ତା ଦେଇ ଚାଲାଣ କରୁଛନ୍ତି। ଯାହାଫଳରେ ମୋରଡ଼ା ଥାନା ଅଞ୍ଚଳ ଦେଶୀମଦର ହବ୍ ପାଲଟି ଥିବା ଅଞ୍ଚଳବାସୀ କହିଛନ୍ତି। ଯେହେତୁ ମୋରଡ଼ା ବ୍ଲକଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଚୋରା ଦେଶୀ ମଦ ପ୍ରସ୍ତୁତକାରୀମାନେ ସହଜରେ ବିକ୍ରି କରି ପାରୁଛନ୍ତି। ଗ୍ରାମରେ ପ୍ରସ୍ତୁତ ଦେଶୀ ମଦ ପିଇ ଅନେକ ସମୟରେ ଲୋକେ ବିଭିନ୍ନ ରୋଗର ଶିକାର ହେଉଥିବାର ଖବର ରହିଛି। ଭାଲୁକଚୁଆ ବ୍ୟତୀତ ଅନେକ ଗ୍ରାମରେ ଦେଶୀ ମଦ ପ୍ରସ୍ତୁତ ହେବାର ମୋରଡ଼ା ଅବକାରୀ ବିଭାଗ ପାଖରେ ଖବର ନାହିଁ। ନା ଜାଣିଶୁଣି ପ୍ରଶାସନ ନିରବଦ୍ରଷ୍ଟା ସାଜୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୋରା ମଦ ପ୍ରସ୍ତୁତି ଉପରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯିବାକୁ ସାଧାରଣରେ ଦାବି ହେଉଛି।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ ମାତୃ ସମ୍ମିଳନୀ ଓ କର୍ମଶାଳା



ବଡ଼ସାହି,୧୯।୧୦(ସମିସ): ବିବେକାନନ୍ଦ ବିହାରସ୍ଥିତ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର(ଆବାସିକ) ତରଫରୁ ବାର୍ଷିକ ମାତୃ ସମ୍ମିଳନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମଳୟ ମଞ୍ଜରୀ ରଥ, ବୀଣାପାଣି ବାରିକ, ସନାକ୍ଷି ଦଣ୍ଡପାଟ ଓ ସୌଭାଗ୍ୟବତୀ ରାଉତଙ୍କ ତତ୍ତ୍ୱାବଧାନରେ ବାଣୀମନ୍ଦିରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. କୁମାର ବାବୁଲି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ତଥା ପ୍ରଶିକ୍ଷକ ଭାବେ ଉତ୍କଳ ଶିକ୍ଷା ପରିଷଦର ରାଜ୍ୟ ସାଧାରଣ ସଂପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ମା’ମାନେ ହେଉଛନ୍ତି ପ୍ରକୃତ ବୈଜ୍ଞାନିକ ଯିଏ ପିଲା ଓ ପରିବାରର ସମସ୍ତଙ୍କ ମନକୁ ମାପକରି କାର୍ଯ୍ୟ କରିଥାନ୍ତି। ମାଆ ମାନେ ପିଲାର ପ୍ରଥମ ଶିକ୍ଷାଦାତ୍ରୀ ଓ ସମାଜକୁ ପରିବର୍ତ୍ତନ କରୁଥିବା ମହିୟସୀ ମହିଳା ବୋଲି ମତବ୍ୟକ୍ତ କରିଥିଲେ। ୧୫୦ରୁ ଅଧିକ ମାଆ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବେଳେ ଅଧାପିକା ଗୀତିସ୍ମିତା ସାହୁ, ରଶ୍ମିତା ପରିଡ଼ା, ଚନ୍ଦ୍ରପ୍ରଭା ବାରିକ, ଲଳିତାରାଣୀ ଉପାଧ୍ୟାୟ, ଝରଣା ଘୋଷ, ଶାନ୍ତା ପ୍ରିୟଦର୍ଶନୀ ପ୍ରଧାନ, ସଂଯୁକ୍ତା ଦାସ, ଜାହ୍ନବୀ ରାଣୀ ସାହୁ, ଦିପିକା ବେହେରା, ଅନୁସୂୟା ପାତ୍ର ଆଦି ଯୋଗଦେଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାକୁ ଗୁରୁଜୀ କାର୍ତ୍ତିକ ସେଠୀ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ବର୍ଷାରାଣୀ ମହାନ୍ତ, ରୀନା ଷଡ଼ଙ୍ଗୀ, ପ୍ରିୟଙ୍କା ମହାନ୍ତ, କବିତା ପତି, ବାସନ୍ତି ମାର୍ଣ୍ଡି ଆଦି ପରିଚାଳନା କରିଥିଲେ। ଶେଷରେ ସୌମ୍ୟରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ ଗୋଳାବନ୍ଧରେ ଜମିବାଡ଼ି ବିବାଦ

# ଦିଅର ଆକ୍ରମଣରେ ଭାଉଜ ଗୁରୁତର



ଆନନ୍ଦପୁର, ୧୯।୧୦ (ସମିସ): ଆନନ୍ଦପୁର ଥାନା ଗୋଳକ୍ଷବନ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦିଅରର ମରଣାତ୍ମକ ଆକ୍ରମଣରେ ଭାଉଜ ଗୁରୁତର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଏହି ଘଟଣାରେ ଦିଅର ବୁଦ୍ଧିଆ ନାଏକଙ୍କୁ ପୁଲିସ କାବୁ କରିଛି। ରବିବାର ବୁଦ୍ଧିଆ ନାଏକ (୩୮) ବିଲକୁ କାମ କରିବାକୁ ଯାଇ ଘରକୁ ଫେରିବା ସମୟରେ ତାଙ୍କ ଭାଉଜ ବାସନ୍ତୀ ନାଏକ (୩୫) ବୁଦ୍ଧିଆକୁ କିଛି ଜମିବାଡ଼ି ବିଷୟରେ କହିଥିଲେ। ଏପରି ପୂର୍ବରୁ ବାରମ୍ବାର କହୁଥିବା ବେଳେ ବୁଦ୍ଧିଆ ନିରବ ରହିଥିଲେ ଆଜି ବିଲରୁ ଘରେ ପହଞ୍ଚିବା ସମୟରେ ଭାଉଜ କହିଥିବାରୁ ବୁଦ୍ଧିଆ ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ଭାଉଜକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଭାଉଜଙ୍କୁ ଗୁରୁତ୍ୱର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଲିସ ଅଭିଯୁକ୍ତ ଦିଅରକୁ କାବୁ କରିଛି।


# ପ୍ରେମିକା ଆତ୍ମହତ୍ୟା ଘଟଣାରେ ବନ୍ଧା ହେଲା ପ୍ରେମିକ

କରଞ୍ଜିଆ,୧୯।୧୦(ସମିସ): କରଞ୍ଜିଆ ସହର ୱାର୍ଡ ନଂ୬ର ଜଣେ ଯୁବତୀଙ୍କ ଆତ୍ମହତ୍ୟା ଘଟଣାରେ ପ୍ରେମିକ ଲିଟୁ ଦେହୁରୀକୁ କରଞ୍ଜିଆ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଲିଟୁ ଓରଫ ରଞ୍ଜିତ ଦେହୁରୀ ବିରୋଧରେ କରଞ୍ଜିଆ ଥାନାରେ ମାମଲା ରୁଜୁ କରାଯାଇଛି। ମୃତ ଯୁବତୀଙ୍କ ମାଆଙ୍କ ଅଭିଯୋଗ କ୍ରମେ ଉକ୍ତ ମାମଲା କରାଯାଇଛି। ଆଗରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ କରଞ୍ଜିଆ ନୂଆସାହିର ଲିଟୁ ଦେହୁରୀଙ୍କ ସହିତ ପ୍ରାୟ ଏକ ବର୍ଷ ଆଗରୁ ଯୁବତୀଙ୍କ ପ୍ରେମ ସମ୍ପର୍କ ରହିଥିଲା। ପ୍ରେମ ସମ୍ପର୍କକୁ ବିବାହରେ ପରିଣତ କରିବା ପାଇଁ ଯୁବତୀ ଜଣଙ୍କ ବାରମ୍ବାର ଲିଟୁ ଉପରେ ଚାପ ପକାଉଥିଲେ। ଗତ ୧୭ ତାରିଖ ଦିନ ଯୁବତୀ ଲିଟୁକୁ ଡକାଇ ବିବାହ ପାଇଁ ପ୍ରସ୍ତାବ ଦେଇଥିଲା। ଏଥିରେ ଲିଟୁ ରାଜି ନହୋଇ ବରଂ ଗାଳିଗୁଲଜ କରିଥିଲା। ଏଥିରେ ଯୁବତୀ ଜଣଙ୍କ ମାନସିକସ୍ତରରେ ଆଘାତ ପାଇଁ ନିଜ ଘରକୁ ଆସି ଶାଢ଼ୀରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଘଟଣାକୁ ଥାନା ଅଧିକାରୀ ଶରତ ଚନ୍ଦ୍ର ମାହାଲିକ ତଦନ୍ତ ଭାରନେଇ ଅନୁସନ୍ଧାନ କରିଥଲେ ଆଜି ଲିଟୁକୁ ଗିରଫ କରାଯାଇଛି।

# ପୂଜା ପାଇଁ ଜନଶୁଣାଣି ଶିବିର ସ୍ଥଗିତ

କରଞ୍ଜିଆ,୧୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ଅକ୍ଟୋବର ମାସରେ କରଞ୍ଜିଆ ସବ୍ ଡିଭିଜନ ପାଇଁ ତୃତୀୟ ସୋମବାର ୨୦ ତାରିଖ ରରୁଆଁ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି କାଳୀପୂଜା ଉପଲକ୍ଷେ ସରକାରୀ ଛୁଟି ଥିବାରୁ ସ୍ଥଗିତ ରଖାଯାଇଥିବା ସୂଚନା ମିଳିଛି। ଏଥିରେ ଉପଖଣ୍ଡର ବାସିନ୍ଦାମାନେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନିୟମିତତା




ମହୁଲଡିହା,୧୯।୧୦(ସମିସ): ଠାକୁରମୁଣ୍ଡା ବ୍ଲକ୍‌ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ୧ କୋଟି ୩୭ ଲକ୍ଷ ୫୧ ହଜାର ୪୫୧ ଟଙ୍କାରେ ଠାକୁରମୁଣ୍ଡାର ଅତ୍ୟନ୍ତ ଅନୁନ୍ନତ ଶାଳଚୁଆ ପଞ୍ଚାୟତର ଜଙ୍ଗଲୀ ରାସ୍ତାରେ କାମ କରିଥିବା କଣ୍ଟ୍ରାକ୍ଟର ଅନିୟମିତତା କରିଥିବା ଅଭିଯୋଗ ହେଉଛି। ଏପରିକି ବିନା ଲୁହାରଡ୍‌ରେ ପୋଲ ତିଆରି କରିଛନ୍ତି। ଏଭଳି ଉନ୍ନତ ଜ୍ଞାନକୌଶଳ ଉପଯୋଗ କରିଛନ୍ତି ଯେ, କ୍ୱଚିତ ଗାଡ଼ି ଚାଲୁଥିବା ରାସ୍ତାରେ ଥିବା ଏହି ପୋଲ ଭାଙ୍ଗି ଚୁରମାର୍ ହୋଇଯାଇଛି। ଏବେ ଆଉ ଗାଡ଼ି ଚାଲିବା ରାସ୍ତାରେ ସମ୍ଭବ ହେଉନାହିଁ। ସୂଚନା ଫଳକରୁ ଜଣାପଡ଼େ ୨୩-୮-୨୦୧୮ ମସିହାରେ ବାଉଁଶ ପାଣି ଆର୍‌ଡି ରାସ୍ତାଠାରୁ ବାଗମରା (ବାଘମରା) ପର୍ଯ୍ୟନ୍ତ ୨.୭୬୦ କିମି ରାସ୍ତା ନିର୍ମାଣ ପାଇଁ ଶୁଭାରମ୍ଭ ହୋଇଥିଲା। ତେବେ କାର୍ଯ୍ୟ କେବେ ସରିଲା ସେ ସମ୍ପର୍କରେ ଉଲ୍ଲେଖ ନାହିଁ। ରକ୍ଷଣାବେକ୍ଷଣ ବାବଦକୁ ଥିବା ୭.୪୪ ହଜାର ଟଙ୍କା ବିନା ରକ୍ଷଣାବେକ୍ଷଣରେ ଏହି ଟଙ୍କା ହଡ଼ପ ହୋଇଥିବା ଜଣାପଡୁଛି। ଉଲ୍ଲେଖନୀୟ ଯେ ତଳ ବାଘମରା ନାଳ ଉପରେ ଏହି ସଡ଼କରେ ନିର୍ମିତ ହୋଇଥିବା ଏକ ଭେଣ୍ଟେଡ କଲଭର୍ଟ ସମ୍ପୂର୍ଣ୍ଣ ଭୁଷୁଡି ପଡ଼ିଛି। ଲଗାଣ ବର୍ଷାରେ ପୂର୍ବରୁ ଧୋଇ ଯାଇଥିବା ବେଳେ ଗତ ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭୁଷୁଡି ପଡିବାରୁ ଯାତାୟାତ ବନ୍ଦ ହୋଇଯାଇଛି। ପୋଲଟି ଭୁଷୁଡି ଯିବା ପରେ ଦେଖାଯାଉଛି ସେଥିରେ ଗୋଟିଏ ହେଲେ ଲୁହାରଡ୍ ଉପଯୋଗ ହୋଇନି। ଦେଖିବା ପରେ ସ୍ଥାନୀୟ ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ପ୍ରକୃତ ଡିଜାଇନ ଜଣା ନଥିବାର ସନ୍ଦେହରେ ପଡିଛନ୍ତି। ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ ଅଛି। ବାଘମରାରେ ବହୁ ପୁରୁଣା କାଳରୁ ପଥର ଗୁମ୍ଫା ଓ ମଠ ରହିଛି। ମଠକୁ ଯିବା ଆସିବା ଏବେ ବନ୍ଦ ହୋଇଯାଇଛି। ତେବେ ବେସରକାରୀ ସୂତ୍ରରୁ ଜଣାପଡିଛି ଯେ ସମ୍ପୃକ୍ତ ପୋଲ ପାଇଁ ଇତି ମଧ୍ୟରେ ୨୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ନଭେମ୍ବରରେ ବାଙ୍ଗିରିପୋଷି-ବାରିପଦା-ରୁପ୍ସା ରେଳପଥର ଦୋହରୀକରଣ ଡିପିଆର୍

ବାରିପଦା,୧୯।୧୦(ସମିସ): ବାଙ୍ଗିରିପୋଷି-ବାରିପଦା-ରୁପ୍ସା ରେଳପଥର ଖୁବଶୀଘ୍ର ଦୋହରୀକରଣ କାର୍ଯ୍ୟ ହେବାକୁ ଯାଉଛି। ଏନେଇ ନଭେମ୍ବରରେ ଡିପିଆର୍ ପ୍ରସ୍ତୁତ ପରେ ଟେଣ୍ଡର ପାଇଁ ରେଳ ବିଭାଗ ଅନୁମୋଦନ କରିବ। ଦକ୍ଷିଣ ପୂର୍ବ ରେଳପଥ ସେକ୍ସନ ଅଧୀନ ଖଡଗପୁର ରେଳମଣ୍ଡଳ ଅଧୀନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରେଳ ଦୋହରୀକରଣର ପାଇଁ ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ କରିବାକୁ ସେତେବେଳେ ଆବଶ୍ୟକ ଅର୍ଥ ମଞ୍ଜୁର ପ୍ରଦାନ କରାଯାଇଥିଲା। ସମୁଦାୟ ୮୯ କିଲୋମିଟର ରେଳପଥର ଦୋହରିକରଣ କାର୍ଯ୍ୟ ନିମନ୍ତେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶକ୍ରମେ ପ୍ରକଳ୍ପର ଚୂଡ଼ାନ୍ତ ସ୍ଥାନ ସର୍ବେକ୍ଷଣ ପାଇଁ ସବୁଜସଙ୍କେତ ପ୍ରଦାନ ପରେ ସର୍ଭେ କାର୍ଯ୍ୟ ବର୍ଷକ ତଳେ ଆରମ୍ଭ ହୋଇଥିଲା। ଏହି ସର୍ଭେ ପାଇଁ ୧.୭୮ କୋଟି ଟଙ୍କା ଆବଣ୍ଟନ ପରେ କାର୍ଯ୍ୟ ଶେଷ ହୋଇ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିଆର୍‌ପି) ପ୍ରସ୍ତୁତି ପାଇଁ ବାଟ ଖୋଲିଛି। ନଭେମ୍ବରରେ ରିପୋର୍ଟ ପ୍ରସ୍ତୁତ ପରେ ତଦନୁସାରେ ଅନୁଯାୟୀ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ। ରେଳପଥ ପାଖକୁ ଥିବା ଜମିକୁ ଜବରଦଖଲ ମୁକ୍ତ କରାଯାଇ ରେଳପଥ ଦୋହରୀକରଣ କାର୍ଯ୍ୟ ହେବ। ଏହା ଦ୍ୱାରା ଅନେକ ରେଳ ଯାତ୍ରୀମାନେ ଉପକୃତ ହେବେ। ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାରେ ସର୍ବ ପୁରାତନ ଭାବେ ଏହି ରୁଟ୍‌ରେ ରେଳ ଚଳାଚଳ ଆରମ୍ଭ ହୋଇଥିଲା। ଏଥିପରେ ନେରୋ ଗ୍ରେଜ ରେଳପଥରୁ ବ୍ରଡ କଗେଜ ରେଳ ପଥକୁ ରୂପାନ୍ତରିତ ହେବା ସହ ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହୋଇଛି। ତେବେ ଗୋଟିଏ ରେଳପଥ ଥିବାରୁ ବାଙ୍ଗିରିପୋଷି ଓ ବାରିପଦାରୁ ରେଳ ଚଳାଚଳରେ ଅନେକ ଅସୁବିଧା ହେଉଥିଲା। ତତସହିତ ପ୍ରସ୍ତାବିତ ବୁଡାମରା-ଚାକୁଳିଆ ଓ ବାଙ୍ଗିରିପୋଷି-ଗୋରୁମହିଷାଣି ନୂତନ ରେଳପଥ କାର୍ଯ୍ୟକ୍ଷମ ପୂର୍ବରୁ ରେଳପଥ ଦୋହରିକରଣ ଏକାନ୍ତ ଆବଶ୍ୟକ ଥିବାରୁ ଏହି ନିଷ୍ପତ୍ତି ରେଳବାଇ ନେଇଛି। ଦୋହରୀକରଣ ହେବା ଦ୍ୱାରା ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ବିଶେଷ ଉପକୃତ ହେବେ। ୨୦୨୪ ଜାନୁଆରୀ ୧୩ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ଅଞ୍ଚଳ ଗସ୍ତ ସମୟରେ ଉପରୋକ୍ତ ବିଷୟ ଅନୁଧ୍ୟାନ କରିଥିଲେ।

# ବାଲିଆବେଡ଼ା ଗ୍ରାମରେ ସାମାଜିକ ସଚେତନତା ସଭା



ଠାକୁରମୁଣ୍ଡା,୧୯।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ବାଲିଆବେଡ଼ା ଗ୍ରାମରେ ରବିବାର ସାମାଜିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମାଝୀ ବାବା ଖେଲା ମାର୍ଣ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାୟକେ ବାବା ସୁନା ମାର୍ଣ୍ଡୀ ଓ କେନ୍ଦୁଝରରୁ ହୃଷୀକେଶ ମୁର୍ମୁ, କେନ୍ଦୁଝର ଦେଶ ପାର୍ଣିକ ନୀମୁ ଟୁଡୁ, ରାମସିଂ ମୁର୍ମୁ, ସାମ୍ବାଦିକ ବସନ୍ତ କୁମାର ସୋରେନ, ଅଶୋକ କୁମାର ଟୁଡୁ ସହ ଗ୍ରାମର ସମସ୍ତ ମହିଳା ପୁରୁଷ ଯୋଗଦେଇଥିଲେ। କେନ୍ଦୁଝରରୁ ଆସିଥିବା ହୃଷୀକେଶ ମୁର୍ମୁ ସାନ୍ତାଳୀ ସମ୍ପ୍ରଦାୟର ସଂସ୍କୃତିର ପୂଜାର୍ଚ୍ଚନା ବିଧି, ପର୍ବ ଓ ବାହାଘର ବିଧି, ଶୁଦ୍ଧିକ୍ରିୟାର ବିଧି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଦେଶ ପାର୍ଣିକ ନିମୁ ଟୁଡୁ ସମ୍ବିଧାନରେ ମାଝୀ ବାବାଙ୍କ ଅଧିକାର କଣ କଣ ରହିଛି ତାହା ବର୍ଣ୍ଣନା କରିଥିଲେ। ରାମସିଂ ମୁର୍ମୁ ସାନ୍ତାଳୀ ଶିକ୍ଷା ଓ ସ୍ୱଶାସନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଶେଷରେ ଯୋଗ ବାବା ଝତର ସୀଙ୍ଘୁ ମାର୍ଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ଫୁଟ୍‌ର ଅଜଗର ଉଦ୍ଧାର

ତୁରୁମୁଙ୍ଗା, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ରାଇଡିହା ବିଟ୍ ବାରତୁଣିଆ ଗ୍ରାମର ଭାବଗ୍ରାହୀ ମହାନ୍ତଙ୍କ ବାଡିରୁ ୬ ଫୁଟର ଅଜଗର ସାପକୁ ବନ ବିଭାଗ ଉଦ୍ଧାର କରି ଚଇଭୋଳ ସଂରକ୍ଷିତ ଜଙ୍ଗଲରେ ଛାଡିଛି। ରବିବାର ସନ୍ଧ୍ୟାରେ ବାଡି ନିକଟ ଅଜଗର ସାପକୁ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସହକାରୀ ବନପାଳ ଦୀପକ ରଣା ପାରାଷ୍ଟାଫ୍ ତ୍ରିଲୋଚନ ମହାନ୍ତ, ଈଶ୍ୱରଚନ୍ଦ୍ର ମାଝୀ, ତ୍ରିଲୋଚନ ନାଏକ ସାପକୁ ସୁରକ୍ଷିତ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା,୧୯।୧୦(ସମିସ): ଜିଲ୍ଲାରେ ଲଘୁ ଖଣିଜ ଚୋରା ଚାଲାଣ ନେଇ ବାରମ୍ବାର ଖବର ପ୍ରସାରଣ ସହ ବିଭିନ୍ନ ଅଭିଯୋଗ ହେବା ପରେ ଜିଲ୍ଲା ଖଣି ବିଭାଗର ଆଖି ଖୋଲିଛି। ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଜିଲ୍ଲା ଖଣି ବିଭାଗ ସ୍କ୍ୱାର୍ଡ ଦ୍ୱାରା ଚଢ଼ଉ କରି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ବାରିପଦା ଟାଉନ ଥାନାରେ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ନାମରେ ଅଭିଯୋଗ କରାଯାଇଛି। ପୂର୍ବରୁ ପୁଲିସ ପକ୍ଷରୁ ବାରମ୍ବାର ଚଢ଼ାଉ ପ୍ରକ୍ରିୟା ହୋଇ ଟ୍ରାକ୍ଟର ଜବତ କରାଯାଉଥିବା ବେଳେ ଖଣି ବିଭାଗ ଦେଖଣାହାରି ସାଜିଥିଲା। ତେବେ ଅନେକ ଦିନର ବ୍ୟବଧାନ ପରେ ଖଣି ବିଭାଗ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ଷ୍ଟେସନ ବଜାର ଅଞ୍ଚଳରେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ପଚରାଉଚରା କରିଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାରେ ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏନେଇ ଅଭିଯୋଗକ୍ରମେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଚାଳକ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହାସହିତ ତଦନ୍ତ ଜାରି ରହିଛି।

# ମଧ୍ୟାହ୍ନଭୋଜନର ଆବଶ୍ୟକ ଟଙ୍କା ଦେଉନାହାନ୍ତି ସରକାର

କୁଆମରା,୧୯।୧୦(ସମିସ):

ପନିପରିବା, ଅଣ୍ଡା, ତେଲ, ଡାଲି ଓ ଗ୍ୟାସ ପ୍ରଭୃତିର ମୂଲ୍ୟ ବୃଦ୍ଧି ପାଇଥିବା ବେଳେ ବିଦ୍ୟାଳୟ ଓ ଅଙ୍ଗନବାଡ଼ିରେ ଯୋଜନା ମୁତାବକ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ଆବଶ୍ୟକ ଅର୍ଥ ମିଳୁ ନଥିବାର ଅଭିଯୋଗ ହେଉଛି। ଫଳରେ ମଧ୍ୟାହ୍ନ ଭୋଜନ ଖାଦ୍ୟର ମାନ କମିବା ନେଇ ଆଶଙ୍କା ରହିଛି। ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦିଆଯାଉଥିବା ବେଳେ ମଙ୍ଗଳବାର ଓ ଶନିବାର ସୋୟାବଡ଼ି ଓ ଗୁରୁବାର ଡାଲି ଦିଆଯାଉଛି। ତତ୍‌ସହିତ ଆମିଷ ହେଉ ନଥିବା ତିନୋଟି ବାରରେ ମାଣ୍ଡିଆ ଲଡ୍ଡୁ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏଥିନିମନ୍ତେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ଛାତ୍ରଛାତ୍ରୀ ପିଛା ୧୧ ଟଙ୍କା ୧୫ ପଇସା ଥିବାବେଳେ ଷଷ୍ଠରୁ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୧୪ ଟଙ୍କା ୭୪ ପଇସା ବଜେଟ ରହିଛି। ତେବେ ସାଧାରଣ ବଜାରରେ ଡାଲି କେଜି ପ୍ରତି ୧୪୦ ଟଙ୍କା ମୂଲ୍ୟଥିବା ବେଳେ ସରକାରଙ୍କ ବଜେଟ ୧୧୪ ଟଙ୍କା ୮୦ ପଇସା ରହିଛି। ସେହିପରି ତେଲ ଲିଟର ୧୪୦ ଟଙ୍କା ସରକାର ଦେଉଥିବା ବେଳେ ବଜାରରେ ତାହାଠାରୁ ଯଥେଷ୍ଟ ଅଧିକ ଦରରେ କିଣିବାକୁ ପଡୁଛି। ଗ୍ୟାସ ଛାଡି ଅନେକ ବିଦ୍ୟାଳୟ ଏବେ ଜାଳେଣି କାଠ ସଂଗ୍ରହ କରି ରୋଷେଇ କରୁଥିବାର ଦେଖିବାକୁ ମିଳୁଛି। ସେହିପରି ମଧ୍ୟାହ୍ନ ଭୋଜନ ପାଇଁ ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ଚାଉଳ ପହଞ୍ଚି ପାରୁ ନଥିବାରୁ ଅନେକ ବିଦ୍ୟାଳୟ ଧାର ଉଧାର କରି ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦେଉଥିବାର ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଭଳି ବିଭିନ୍ନ ସମସ୍ୟାକୁ ନେଇ ଚାଲିଛି ମଧ୍ୟାହ୍ନ ଭୋଜନ। ଚଳିତ ବର୍ଷ ଗୋପବନ୍ଧୁ ନଗର ବ୍ଲକରେ ୧୧ ହଜାରରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉଥିବାର କହିଛନ୍ତି ବିଆରସିସି କୁଳମଣି ନାଏକ। ଶିକ୍ଷକ ମାନେ କିପରି ଏହାକୁ ଭରଣା କରୁଥିବେ ତାହା ସ୍ପଷ୍ଟ ବୁଝାପଡୁଛି। ତେବେ ଖାଦ୍ୟରମାନକୁ ନେଇ ଅନେକ ସମୟରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଆସୁଛି। ଅନ୍ୟପଟେ ଶିକ୍ଷକମାନେ ବିକଳ୍ପ ରାସ୍ତାରେ ଯିବାକୁ ବାଧ୍ୟ ହେଉଛନ୍ତି। ଏଣୁ ମଧ୍ୟାହ୍ନ ଭୋଜନର ସ୍ୱଚ୍ଛତା ରଖିବାକୁ ହେଲେ ସରକାର ଖାଦ୍ୟ ପଦାର୍ଥଗୁଡିକର ଉପଯୁକ୍ତ ମୂଲ୍ୟ ଦେବାକୁ ଶିକ୍ଷକମାନଙ୍କ ପକ୍ଷରୁ ଦାବି ହେଉଛି।

# ପ୍ରଚଣ୍ଡ ଶବ୍ଦକାରୀ ବାଣ ବିକିଲେ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୧୯।୧୦(ସମିସ)

ଦୀପାବଳି ପାଇଁ କେନ୍ଦୁଝର ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ବାଣ ଦୋକାନ କୋଲିବାକୁ ଅନୁମତି ଦିଆଯାଇଛି । ପୌରପାଳିକା, ପୁଲିସ ପକ୍ଷରୁ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ଗତବର୍ଷ ଯାଞ୍ଚ ବେଳେ ବାଣ ଦୋକାନଗୁଡିକର ବିଭିନ୍ନ ଅନିୟମିତତା ସାମ୍ନାକୁ ଆସିଥିଲା । ହେଲେ ଚଳିତ ବର୍ଷ ବାଣ ଦୋକାନୀଙ୍କ ପାଇଁ ନିୟମ କଡାକଡି କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି) ପକ୍ଷରୁ ନିୟମ ଉଲ୍ଲଙ୍ଘନରେ ଜରିମାନା ସହ ବାଣ ଦୋକାନୀଙ୍କ ନାମରେ ମାମଲା ରୁଜୁ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ବାଣ ଦୋକାନ ଖୋଲିଛି । ଏଥିପାଇଁ ଲାଇସେନ୍ସ ଆଣିବା ବାଧ୍ୟତାମୂଳକ କରାଯାଇଛି । ବାଣ ବିକ୍ରି ପାଇଁ ପିସିବିର ନିର୍ଦ୍ଦିଷ୍ଟ ଗାଇଡଲାଇନ ବିଷୟରେ ଦୋକାନୀଙ୍କୁ ଅବଗତ କରାଯାଇଛି । ବାଣ ଦୋକାନୀମାନେ ପୌରପାଳିକା ଠାରୁ ଆବଶ୍ୟକ ଫର୍ମ ଆଣି ଅଗ୍ନିଶମ ଓ ଥାନାରୁ ଅନୁମତି ଆଣିବା ପରେ ୪୯ ଜଣ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅଗ୍ନିଶମ ବିଭାଗ ନିୟମାନୁସାରେ, ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର ସହିତ ପାଣି ଏବଂ ବାଲି ବାଲଟି ରଖିବେ, ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଦୋକାନ ନିର୍ମାଣ କରିବେ, ପ୍ରଚଣ୍ଡ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟି ଭଳି ବାଣ ବିକ୍ରି କରିପାରିବେ ନାହିଁ। ବାଣ ଦୋକାନୀମାନେ କେବଳ ସବୁଜ ବାଣ ବିକ୍ରି କରିବେ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି । ଚଳିତବର୍ଷ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ପୁଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାଉପରେ ଥାନାୱାରି ପୁଲିସ ସହ ଅଗ୍ନିଶମ ଓ ପିସିବିର ମିଳିତ ଟିମ୍ ଯାଞ୍ଚ କରିବେ । ପ୍ରଥମେ ଦୋକାନ ଖୋଲା ଥିବା ସ୍ଥାନ ଏବଂ ଦୋକାନ ନିର୍ମାଣ ଶୈଳୀ, ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇଛି । ବାଣ ଦୋକାନରେ ବିକ୍ରି ହେଉଥିବା ସମସ୍ତ ବାଣଗୁଡିକର ଯାଞ୍ଚ କରାଯିବ ଯଦି କେହି ଧାର୍ଯ୍ୟ ନିୟମର କୌଣସି ଗୋଟିଏ ନିୟମ ଉଲ୍ଲଙ୍ଘନ କରିଥିବେ ସଂଗେ ସଂଗେ କାର୍ଯ୍ୟାନୁଷ୍ଠାନ କରାଯିବ । ସଂପୃକ୍ତ ଦୋକାନୀଟିର ଲାଇସେନ୍ସ ରଦ୍ଦ କରାଯିବା ସହ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।



**କେନ୍ଦୁଝରରେ ମିଳିଛି ୪୯ ଦୋକାନୀଙ୍କୁ ଲାଇସେନ୍ସ**

## ଧନତେରସରେ ବୋହି ନେଲେ ଝାଡୁ

ତୁରୁମୁଙ୍ଗା, ୧୯।୧୦(ସମିସ): ଧନତେରସରେ ଧନ୍ୱନ୍ତରୀଙ୍କୁ ପୂଜା କରିବା ସହ ସୁନା ଗହଣା ଅଳଙ୍କାର କିଣିବା ପ୍ରଥା ଚାଲୁ ରହି ଆସିଥିବା ବେଳେ ଗ୍ରାହକଙ୍କୁ ସୁନା ଦୋକାନ ଅପେକ୍ଷା ଝାଡୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଥିବା ଦେଖିବାକୁ ମିଳିଥିଲା । ବର୍ତ୍ତମାନ ସୁନା ଦର ଆକାଶ ଛୁଆଁ ହୋଇଥିବା ବେଳେ ସୁନା କିଣିବାକୁ ମନ ବଳାଇଥିଲେ ମଧ୍ୟ କେହି ସୁନା କିଣି ପାରୁନାହାନ୍ତି । ଏଭଳି ସ୍ଥିତିରେ କେବଳ ବିଧି ରକ୍ଷା କରିବାକୁ ଲୋକେ ଝାଡୁ କିଣିବାକୁ ମନ ବଳାଇ ଝାଡୁ ଦୋକାନରେ ଭିଡ଼ ଜମାଇ ଝାଡୁ କିଣି ଘରକୁ ନେଇଥିଲେ ।

## ସ୍ଲରି ପାଇପ୍‌ଲାଇନ ଖୋଳାରେ ଅନିୟମିତତା

ଯୋଡ଼ା,୧୯।୧୦(ସମିସ) : କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ନଇବୁଗା ଅଞ୍ଚଳରେ ଏକ ଖଣି ଓ ଶିଳ୍ପ ସଂସ୍ଥାର ସ୍ଲରି ପାଇପଲାଇନ ଖୋଳାରେ ବନାଞ୍ଚଳକୁ ନେଇ ହୋଇଥିବା ଅନିୟମିତତାର ଯାଞ୍ଚରେ ବନ ବିଭାଗ ଜୁଟିଛି । ଏନେଇ ବାମେବାରୀ ବନପାଳ ବୁଲୁ ନାହାକ କହିଛନ୍ତି ଯେ ବସନ୍ତପୁରଠାରେ ଥିବା ଏକ ପ୍ଲାଣ୍ଟର ସ୍ଲରି ପାଇପଲାଇନ୍ ଖୋଳା କାର୍ଯ୍ୟ ନଇବୁଗା ଅଞ୍ଚଳରେ ଚାଲିଛି । ନେଦୀକୋଟଠାରୁ ନଇବୁଗା ପର୍ଯ୍ୟନ୍ତ ଖୋଳା ଯାଉଥିବା ଏହି ପାଇପଲାଇନର କାମ ଚାଲିଥିବା ବେଳେ ନଇବୁଗାଠାରେ ଥିବା ବନ ବିଭାଗ ଦ୍ୱାରା ଲଗାଯାଇଥିବା ଗଛକୁ ସଂପୃକ୍ତ କମ୍ପାନୀ ମେସିନ ଦ୍ୱାରା କାଟି ଦେଇଥିବା ଅଭିଯୋଗ ହୋଇଥିଲା । ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜର ଏସିଏଫ୍ ଅକ୍ଷୟ ଛତ୍ରିଆ ଘଟଣାସ୍ଥଳରେ ଏହାର ବିଧିବଦ୍ଧ ଯାଞ୍ଚ କରିଛନ୍ତି । ପ୍ରାୟ ୧୨ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ରୂପାନ୍ତରିତ କରାଯାଇଛି । ତେବେ ଲ୍ୟାଣ୍ଡ ୟୁଜ ପେଟର୍ନରେ ସଂପୃକ୍ତ ସ୍ଲରି କମ୍ପାନୀ ଅନିୟମିତତା କରିଥିବା ହେତୁ ବନ ବିଭାଗ ଏହାର ତଦନ୍ତ କରୁଥିବା ଜଣେ ବନ କର୍ମଚାରୀ ସୂଚନା ଦେଇଛନ୍ତି । ସଂପୃକ୍ତ କମ୍ପାନୀର କୌଣସି ମତାମତ ମିଳି ପାରି ନାହିଁ।

## ବଞ୍ଚୋ ଛକରେ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି



ହାଟଡ଼ିହୀ,୧୯।୧୦(ସମିସ): ଆନନ୍ଦପୁର ଭଦ୍ରକ ରାସ୍ତାର ବଞ୍ଚୋ ଛକରେ ଏକ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ । ଏହି ଛକଟି ଉପରେ ଗ୍ରାମର ଶତାଧିକ ଲୋକ ନିର୍ଭର କରିଥାନ୍ତି । କଲେଜ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବଞ୍ଚୋ, ଭାତକରୁଆ ଗ୍ରାମର ଗ୍ରାମବାସୀ ଦୂରଦୁରାନ୍ତକୁ ଯାତାୟାତ ପାଇଁ ଏଠାରେ ବସକୁ ଅପେକ୍ଷା କରିଥା'ନ୍ତି । ଏନେଇ ଗତ ୨୦୨୩ରେ ଉପାଧ୍ୟକ୍ଷ ତତକାଳୀନ ବିଡ଼ିଓ ଏବଂ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏପରିକି ପୁରୁଣା ବିଶ୍ରାମ ଘରଟିକୁ ଭାଙ୍ଗିବା ପାଇଁ ଏନଓସି ମଧ୍ୟ ଦିଆଯାଇଥିଲା । ଆଜି ପର୍ଯ୍ୟନ୍ତ ପୁରୁଣା ଯାତ୍ରୀ ବିଶ୍ରାମାଗାର ଭଙ୍ଗାଗଲାନି କି ନୂତନ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ହେଲାନି । ଫଳରେ ସ୍ଥାନୀୟ ଲୋକମାନେ ବର୍ଷା ହେଲେ ବିପଦସଙ୍କୁଳ ବିଶ୍ରାମଗୃହରେ ବାଧ ହୋଇ ଆଶ୍ରୟ ନେଉଛନ୍ତି । ତୁରନ୍ତ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି ।

## ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା




କେନ୍ଦୁଝର,୧୯।୧୦(ସମିସ): କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ହରିହରପୁର ଓ ଡିମ୍ବୋ ପଞ୍ଚାୟତର ଚକ ନୂଆ ସାଇଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆତ୍ମ ଜୀବନୀ ଏବଂ ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂଯୋଜନାରେ ଓଡିଶା ଗାନ୍ଧୀ ବିଚାର ପରିଷଦ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ସ୍ୱସ୍ତି ଫାଉଣ୍ଡେସନ, ସଂଯୋଗ, ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, କାଳୀରୁକ୍ଷୀ କୃଷକ ଉତ୍ପାଦକ ସଂଗଠନ ସହାୟତାରେ ବିଭିନ୍ନ ସ୍ଥାନରେ ଗୋପ କଥା ଆୟୋଜନ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ ମହିଳା ସଂଗଠନ ସଦସ୍ୟା, କୃଷକ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ବରିଷ୍ଠ ଟ୍ରଷ୍ଟି ଡା. ବିଦ୍ୟାଧର ବେହେରା ମୁଖ୍ୟବକ୍ତା, ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ତଥା ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାକ୍ଷୀଗୋପଳ ବକୁଳବନ ବନ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୁରୁକୁଳ ଢାଞ୍ଚାରେ ସଂସ୍କୃତିର ସୁରକ୍ଷା ପାଇଁ ଶିକ୍ଷା ଦାନ, ଆଦର୍ଶ ଛାତ୍ରଛାତ୍ରୀ ନିର୍ମାଣ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ଦେଶ ରସ୍ୱାଧିନତା ପାଇଁ ମହାତ୍ମା ଗାନ୍ଧୀ ଡାକରାର କାରାବରଣ, ସର୍ବୋପରି ତାଙ୍କ ଲିଖିତ କାରାକବିତା ବିଷୟରେ ଚର୍ଚ୍ଚା କରିଥିଲେ । ପ୍ରଗତି ଫାଉଣ୍ଡେସନର ସଭାପତି ମନୋଜ ମାହାନ୍ତ, କଳ୍ପନା ନାୟକ, କାଞ୍ଚନଲତା ମାହାନ୍ତ, ରଞ୍ଜୁଲତା ମାହାନ୍ତ, କମଳା ମହାନ୍ତ ସହଯୋଗ କରିଥିଲେ ।

## ରେଳ ସାଇଡିଂରେ ଖଣି ବିଭାଗର ଚଢ଼ଉ

# ବିପୁଳ ପରିମାଣରେ ଚୋରା ଖଣିଜ ଦ୍ରବ୍ୟ ଜବତ





ବଡ଼ବିଲ, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ରେଳ ସାଇଡିଂରେ ଯୋଡ଼ା, କୋଇଡା ଓ ଭୁବନେଶ୍ୱର ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଗଚ୍ଛିତ ଥିବା ବିପୁଳ ପରିମାଣର ବେଆଇନ ଖଣିଜ ପଦାର୍ଥ ଜବତ କରାଯାଇଛି । ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଏହି ଚଢଉରେ ସାମିଲ ହୋଇ ବଡ଼ବିଲ ରେଳ ସାଇଡିଂରେ ଚଢ଼ଉ କରି ନୂତନ ଭାବେ ଗଛିତ ଥିବା ୧୫୪୦ ଟନ ଓ ପୂର୍ବରୁ ସଂଗୃହିତ କରାଯାଇଥିବା ୯୬୦ ଟନ ଖଣିଜ ଦ୍ରବ୍ୟ ବେଆଇନ ଭାବେ ଗଚ୍ଛିତ ଚୋରା ଚାଲାଣ ପାଇଁ ଯୋଜନା କରାଯାଉଥିବା ନେଇ ଖଣି ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଳ ସାଇଡିଂରେ ଚଢ଼ଉ କରି ଖଣିଜଗୁଡିକୁ ଜବତ କରିବା ସହ ତାର ସଠିକ ମାନ ନିରୂପଣ ପାଇଁ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି । ଜବତ ଖଣିଜ ଦ୍ରବ୍ୟ ଗୁଡ଼ିକର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ ବୋଲି ଖଣି ବିଭାଗ ଅନୁମାନ କରିଛି । ରେଳ ବିଭାଗ କହିବା ଅନୁଯାୟୀ, ସାଇଡିଂର ୬ ନଂ ଅଞ୍ଚଳ ରାସ୍ତାରେ ବଡ ବଡ ଗାତ ହେଇଥିବାରୁ ସେଗୁଡିକ ପୂରଣ କରିବା ପାଇଁ ପୂର୍ବରୁ ଗଛିତ ଖଣିଜକୁ ସେଠାରେ ପକା ଯାଇଥିଲା । ଏ ବିଷୟରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେସ ଅଗ୍ରୱାଲ କହିଥିଲେ ଯେ ଗାତ ପୋତିବା ପାଇଁ ହେଲେ ମଧ୍ୟ ରେଳ ବିଭାଗ ଆମଠାରୁ କୌଣସି ଅନୁମତି ନେଇନାହିଁ। ତେଣୁ ଏହି ବେଆଇନ ଚୋରା କାରବାରରେ କେଉଁମାନଙ୍କ ସମ୍ପୃକ୍ତି ଅଛି ତଦନ୍ତ ଚାଲିଛି ।

**ମିଶ୍ରିତ ଖଣିଜ ରେଳ ଯୋଗେ ପରିବହନ ଅଭିଯୋଗ**

## ରାଜନଗର ରଘୁନାଥଜୀଉ ମଠରେ ବଇତ ବନ୍ଦାଣ ପ୍ରସ୍ତୁତି

ତୁରୁମୁଙ୍ଗା, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଥିବା ରଘୁନାଥଜୀଉ ମଠରେ ଚଳିତବର୍ଷ ହେବାକୁ ଯାଉଥିବା ବଇତବନ୍ଦାଣ ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତାପଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ବୈଠକରେ ବଇତ ବନ୍ଦାଣ କମିଟିର ସଭାପତି ଧରଣୀଧର ଦାଶ, କୋଷାଧ୍ୟକ୍ଷ ଶଶିରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ସାଜସଜ୍ଜା ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା କରିଥିଲେ ।



ବୈଠକରେ ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାୟକ, କାଙ୍ଗାଳି ନାୟକ, ରଞ୍ଜନ କୁମାର ପାଣି, ବସନ୍ତ ମିଶ୍ର, ତୃପ୍ତିରଞ୍ଜନ ସିଂହ, ଦିଲୀପ ସିଂହ, ରଣଜିତ ବେହେରା, ଶ୍ରଦ୍ଧାନନ୍ଦ ପାଣି ଉପସ୍ଥିତ ଥିଲେ । ଚଳିତବର୍ଷ ପୁଣି ଏଠାରେ ବାଲି ଯାତ୍ରା ଅନୁଷ୍ଠିତ ହେବା ସହ ବାଲି ଯାତ୍ରାରେ ବିଭିନ୍ନ ଦୋକି ମିନାବଜାର ସହ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି ।

**● ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ପ୍ରଦାନ**

## ୩ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ତୁରୁମୁଙ୍ଗା, ୧୯।୧୦(ସମିସ): ପାଟଣା ବ୍ଲକ୍‌ର ୨୦ଟି ପଞ୍ଚାୟତର ୨୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ଏକାଉଣ୍ଟ ମାଧ୍ୟମରେ ପ୍ରଦାନ କାରଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବ୍ଲକର ତିନିଟି ଗ୍ରାମପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଯମୁନାପଶି, କଣ୍ଟିଆପଡା ଓ ତୁରୁମୁଙ୍ଗା ପଞ୍ଚାୟତର ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ବ୍ଲକ ସ୍ୱଭାଗୃହରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ପୁର୍ବତନ ବ୍ଲକ ଅଧ୍ୟକ୍ଷା ବିଶ୍ୱନାଥ ନାଏକ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଏବିଡିଓ ବିଶ୍ୱନାଥ ମଲ୍ଲିକଙ୍କ ସମେତ ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ଉପସ୍ଥିତ ଥିଲେ ।

## ପ୍ରଗତିଶୀଳ ମଞ୍ଚ ପକ୍ଷରୁ ବୈତରଣୀ ଶଯ୍ୟାରେ ବାଲି ସତ୍ୟାଗ୍ରହ

ଆନନ୍ଦପୁର, ୧୯।୧୦(ସମିସ): ଆନନ୍ଦପୁର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆବାହକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ରାଜଘାଟଠାରେ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଆରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲା ବିଶେଷକରି ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ବେଧଡକ ଭାବେ ଚାଲିଛି । ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ଆଦୌ ଇଚ୍ଛା ପ୍ରକାଶ କରୁ ନଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି । ବୈତରଣୀ ତଥା ଅନ୍ୟ ନଦୀ ଓ ନାଳର ସୁରକ୍ଷା ପାଇଁ ଏହି ବାଲି ସତ୍ୟାଗ୍ରହ ଆନ୍ଦୋଳନ ଜାରିରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି । ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ଜେନା ଏଥିରେ ସାମିଲ ହୋଇ କହିଥିଲେ ଯେ ବୈତରଣୀ ଆମ ଜୀବନ ଧାରା । ଏଥିରୁ ବାଲି ଲୁଟ୍ ପାଇଁ ବିଭିନ୍ନ ସ୍ଥାନରେ ଶହ ଶହ ଗଛ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ପ୍ରକୃତି ଆମ ମା', ତା' ଗର୍ଭରୁ ଚୋରି ଅପରାଧ ନୁହେଁ କି ବୋଲି ବରିଷ୍ଠ ନେତା କୈଳାଶ ସାମଲ ପ୍ରଶ୍ନ କରିଛନ୍ତି । ବୈତରଣୀ ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ, ହେଲେ କିଛି ମାଫିଆ ଏହାକୁ କଳା ଟଙ୍କା ପାଇଁ ହତ୍ୟା କରିବାକୁ ଯୋଜନା କରିଥିବା ବେଞ୍ଚାର ମଧୁସୂଦନ ରାଉତ କହିଥିଲେ । ଯୁବ ପରିବେଶବିତ୍ ନୀଳାଚଳ ବେହେରା, ଜଗବନ୍ଧୁ ଜେନା, ଦୈତାରି ମହାକୁଡ, ରୋହନ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତାପ ଧଳ, ଦାମୋଦର ସାହୁ, ଏକଲବ୍ୟ ଧଳ, ଉତ୍ସବ ଜେନା, କୈଳାସ ଜେନା, ଶୁଭକାନ୍ତ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇ ନିଜର ମତ ରଖିଥିଲେ । ଆଜିର ବାଲି ସତ୍ୟାଗ୍ରହକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ପ୍ରଶାସନ ବାଲି ଚୋରି ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।



**ବୈତରଣୀ ନଦୀ ପଠାରେ ବେଆଇନ ବାଲି ପାହାଡ଼**

# ଖଜୁରିବଣି-ତନେଇପାଳରୁ ଜଙ୍ଗଲ ରାସ୍ତାରେ ଚାଲାଣ

ଆନନ୍ଦପୁର, ୧୯।୧୦ (ସମିସ)

ଆନନ୍ଦପୁର ଅଞ୍ଚଳରୁ ଚୋରା ବାଲି ଏବେ ଜଙ୍ଗଲ ରାସ୍ତାରେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ତାନେଇପାଳ ବୁଢୀକୁଦ ଖଜୁରିବଣିରୁ ରାତିରେ ଘଞ୍ଚ ଜଙ୍ଗଲ ରାସ୍ତାରେ ହାଇୱା ଯୋଗେ ଯାଉଥିବା ସୂଚନା ମିଳିଛି । ଖଣି ବିଭାଗ ଓ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଚୋରା ବାଲି ଚାଲାଣ ଏବେ ଖୋଲାଖୋଲି ଚାଲିଛି । ଆନନ୍ଦପୁର ଉପଖଣ୍ଡରେ ଶହଶହ ଟ୍ରାକ୍ଟର ବାଲି ଚୋରା ଚାଲାଣରେ ନିୟୋଜିତ ହୋଇଥିବା ବେଳେ ଚଢ଼ଉ ହେଉ ନଥିବାରୁ ବ୍ୟାପକ ରାଜସ୍ୱ ହାନି ହେଉଛି । ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଖଣି ବିଭାଗ ପକ୍ଷରୁ ଲିଜ୍ ଘାଟରୁ ବାଲି ଖନନ ବନ୍ଦ ରହିଛି । ଏଣେ ଚୋରା ବାଲିଘାଟ ପାଇଁ କୌଣସି କଟକଣା ନାହିଁ । ମାଫିଆମାନେ ମନଇଚ୍ଛା ବିଭିନ୍ନ ସ୍ଥାନରେ ନଦୀକୁ ରାସ୍ତା ନିର୍ମାଣ କରି ବାଲି ଚୋରା ଚାଲାଣ କରୁଛନ୍ତି ।




ଆନନ୍ଦପୁର ତହସିଲ ଅନ୍ତର୍ଗତ ବୁଢ଼ୀକୁଦ ଗ୍ରାମ ନିକଟରେ ଚୋରା ବାଲିଘାଟ ଚାଲିଛି ଏଠାରୁ ୩୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ନିୟମିତ ବାଲି ଚାଲାଣ କରି ନଦୀ ପଠାରେ ଗଛିତ ରଖିବା ପରେ ଜଙ୍ଗଲ ରାସ୍ତାରେ ମୟୂରଭଞ୍ଜ ଜିଲ୍ଲାକୁ ହାଇୱା ଯୋଗେ ଚାଲାଣ କରୁଛନ୍ତି । ଗେଣ୍ଡାବସା ଗ୍ରାମ ପଡ଼ିଆରେ ବାଲି ଗଚ୍ଛିତ ରଖାଯାଇ ଏଠାରୁ ରାତିରେ ହାଇୱା ଯୋଗେ ମୟୂରଭଞ୍ଜ ଜିଲ୍ଲାକୁ ଚାଲାଣ କରାଯାଉଛି । ମାଫିଆମାନେ ସ୍ଥାନୀୟ ଲୋକମାନଙ୍କୁ ହାତକରି ମାସିକ ଲକ୍ଷଲକ୍ଷ ଟଙ୍କା ମୁନାଫା କମାଉଛନ୍ତି । ସେହିପରି କୋଡ଼ପଡ଼ା ପଞ୍ଚାୟତ ତନେଇପାଳ ନିକଟରେ ବୈତରଣୀ ନଦୀରେ ଏକ ଚୋରା ବାଲିଘାଟ ନିର୍ମାଣ କରାଯାଇଛି । ଏଠାରେ ମଧ୍ୟ ୨୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଦିନରାତି ବାଲି ଚାଲାଣ କରୁଛନ୍ତି । ଏଠାରୁ ବାଲି ଉଠାଯାଇ ଖଜୁରିବଣୀ ନିକଟରେ ବେଆଇନ୍ ଭାବେ ପାହାଡ଼ ପରି ବାଲି ଗଦା କରାଯାଇଛି ।

ମିଳିଥିବା ସୂଚନା ଅନୁସାରେ, ଖଜୁରିବଣି ଓ ଗେଣ୍ଡାବସାରେ ୧୦୦ଟ୍ରିପରୁ ଅଧିକ ବାଲି ସରକାରୀ ଜମିରେ ମହଜୁଦ କରି ରଖାଯାଇଛି । ଏହି ଅଞ୍ଚଳରେ ଚାଲୁଥିବା ଅନେକ ଟ୍ରାକ୍ଟରର କାଗଜପତ୍ର ନଥିବା ବେଳେ ଡ୍ରାଇଭରମାନଙ୍କର ଲାଇସେନ୍ସ ମଧ୍ୟ ନାହିଁ । ସେହିପରି ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟରଗୁଡ଼ିକ ବେପରୁଆ ଭାବେ ଚାଲୁଥିବାରୁ ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ବିପଦ ଆଶଙ୍କା ରହୁଛି । ଏହି ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲା ସୀମାରେ ରହିଥିବାରୁ ବାଲି ମାଫିଆମାନେ ସହଜରେ ଖସି ଯାଉଛନ୍ତି ବୋଲି ଖଣି ଅଧିକାରୀ ପ୍ରକାଶ କରିଛନ୍ତି । ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗଛିତ ବାଲିକୁ ଜବତ କରିବାକୁ ସାଧାରଣରେ ଦାବି ହୋଇଛି ।

## ସତ୍ୟସାଇ ସଂଗଠନ ପକ୍ଷରୁ ମନ୍ଦିର ସଫେଇ

ଆନନ୍ଦପୁର, ୧୯।୧୦ (ସମିସ): ଶ୍ରୀ ସତ୍ୟସାଇଙ୍କ ଜୟନ୍ତୀ ଉପଲକ୍ଷେ ସେବାକାର୍ଯ୍ୟ ଓ ପରିବାର ଭଜନ ଆରମ୍ଭ ହୋଇଛି । ଆନନ୍ଦପୁର ସମିତିର ଆବାହକ ନିତ୍ୟାନନ୍ଦ ସାମଲଙ୍କ ତତ୍ତ୍ୱାବଧାନରେ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସର ସଫେଇ କରାଯାଇଥିଲା । ସମିତି ପକ୍ଷରୁ ଶହେ ପରିବାରରେ ହେବାକୁ ଥିବା ଭଜନ କାର୍ଯ୍ୟକ୍ରମ ଆନନ୍ଦପୁର ଘସିପୁର । କଣ୍ଟିପାଳ ଶୈଳଙ୍ଗ ସରେଇ ଗ୍ରାମରୁ ଆରମ୍ଭ ହୋଇଥିବା ବେଳେ ସମିତି ଆବାହକ ନିତ୍ୟାନନ୍ଦ ସାମଲଙ୍କ ପରିବାରରୁ ଶୁଭାରମ୍ଭ ହୋଇଛି । ପ୍ରତିଦିନ ଭାବ ଓ ଭକ୍ତିରେ ହେଉଥିବା ଏହି ପରିବାର ଭଜନରେ ଡା ଶିଶିର କୁମାର ଦାସ, ଅଧ୍ୟାପକ ପ୍ରମୋଦ ରାଜ, ହାଡିବନ୍ଧୁ ସି ବଂକିମ ପଟ୍ଟନାୟକ ଅସିତ ନାୟକ ବାବୁଲି ମିଶ୍ର ଦିଲୀପ ଧଳ ନନ୍ଦକିଶୋର ଦଳେଇ ରାଜେନ୍ଦ୍ର ସାହୁ ମନରଞ୍ଜନ ସିଂହ ଶ୍ରୀକାନ୍ତ ସାହୁ ଶତ୍ରୁଘ୍ନ ଶତପଥୀ ଅସିତ କୁମାର ନାୟକ ଗୋପରଞ୍ଜନ ପାଣି ନିରୁପମା ପଟ୍ଟନାୟକ ମାମା ମହାପାତ୍ର ଲିଲି ରାଉତ ସମେତ ସାଇ ପରିବାରର ଭାଇଭଉଣୀ ଯୋଗଦେଉଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଚାଲିବ ବୋଲି ସୂଚନା ମିଳିଛି ।





## ଆଜିର ରାଶିଫଳ

**ମେଷ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବୃଷ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ନାଚ, ଗୀତରେ ସଫଳତା ମିଳିବ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ମକର:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ବ୍ୟସ୍ତତା ଭିତରେ ଦିନଟି କଟିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୪୦- ନେଦରଲ୍ୟାଣ୍ଡରେ ରାସନ୍‌ରେ ପନିର ମିଳିବା ଆରମ୍ଭ ହେଲା।
- ୧୯୬୨- ଭାରତ ଓ ଚୀନ୍ ସୀମା ବିବାଦକୁ ନେଇ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୩-ସିଡ୍‌ନୀ ଅପେରା ହାଉସ୍‌କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା।
- ୧୯୯୧- ଉତ୍ତରକାଶୀରେ ୬.୮ ତୀବ୍ରତାର ଭୂମିକମ୍ପ ଆସିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି।

# ନଭେମ୍ବର ୧୪ରେ ‘ଦେ ଦେ ପ୍ୟାର୍ ଦେ ୨’

ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ଓ ରକୁଲପ୍ରୀତ ସିଂହଙ୍କ ଫିଲ୍ମ ‘ଦେ ଦେ ପ୍ୟାର୍ ଦେ’ ୨୦୧୯ରେ ଆସିଥିଲା। ଏବେ ଅଜୟ ଏହାର ସିକ୍ୱେଲ ଆଣୁଛନ୍ତି। ଇତିମଧ୍ୟରେ ‘ଦେ ଦେ ପ୍ୟାର୍ ଦେ ୨’ର ଟ୍ରେଲର୍ ରିଲିଜ୍ ହୋଇଛି। ଟ୍ରେଲର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଫିଲ୍ମରେ କମେଡି ସହ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଟ୍ରେଲରରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଜାଭେଦ ଜାଫରି, ମିଜାନ ଜାଫରି, ଗୌତମୀ କପୁର, ଇଷିତା ଦତ୍ତା, ସଞ୍ଜୀବ ସେଠ୍ ପ୍ରମୁଖଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଟି-ସିରିଜ୍ ଓ ଲବ୍ ଫିଲ୍ମସ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଅଂଶୁଲ ଶର୍ମା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଅଜୟ ଓ ରକୁଲଙ୍କ ମଧ୍ୟରେ ଗଢ଼ି ଉଠିଥିବା ପ୍ରେମ ସମ୍ପର୍କ ଉପରେ ଫିଲ୍ମଟି ଆଧାରିତ। ଏଥିରେ ଆର୍. ମାଧବନ୍, ରକୁଲଙ୍କ ପିତା ଭୂମିକାରେ ନଜର ଆସିବେ। ଏହା ନଭେମ୍ବର ୧୪ରେ ପରଦାକୁ ଆସିବ। ‘ଦେ ଦେ ପ୍ୟାର୍ ଦେ’ ଫିଲ୍ମରେ ଅଜୟ ଓ ରକୁଲଙ୍କ ସହ ତବୁ, ଜିମି ସେରଗିଲ୍, ଆଲୋକ ନାଥ, କୁମୁଦ ମିଶ୍ରା ଦେଖାଯାଇଥିଲେ। ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା। ତେବେ ‘ଦେ ଦେ ପ୍ୟାର୍ ଦେ ୨’ ଦର୍ଶକଙ୍କ କେତେ ମନୋରଞ୍ଜନ କରୁଛି ତାହା ଦେଖିବାକୁ ବାକି ରହିଲା।





# ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

ଅଷ୍ଟିଓପୋରୋସିସ୍ ରୋଗର ଗମ୍ଭୀରତା ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ଅକ୍ଟୋବରକୁ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ଭାବେ ପାଳନ କରାଯାଉଛି। ‘ଅଷ୍ଟିଓ’ ଅର୍ଥ ‘ହାଡ଼, ଏବଂ ‘ପୋରୋସିସ୍’ ଅର୍ଥ ‘ଛିଦ୍ରପୂର୍ଣ୍ଣ’। ଏହି ରୋଗ ହାଡ଼କୁ ଫମ୍ପା କରିଦିଏ। ଏହା ମହିଳା, ବୟସ୍କ ଏବଂ ହରମୋନ୍ ଅସନ୍ତୁଳନ ଥିବା ଲୋକଙ୍କ ମଧ୍ୟରେ ଅଧିକ ଦେଖାଯାଏ। ଏକ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ଆଠ ଜଣ ପୁରୁଷ ଏବଂ ତିନି ଜଣ ମହିଳାଙ୍କ ମଧ୍ୟରୁ ଜଣେ ଅଷ୍ଟିଓପୋରୋସିସ୍ ରୋଗରେ ପୀଡ଼ିତ ହେଉଛନ୍ତି। ୧୯୯୬ ଅକ୍ଟୋବର ୨୦ ତାରିଖରେ ବ୍ରିଟେନର ନ୍ୟାସନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏହି ଅଭିଯାନକୁ ୟୁରୋପୀୟ କମିଶନ ପକ୍ଷରୁ ସମର୍ଥନ ମଧ୍ୟ କରାଯାଇଥିଲା। ପରେ ୧୯୯୭ଠାରୁ ଅନ୍ତର୍ଜାତୀୟ ଅଷ୍ଟିଓପୋରୋସିସ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରତିବର୍ଷ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟି ପାଇଁ ଏହି ଦିବସକୁ ପାଳନ କରାଯାଉଛି। ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ। ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି। ଯଦିଓ ଏହାକୁ ବୃଦ୍ଧାବସ୍ଥାର ରୋଗ କୁହାଯାଏ, କିନ୍ତୁ ଚିନ୍ତାର ବିଷୟ ଯେ, ଗତ କିଛି ବର୍ଷ ମଧ୍ୟରେ ଯୁବାବସ୍ଥାରେ ମଧ୍ୟ ଏହି ରୋଗ ଦେଖାଦେଉଛି। ନିଷ୍କ୍ରିୟ ଜୀବନଶୈଳୀ, ମଦ୍ୟପାନ,ଧୂମପାନ,ଜେନେଟିକ୍, ମଧୁମେହ, ମେଦବହୁଳତା, ଆର୍ଥ୍ରାଇଟିସ୍, କର୍କଟ ଔଷଧର ଦୀର୍ଘକାଳୀନ ବ୍ୟବହାର ଏବଂ ମେନୋପୋଜ ମଧ୍ୟ ଏହି ରୋଗର କାରଣ ହୋଇପାରେ। ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଏ। ଅଷ୍ଟିଓପୋରୋସିସ୍ ସମସ୍ୟାକୁ ଦୂରେଇ ଦେବା ପାଇଁ ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟରେ କ୍ୟାଲସିୟମ୍, ଭିଟାମିନ୍ ଡି ଓ ପ୍ରୋଟିନ୍ ଯୁକ୍ତ ଖାଦ୍ୟକୁ ସାମିଲ କରାଯିବା ଜରୁରୀ। ଏହାସହ ନିୟମିତ କଅଁଳ ଖରାରେ ବୁଲିବା ନିହାତି ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାକୁ ଏଡ଼ାଇ ଦିଆଯାଇ ପାରିବ।

## ଦୀର୍ଘାୟୁ ଜୀବନର ରହସ୍ୟ ଦହି

ଆମେରିକାରେ ଜନ୍ମଗ୍ରହଣ କରିଥିବା ସ୍ପେନର ମହିଳା ମାରିୟା ବ୍ରେନେସ ମୋରେରଙ୍କର ଗତବର୍ଷ ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୧୧୭ ବର୍ଷ ବୟସ ହୋଇଥିଲା। ଅବଶ୍ୟ ତାଙ୍କ ମୃତ୍ୟୁର କିଛି ଦିନ ପୂର୍ବରୁ ସେ ବିଶ୍ୱର ସବୁଠୁ ବୟସ୍କା ଜୀବିତ ମହିଳା ହେବାର ରେକର୍ଡ କରିଥିଲେ। ସେପ୍ଟେମ୍ବର ୨୪ରେ ସେଲ୍ ରିପୋର୍ଟର ମେଡିକାଲ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟ ଅନୁସାରେ, ଗବେଷକମାନେ ବ୍ରେନେସଙ୍କ ଦୀର୍ଘ ଜୀବନ ରହସ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛା କରି ତାଙ୍କର ରକ୍ତ, ଲାଳ, ମଳ, ମୂତ୍ର ଏବଂ ଜିନ୍‌ର ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ବ୍ରେନେସ ଧୂମପାନ କି ନିଶାଦ୍ରବ୍ୟ ସେବନ କରୁ ନ ଥିଲେ। ଯଥାସମ୍ଭବ ସେ ନିତିଦିନର କାମ ନିଜେ କରୁଥିଲେ। ସେ ଗାଁରେ ରହିବା ସହ ହାଲୁକା ବ୍ୟାୟାମ କରୁଥିଲେ ଏବଂ ଭୂମଧ୍ୟ ସାଗରୀୟ ଅଞ୍ଚଳର ଲୋକଙ୍କ ଭଳି ଖାଦ୍ୟ ଖାଉଥିଲେ। ତାଙ୍କ ଖାଦ୍ୟରେ ସେ ଅଲିଭ୍ ତେଲର ବ୍ୟବହାର କରୁଥିଲେ। ତେବେ ତାଙ୍କ ଜୀବନଶୈଳୀରେ ଗୋଟିଏ ସ୍ୱତନ୍ତ୍ର କଥା ଥିଲା। ସେ ଦିନକୁ ତିନି ଥର ଦହି ଖାଉଥିଲେ। ସେହିଭଳି ଏହି ଅଧ୍ୟୟନର ନେତୃତ୍ୱ ନେଇଥିବା ଡା. ଜୋସେଫ ସହଲାବ ଏକ ପୋଷ୍ଟରେ ଦୀର୍ଘ ଜୀବନ ଲାଗି ଦହିକୁ ଭଲ ସପ୍ଲିମେଣ୍ଟ ବୋଲି କାହିଁକି କୁହାଯାଇଛି, ସେ ସମ୍ପର୍କରେ କହିଛନ୍ତି। ଦହି କୋଲନ କ୍ୟାନସର ଆଶଙ୍କାକୁ କମ୍ କରିବା ସହ ଏହା ପାକସ୍ଥଳୀକୁ ସୁସ୍ଥ ରଖିଥାଏ। ସେହିପରି ଦହି ସବୁଠୁ ଉତ୍ତମ ଖାଦ୍ୟପଦାର୍ଥରୁ ଅନ୍ୟତମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଦହି ପ୍ରୋବାୟୋଟିକ୍ସର ମଧ୍ୟ ଏକ ଉତ୍ତମ ଉତ୍ସ। ଏଥିରେ କ୍ୟାଲସିୟମ୍ ଏବଂ ଫସ୍‌ଫରସ୍ ଭରପୂର ଥିବାରୁ ଏହା ହାଡ଼ ଓ ଦାନ୍ତକୁ ମଜଭୁତ କରେ। ଏପରିକି ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗକୁ ରୋକିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି।



# ଆଲୋକର ପର୍ବ ଦୀପାବଳି



**ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିରେ ପୂରା ପରିବେଶ ବଦଳିଯାଏ। କାର୍ତ୍ତିକ ମାସ ଅମାବାସ୍ୟାରେ ଏହି ପର୍ବ ପାଳନ କରାଯାଏ। ଦୀପାବଳି ଅମାବାସ୍ୟାକୁ ପୟା ଅମାବାସ୍ୟା ମଧ୍ୟ କୁହାଯାଏ। ଏହିଦିନ ପିତୃପୁରୁଷଙ୍କୁ କାଉଁରିଆ କାଠି ଜାଳି ମନେ ପକାଯାଏ। ତା’ସହ ଏହି ଦିନ ମା’କାଳୀଙ୍କୁ ଆରାଧନା କରାଯାଏ। ଘରେ ଘରେ ଦୀପ ଜଳେ, ବାଣ ଫୁଟେ, ଶ୍ରାଦ୍ଧ ପଡ଼େ ଏବଂ ପିଠାପଣା ହୁଏ।**



ଶାସ୍ତ୍ରୀୟ ମତ ତଥା ଲୋକକଥାରେ ବିଭିନ୍ନ କାରଣକୁ ନେଇ ଦୀପାବଳି ପର୍ବ ପାଳନ କରିବାର ନିୟମ ଅଛି। ପୌରାଣିକ ମତରେ, ଏହି ଦିନ ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପକୁ ବଧ କରିଥିବାରୁ ଏହି ପର୍ବ ପାଳନ କରାଯାଏ। କେବଳ ସେତିକି ନୁହେଁ, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରିବା ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ। ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଖୁସିରେ ବିଭିନ୍ନ ପ୍ରକାର ଦୀପ ଜାଳିଥିଲେ। ଏହିଦିନକୁ ସ୍ମରଣୀୟ କରିବା ପାଇଁ ଦୀପାବଳି ପାଳନ କରାଯାଏ। ଅନ୍ୟପଟେ ଦୀପାବଳିର ଦିନକ ପୂର୍ବରୁ ଶ୍ରୀକୃଷ୍ଣ ନରକାସୁରକୁ ବଧ କରିଥିବାରୁ ଏହାର ପରଦିନକୁ ଦୀପାବଳି ଭାବେ ପାଳନ କରାଯାଏ। ତେବେ ରାକ୍ଷସମାନଙ୍କୁ ବଧ କରିବା ପରେ ମହା କାଳୀଙ୍କ କ୍ରୋଧ ଯେତେବେଳେ ଶାନ୍ତ ହୋଇ ନ ଥିଲା ଏବଂ ସେ ଉଗ୍ର ରୂପ ଧାରଣ କରି ସୃଷ୍ଟି ସଂହାର ଉଦ୍ଦେଶ୍ୟରେ ବାହାରିଥିଲେ। ସେତେବେଳେ ଶିବ ତାଙ୍କୁ ଅଟକାଇବା ପାଇଁ ତଳେ ଶୋଇପଡ଼ିଥିଲେ। ଏହାପରେ ମହାକାଳୀ ଶାନ୍ତ ହୋଇଥିଲେ। ଏହାସହ କାଳୀଙ୍କ ଶାନ୍ତ ରୂପ ମା’ ଲକ୍ଷ୍ମୀଙ୍କୁ ଏହିଦିନଠାରୁ ପୂଜା ଆରମ୍ଭ କରାଯିବା ସହ ଦୀପାବଳି ରାତିରେ ମା’ କାଳୀଙ୍କ ଉଗ୍ର ରୂପର ଉପାସନା କରାଯାଏ।

ଅନ୍ୟପକ୍ଷରେ ଏହିଦିନ ଓଡ଼ିଶାରେ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦିଆଯିବା ପରେ କାଉଁରିଆ କାଠି ଜଳାଯାଏ। ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ।

କାଉଁରିଆ କାଠି ଜାଳିବା ବେଳେ କୁହାଯାଏ, “ବଡବଡୁଆ ହୋ! ଅନ୍ଧାରରେ ଆସ ଆଲୁଅରେ ଯାଅ। ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ। ପୁରୁଷୋତ୍ତମରେ ମହାପ୍ରସାଦ ଖାଇ। ବାଇଶି ପାହଚରେ ଗଡ଼ଗଡ଼ଉ ଥାଅ।”

# ଯମ ଦ୍ୱିତୀୟା



ଦୀପାବଳିର ଦୁଇ ଦିନ ପରେ ଅର୍ଥାତ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୁଏ ଯମ ଦ୍ୱିତୀୟା ବା ଭାତୃ ଦ୍ୱିତୀୟା। ଏହି ଦିନ ମୃତ୍ୟୁର ଦେବତା ଯମରାଜଙ୍କୁ ମଧ୍ୟ ପୂଜା କରାଯାଏ। ଏହା ହେଉଛି ଭାଇ-ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ପର୍ବ। କୁହାଯାଏ, ଏହିଦିନ ଭଉଣୀ ଘରେ ଭାଇ ଭୋଜନ କରିବା ଦ୍ୱାରା ଭାଇ ଦୀର୍ଘାୟୁ ହୋଇଥାଏ। ସୂର୍ଯ୍ୟ ଦେବ ଏବଂ ଦେବୀ ସଂଜ୍ଞାଙ୍କ ପୁତ୍ର ଯମ ଏବଂ ପୁତ୍ରୀ ଯମୀ ଏହିଦିନ ଜନ୍ମଗ୍ରହଣ କରିଥିଲେ। ତେଣୁ ଏହିଦିନକୁ ଯମଦ୍ୱିତୀୟା ଭାବରେ ପାଳନ କରାଯାଏ। ସେହିପରି ଅନ୍ୟ ଏକ ପୌରାଣିକ କାହାଣୀ ଅନୁସାରେ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ଯମୁନା ଯମରାଜଙ୍କୁ ନିଜ ଘରକୁ ଆମନ୍ତ୍ରିତ କରିଥିଲେ। ଅତିଥି ସତ୍କାର କରିବା ସହ ଭୋଜନ କରାଇ ଥିଲେ। ଏହି କାରଣରୁ ଏହାକୁ ଯମ ଦ୍ୱିତୀୟା ବୋଲି କୁହାଯାଏ। ସେହିପରି ଏଥିରେ ଯମରାଜ ପ୍ରସନ୍ନ ହୋଇ ଭଉଣୀକୁ ବର ଦେଇଥିଲେ, ଏହିଦିନ ସଂସାରର ଯେଉଁ ଭଉଣୀମାନେ ତାଙ୍କ ଭାଇଙ୍କୁ ଟୀକା ଲଗାଇ ପୂଜା କରିବେ, ସେହି ଭାଇମାନଙ୍କର ଆୟୁ ବୃଦ୍ଧି ହେବା ସହିତ ତାଙ୍କ ଜୀବନରୁ ସମସ୍ତ ପ୍ରକାରର କଷ୍ଟ, ବାଧା ବିଘ୍ନ ଦୂର ହୋଇଯିବ ଏବଂ ଯମଲୋକର ପୀଡା ଆଉ ତାଙ୍କୁ ଲାଗିବ ନାହିଁ।

ଅନ୍ୟପଟେ ଏହିଦିନ ଭଉଣୀ ଭାଇର ଦୀର୍ଘାୟୁ କାମନା କରି ଯମରାଜଙ୍କ ପାଖେ ପ୍ରାର୍ଥନା କରନ୍ତି। ଏହି ପର୍ବରେ ଭଉଣୀମାନେ ଭାଇ ମଥାରେ ତିଳକ ଲଗାଇ ବନ୍ଦାପନା କରି ଭାଇ ମାନଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥାନ୍ତି। ଭାଇମାନେ ଭଉଣୀଙ୍କୁ ସ୍ନେହ ପ୍ରେମର ନିଦର୍ଶନ ସ୍ୱରୂପ ଉପହାରମାନ ଦେଇଥାନ୍ତି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଯମ ଦ୍ୱିତୀୟା ଯାତ୍ରା ଅନ୍ୟତମ। ଏହିଦିନ ଶ୍ରୀଲିଙ୍ଗରାଜ ପ୍ରଭୁ ଯମେଶ୍ୱର ଏବଂ ତାଙ୍କର ଭଉଣୀ କାମାକ୍ଷୀଙ୍କୁ ଭେଟ କରିବାକୁ ଯାଇଥାନ୍ତି। ସେହିପରି ଶ୍ରୀକ୍ଷେତ୍ରରେ ଯମେଶ୍ୱର ମହାଦେବଙ୍କ ମନ୍ଦିରରେ ଯମ ଦ୍ୱିତୀୟା ପାଇଁ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହୋଇଥାଏ। ଏହି ପର୍ବ ଅକ୍ଟୋବର ୨୩ ତାରିଖରେ ପାଳନ କରାଯିବ।

## ମା’ କାଳୀଙ୍କ ପ୍ରିୟ ଭୋଗ



**କାର୍ତ୍ତିକ ଅମାବାସ୍ୟାରେ କାଳୀ ପୂଜା ପାଳନ କରାଯାଏ। ରାତିରେ ମା’ କାଳୀଙ୍କ ପୂଜା କରାଯାଏ ଏବଂ ଭୋଗ ଅର୍ପଣ କରାଯାଏ। ମା’ କାଳୀଙ୍କୁ ଉଭୟ ଆମିଷ ଓ ନିରାମିଷ ଭୋଗ ଲାଗି କରାଯାଏ। ତେବେ ମା’ କାଳୀଙ୍କ ପ୍ରିୟ ଭୋଗ କ’ଣ, ସେ ସମ୍ପର୍କରେ ଜାଣିବା।**

- ମା’କାଳୀଙ୍କୁ ଭୋଗରେ ଗୁଡ଼ ଅର୍ପଣ କରିବା ଦ୍ୱାର ଜୀବନ ସମସ୍ତ କଷ୍ଟ ଦୂର ହୋଇଥାଏ। ଗୁଡ଼ରେ ତିଆରି ମିଠା ଅର୍ପଣ କରନ୍ତୁ।
- ମୁଗଡାଲି ଖେଚୁଡ଼ି ମା’ କାଳୀଙ୍କ ପ୍ରିୟ। ଏହାକୁ ଅର୍ପଣ କଲେ ଜୀବନର ସମସ୍ତ ସମସ୍ୟା ଓ ବାଧା ବିଘ୍ନ ଦୂର ହେବା କୁହାଯାଏ।
- ସୁଜି ହାଲୁଆ ସମେତ ତାଜା ଫଳ ଭୋଗ କରାଯାଏ।
- କ୍ଷୀରୀ ସମେତ ଦୁଗ୍ଧରେ ପ୍ରସ୍ତୁତ ମିଠା ଭୋଗ ଲାଗି କଲେ, ମା’ କାଳୀ ପ୍ରସନ୍ନ ହୁଅନ୍ତି।
- କିଛି ମନ୍ଦିର ଓ ପରମ୍ପରାରେ ମା’ କାଳୀଙ୍କୁ ଆମିଷ ଭୋଗ ମଧ୍ୟ ଲାଗି କରାଯାଏ।

## ସ୍ୱସ୍ତି

# ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

**(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ ପ୍ରକାଶିତ ଉପାଖ୍ୟାନ ତତ୍ତ୍ୱର ଅବଶିଷ୍ଟ ଅଂଶ ଏଥର ପ୍ରଦାନ କରାଯାଇଛି।)**

ବିବାହ ପରେ ପୁରଞ୍ଜନ ପୂରଞ୍ଜନୀଙ୍କ ପ୍ରତି ଏତେ ପରିମାଣରେ ମୋହିତ ହୋଇଗଲା ଯେ, ପୂରଞ୍ଜନୀ ଯାହା କହିଲା, ପୁରଞ୍ଜନ ସେଇଆ କଲା। ଅର୍ଥାତ ମଣିଷର ମତି / ଅବିଦ୍ୟା ମଣିଷକୁ ଯୋଉ ଆଡକୁ ଟାଣେ ମଣିଷ ସେଇ ଆଡକୁ ଗତି କରେ।

ଏହିପରି ପୁରଞ୍ଜନ (ଜୀବତ୍ମା) ଢେର ଦିନ ପୂରଞ୍ଜନୀ (ମତି / ବୁଦ୍ଧି / ଅବିଦ୍ୟା) ସହିତ ଖୁବ ଆନନ୍ଦରେ ଦିନ କାଟିଲା। କିଛି ଦିନ ପରେ ଜରା (ବାର୍ଦ୍ଧକ୍ୟ) ନାମକ ଏକ ଅସୁନ୍ଦର ନାରୀର ପୁରଞ୍ଜନ (ଜୀବାତ୍ମା) ଉପରେ ନଜର ପଡିଲା। ଜରା (ବାର୍ଦ୍ଧକ୍ୟ) ତା’ର ବନ୍ଧୁ ଚଣ୍ଡବେଗ (କାଳଚକ୍ର) ସାହାଯ୍ୟରେ ପୁରଞ୍ଜନ ଉପରେ ଆକ୍ରମଣ କଲା। ଏହି ଆକ୍ରମଣରେ ଚଣ୍ଡବେଗ (କାଳଚକ୍ର)ର ସୈନ୍ୟ ବାହିନୀ (ତିନି ଶହ ପାଞ୍ଚଷଠି ଦିନ ଏବଂ ତିନି ଶହ ପାଞ୍ଚଷଠି ରାତ୍ରୀ) ସାହାଯ୍ୟ କଲେ। ଅର୍ଥାତ ଜୀବତ୍ମା କାଳ ଚକ୍ରର ଦିନ ରାତି ପ୍ରଭାବରେ କ୍ରମେ ବାର୍ଦ୍ଧକ୍ୟରେ ପହଁଞ୍ଚିଲା। ବାର୍ଦ୍ଧକ୍ୟର ଆକ୍ରମଣରେ ଜୀବତ୍ମାର ପ୍ରଥମେ କର୍ମେନ୍ଦ୍ରିୟ ଓ ପରେ ପରେ ଜ୍ଞାନେନ୍ଦ୍ରିୟମାନେ କାର୍ଯ୍ୟ କରିବା ବନ୍ଦ କରିଦେଲେ। ଏହି ଭଳି ଜରାର ଆକ୍ରମଣରେ ପୂରଞ୍ଜନୀର ଦଶ ସୈନିକ ମରିଗଲେ। ପାଞ୍ଚ ଫେଣା ବିଶିଷ୍ଟ ସାପ ମଧ୍ୟ ପ୍ରାଣ ହରାଇଲା। ଶେଷରେ ଜୀବାତ୍ମା ପୂରଞ୍ଜନର ମୃତ୍ୟୁ ହେଲା।

ପୂରଞ୍ଜନ ମୃତ୍ୟୁ ସମୟରେ ପୂରଞ୍ଜନୀକୁ ଝୁରି ଝୁରି ମୃତ୍ୟୁବରଣ କରିଥିବାରୁ ପର ଜନ୍ମରେ ବିଧରଭ ଦେଶର ରାଜ କନ୍ୟା ଭାବରେ ଜନ୍ମ ନେଲା ଓ ତାର ନାମ ବୈଦେହୀ ହେଲା। ବୈଦେହୀ ମଳୟ ଦେଶର ରାଜା ମଳୟଧ୍ୱଜଙ୍କୁ ବିବାହ କଲେ। ସମୟ ଅନୁକ୍ରମେ ଶିକାର ଖେଳୁ ଖେଳୁ ମଳୟଧ୍ୱଜଙ୍କର ମୃତ୍ୟୁ ହେଲା ଏବଂ ତତ୍କାଳୀନ ପରମ୍ପରା ଅନୁଯାୟୀ ବୈଦେହୀ ସତୀ ହେବା ପାଇଁ ପ୍ରସ୍ତୁତ ହେବା ସମୟରେ ଅଭିଜ୍ଞାତ ପହଞ୍ଚି ପୁରଞ୍ଜନ ଙ୍କୁ ତାଙ୍କର ପୂର୍ବ ସମ୍ପର୍କ ବିଷୟରେ ମନେ ପକାଇ ଦେଲେ ଓ ପୁନର୍ବାର ତାଙ୍କ ସାଙ୍ଗରେ ପୂର୍ବ ଅବସ୍ଥାକୁ ଫେରି ଯିବାକୁ କହିଲେ।

ଏହି ଉପାଖ୍ୟାନର ସାର ମର୍ମ ହେଲା, ଯେ ପର୍ଯ୍ୟନ୍ତ ଜୀବତ୍ମା ପରମାତ୍ମାଙ୍କ ସାନ୍ନିଧ ଲାଭ କରୁଥିବ ,ସେ ପର୍ଯ୍ୟନ୍ତ ଜୀବତ୍ମା ଶାନ୍ତି ଲାଭ କରୁଥିବ। ପରମାତ୍ମାଙ୍କୁ ଭୁଲି ମାୟା ସଂସାରରେ ନିର୍ଲିପ୍ତ ହେଲେ କଷ୍ଟ ଭୋଗିବ। ନାରଦ ମୁନୀଙ୍କର ଏହି ଉପାଖ୍ୟାନ ପ୍ରାଚୀନବରହୀଙ୍କୁ ପ୍ରଭାବିତ କରିଥିଲା ଏବଂ ସେ ନିଜର ଆଚରଣରେ ପରିବର୍ତ୍ତନ କରିଥିଲେ।

କେଶୁରା
ମୋ: ୮୨୪୯୨୧୩୦୪୦

ପ୍ରଥମ ମ୍ୟାଚ୍‌ରେ ରୋ-କୋ, ଗିଲ୍ ଫେଲ୍, ୨୩ରେ ଦ୍ୱିତୀୟ ମୁକାବିଲା

# ଅଷ୍ଟ୍ରେଲିଆର ପେସ୍ ଆଗରେ ଭାରତର ଆତ୍ମସମର୍ପଣ

ପର୍ଥ,୧୯।୧୦(ଏଜେନ୍ସି)





ଅପଟସ୍ ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆର ପେସ ଓ ନିଖୁଣ ବୋଲିଂ ଆଗରେ ଆତ୍ମସମର୍ପଣ କରିଛି ଭ୍ରମଣକାରୀ ଭାରତୀୟ କ୍ରିକେଟ ଦଳ। ଏଠାରେ ଆଜି ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୭ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତର ୩ ତାରକା ଖେଳାଳି ଏକାଥରକେ ବିଫଳ ହେବା ସମର୍ଥକ ଓ ଟିମ୍ ମ୍ୟାନେଜମେଣ୍ଟକୁ ନିରାଶ କରିଛି। ତାରକା ମାନଙ୍କ ମଧ୍ୟରୁ ରୋହିତ ଶର୍ମା ୮, ବିରାଟ କୋହଲି ୦ ଓ ଅଧିନାୟକରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ୧୦ ରନ୍‌ରେ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆରେ କୋହଲି ପ୍ରଥମଥର ଦିନିକିଆ ଫର୍ମାଟରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲାବେଳେ ଗିଲ୍ ଉଭୟ ଟେଷ୍ଟ ଓ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେଇ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଛନ୍ତି। ଏହି ବିଜୟ ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ଆରମ୍ଭରୁ ୧-୦ରେ ଅଗ୍ରଣୀ ନେଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ଗୁରୁବାର ଆଡିଲେଡ ଓଭାଲରେ ଓ ତୃତୀୟ ମ୍ୟାଚ୍ ଶନିବାର ସିଡ୍‌ନୀରେ ଖେଳାଯିବ। ପର୍ଥର ଲୋ ସ୍କୋରିଂ ପିଚ୍‌ରେ ଅଷ୍ଟ୍ରେଲିଆ ଇନିଂସରେ ଶେଷଯାଏ ଅପରାଜିତ ରହି ୪୬ ରନ୍ କରିଥିବା ଅଧିନାୟକ ମିଚେଲ ମାର୍ଶଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ଏହି ମ୍ୟାଚ୍‌ରେ ବର୍ଷା ବାରମ୍ବାର ଖେଳରେ ବାଧା ସୃଷ୍ଟି କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଇନିଂସରେ ୪ଥର ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ସାଙ୍ଗକୁ ଅଷ୍ଟ୍ରେଲିଆର ପେସ୍ ଓ ନିଖୁଣ ବୋଲିଂ ଆଗରେ ଭାରତୀୟ ବ୍ୟାଟର ହାତଟେକି ଦେଇଥିଲେ। ଏପରିକି ଦଳର ଜଣେ ହେଲେ ଖେଳାଳି ବେଶି ସମୟ ତିଷ୍ଠି ନ ଥିଲେ କି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲେ। ୨୬ ଓଭରରେ ୯ ୱିକେଟ ହରାଇ ୧୩୬ ରନ୍ କରିଥିଲାବେଳେ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭାରତର ଇନିଂସ ଏହିଠାରୁ ଶେଷ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୮ ଓ ଅକ୍ଷର ପଟେଲ ୩୧ ରନ୍‌ର ଯୋଗଦାନ ଦେଇଥିଲେ। ଦୀର୍ଘ ୭ ମାସ ପରେ ଜାତୀୟ ଦଳକୁ ଫେରିଥିବା ଦୁଇ ସୁପରଷ୍ଟାର ରୋହିତ ଶର୍ମା ମାତ୍ର ୧୪ଟି ବଲ୍ ଖେଳି ୮ ଓ ବିରାଟ କୋହଲି ୮ ବଲ୍ ଖେଳି ଖାତା ଖୋଲି ପାରି ନ ଥିଲେ। ଅଧିନାୟକ ଗିଲ୍ ମଧ୍ୟ ୧୦ ରନ୍‌ରେ ଆଉଟ ହୋଇଥିଲେ। ବାରମ୍ବାର ଖେଳ ବନ୍ଦ ରହିବା ଯୋଗୁଁ ଭାରତୀୟ ବ୍ୟାଟର ଲୟକୁ ଫେରି ନ ଥିଲେ। ଅଷ୍ଟ୍ରେଲୀୟ ବୋଲର ଏଥିରୁ ଫାଇଦା ଉଠାଇଥିଲେ। ଜୋଶ ହାଜ୍‌ଲେଉଡ, ମିଚେଲ ଓଏନ ଓ ମାଥ୍ୟୁ କୁନେମାନ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଜବାବରେ ଡିଏଲ୍ଏସ୍ ମେଥଡ ଅନୁଯାୟୀ ଅଷ୍ଟ୍ରେଲିଆ ଆଗରେ ୨୬ ଓଭରରେ ୧୩୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ଘରୋଇ ଦଳ ଭଲ ପାଗରେ ଖେଳି୨୧.୧ ଓଭରରେ ୩ ୱିକେଟ ହରାଇ ହାସଲ କରିନେଇଥିଲା। ଅଧିନାୟକ ତଥା ଓପନର ମିଚେଲ ମାର୍ଶ ଶେଷପର୍ଯ୍ୟନ୍ତ ଅପରାଜିତ ରହି ୪୬ ରନ୍‌ର ଭଲ ସ୍କୋର କରିଥିଲେ। ତାଙ୍କ ସହ ମ୍ୟାଟ ରେନ୍‌ଶା ୨୪ ବଲ୍‌ରୁ ୨୧ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ୱିକେଟ ରକ୍ଷକ ଜୋଶ ଫିଲିପ୍ ୨୯ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ଦ୍ରୁତ ୩୭ ରନ୍ କରି ଅଷ୍ଟ୍ରେଲିଆର ବିଜୟ ସହଜ କରିଦେଇଥିଲେ। ଟ୍ରାଭିସ ହେଡ୍‌ଙ୍କୁ ୮ ରନ୍‌ରେ ଆଉଟ କରି ଅର୍ଶଦୀପ ଯେଉଁ ସଫଳତା ପାଇଥିଲେ ତାହାର ସଦୁପଯୋଗ କରି ପାରି ନ ଥିଲା ଭାରତ। ଫାଷ୍ଟ ପିଚ୍‌ରେ ଭାରତୀୟ ପେସର ବିଫଳ ହୋଇଥିଲାବେଳେ ସ୍ପିନର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

## ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ତନ୍‌ଭୀଙ୍କୁ ରୌପ୍ୟ



ଗୌହାଟୀ, ୧୯ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତର ତନଭୀ ଶର୍ମା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ୍ ସିଡ୍ ତନଭୀ ୭-୧୫, ୧୨-୧୫ ସିଧାସଳଖ ଗେମରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପତ୍‌ଙ୍କ ନିକଟରୁ ହାରି ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଫାଇନାଲ ମ୍ୟାଚର ଫଳାଫଳ ମାତ୍ର ୨୮ ମିନିଟ୍‌ରେ ବାହାରିଯାଇଥିଲା। ତନଭୀ ଏଥିସହ ୫ମ ଭାରତୀୟ ଭାବେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ୍ (୧୯୯୬), ସାଇନା ନେହ୍ୱାଲ (୨୦୦୬), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଭିନ୍ନ ସଂସ୍କରଣରେ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ତନଭୀଙ୍କ ରୌପ୍ୟ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଇତିହାସରେ ଭାରତର ୧୨ତମ ପଦକ ଥିଲା। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ପଦକ ସାମିଲ ରହିଛି।

## ୫୦୦ ମ୍ୟାଚ୍ ଖେଳିବାରେ ରୋହିତ୍ ୫ମ ଭାରତୀୟ

ପର୍ଥ, ୧୯ ।୧୦ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍‌ରେ ରୋହିତ ଆଜି ୫୦୦ତମ ମ୍ୟାଚ୍ ଖେଳିଛନ୍ତି। ବିଶ୍ୱର ୧୧ତମ ତଥା ପଞ୍ଚମ ଭାରତୀୟ କ୍ରିକେଟର୍ ଭାବେ ସେ ଏହି କ୍ଲବରେ ସାମିଲ ହୋଇଛନ୍ତି। ରୋହିତ୍‌ଙ୍କ ପୂର୍ବରୁ ଭାରତୀୟ ଭାବେ ସଚିନ ତେନ୍ଦୁଲକର (୬୬୪), ବିରାଟ କୋହଲି (୫୫୧), ମହେନ୍ଦ୍ର ସିଂ ଧୋନି (୫୩୮) ଓ ରାହୁଲ ଦ୍ରାବିଡ୍ (୫୦୯) ୫୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସର୍ବାଧିକ ୬୬୪ ମ୍ୟାଚ୍ ଖେଳି ସଚିନ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

● ସିକେ ନାଇଡୁ ଟ୍ରଫି

## ଓଡ଼ିଶାର ବିଜୟ ଅଭିଯାନ


ସାଇଦୀପ


ଆୟୁଷ

କଟକ,୧୯।୧୦(ସମିସ): ପ୍ରଥମ ଲିଗ୍ ମ୍ୟାଚ୍‌ରେ ହାଇଦ୍ରାବାଦକୁ ୬୩ ରନରେ ପରାସ୍ତ କରି ଓଡ଼ିଶା ସିକେ ନାଇଡୁ ଟ୍ରଫିରେ ଅଭିଯାନ ଆରମ୍ଭ କରିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦ ୨୩୩ ରନର ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ୧୬୯ ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ସାଇଦୀପ ମହାପାତ୍ର ଓ ଆୟୁଷ ବାରିକ ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ପ୍ରଥମ ପାଳିରେ ୮ ୱିକେଟ ସଫଳତା ପାଇଥିବା ଆୟୁଷ ମ୍ୟାଚ୍‌ରେ ମୋଟ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ ୧୯୫ରନରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଶତକୀୟ ପାଳି ସହାୟତାରେ ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨୬୮ ରନ କରିଥିଲା। ଆସନ୍ତା ୨୬ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱର ରେଳବାଇ ଷ୍ଟାଡିୟମରେ ଆସାମ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ଆନ୍ତଃସ୍କୁଲ ଫୁଟବଲ ଫାଇନାଲରେ କିସ୍




ଭୁବନେଶ୍ୱର,୧୯।୧୦ (ସମିସ): ରାଜୁ ମାର୍ଣ୍ଡିଙ୍କ ଡବଲ ଗୋଲ ବଳରେ କିସ୍ ୨-୦ ଗୋଲରେ ଓଡ଼ିଏମ୍ ପବ୍ଲିକ୍ ସ୍କୁଲ୍‌କୁ ପରାସ୍ତ କରି ଏଠାରେ ଚାଲିଥିବା ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଓଡ଼ିଏମ୍ ଗ୍ଲୋବାଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କିସ୍ ଫାଇନାଲ ମୁକାବିଲା କରିବ। ବିଜୟୀ କିସ୍ ପକ୍ଷରୁ ଡବଲ ଗୋଲ ଦେଇଥିବା ରାଜୁ ମାର୍ଣ୍ଡିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଖେଳ ଶେଷରେ ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ସଂଘ ସଭାପତି ନବରଞ୍ଜନ ପଟ୍ଟନାୟକ, ତାହିଦୁଲ ହୋଦା ଆଦି ଅତିଥିଭାବେ ଉପସ୍ଥିତ ଥିଲେ। ରେଫରି ପ୍ରିୟବ୍ରତ ବାହିନୀପତି, ସରୋଜ ମହାରଣା, ଶେଖାୱତ ଖାନ୍ ଓ ଅମିତ ନାୟକ ପ୍ରଥମ ସେମିଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ।

● ଲୋକାଲ-୧- ସନ୍ଦୀପ ମହାନ୍ତି ସ୍ମାରକୀ ଚେସ୍

## ଓମ୍‌ଆଦିତ୍ୟ ଜିତିଲେ ଟାଇଟଲ




ଭୁବନେଶ୍ୱର,୧୯।୧୦ (ସମିସ): ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡଙ୍ଗା ୧୮ତମ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ କେଶୁରସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ଦୁଇ ଖେଳାଳି ଓମ୍‌ଆଦିତ୍ୟ ଓ ସ୍ୱପ୍ନିଳ ପ୍ରିୟଦର୍ଶୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ସ୍ୱପ୍ନିଳଙ୍କୁ ପଛରେ ପକାଇ ଟାଇଟଲ ଜିତିନେଇଥିଲେ। ରାୟଗଡ଼ାର ଫକିର ମାଝୀ ତୃତୀୟ, ପାରାଦୀପ୍‌ର ଜ୍ଞାନରଞ୍ଜନ ସେଠୀ ଚତୁର୍ଥ, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ୫ମ ସ୍ଥାନ ଅଧିକାର କରିଥିଲେ। ଖେଳ ଶେଷରେ ସ୍ୱର୍ଗତ ସନ୍ଦୀପଙ୍କ ପିତା ସୁରେନ୍ଦ୍ରନାଥ ମହାନ୍ତି, ଓଡ଼ିଶା ରାଜ୍ୟ ଚେସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ରୟାଲସ୍କୁଲର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଅତିଥିଭାବେ ଯୋଗଦେଇଥିଲେ।

● ବରିଷ୍ଠ ମହିଳା ଟି-୨୦

## ୬ଷ୍ଠ ପରାଜୟ ସହ ଓଡ଼ିଶା ବିଦା

କଟକ,୧୯।୧୦(ସମିସ): ବରିଷ୍ଠ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ୬ଟି ଲିଗ୍ ମ୍ୟାଚ୍‌ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦା ହୋଇଛି। ୭ଟି ଲିଗରୁ ମାତ୍ର ଗୋଟିଏ ମ୍ୟାଚ୍ ଜିତି ୪ ପଏଣ୍ଟ ପାଇଥିବା ଓଡ଼ିଶା ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପସିଂହ ଷ୍ଟାଡିୟରେ ରବିବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଦଳ ୯ ୱିକେଟରେ ହରିୟାଣାଠାରୁ ହାରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଓଡ଼ିଶା ପାଇଁ ଦୁଇ ଓପନର୍ ତନ୍ମୟୀ ବେହେରା ୫୧ ଓ ମାଧୁରୀ ମେହେତା ୨୨ ରନ କରିଥିଲେ। ବ୍ୟାଟିଂ କରିଥିବା ଅନ୍ୟ ୮ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ହରିୟାଣାର ଅମନଦୀପ କୌର ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ହରିୟାଣା ଦ୍ୱିତୀୟ ଓଭରରେ ରୀମା ସିସୋଦିଆ (୧ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଅଧିନାୟିକା ତଥା ଅନ୍ତର୍ଜାତୀୟ କ୍ରିକେଟର ଶେଫାଳି ବର୍ମାଙ୍କ ଦ୍ରୁତ ପାଳି ବଳରେ ହରିୟାଣା ୯.୨ ଓଭରରେ ଗୋଟିଏ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶେଫାଳି ୨୪ବଲରୁ ୫୫ରନର ଅପରାଜିତ ପାଳି ଖେଳିଥିଲେ।

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ୩୦୦ତମ ମ୍ୟାଚ୍‌ରେ ନାଇଟ୍‌ଙ୍କ ଶତକ




ଇନ୍ଦୋର, ୧୯ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଭାରତ ଓ ଇଂଲଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ହୋଲ୍‌କର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ହିଥର ନାଇଟ୍‌ଙ୍କ ଶତକ ସହାୟତାରେ ୮ ୱିକେଟ୍‌ରେ ୨୮୮ ରନର ଚ୍ୟାଲେଞ୍ଜିଂ ସ୍କୋର କରିଛି। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ଦଳ ଶେଷ ଖବର ସୁଦ୍ଧା ୨୦ ଓଭରରେ ୨ ୱିକେଟ୍ ହରାଇ ୧୦୪ ରନ ସଂଗ୍ରହ କରିଛି। ଓପନର୍ ପ୍ରତୀକା ରାୱଲ ୬ ଓ ହର୍ଲିନ ଦେଓଲ ୨୪ ରନ କରି ଆଉଟ୍ ହୋଇଛନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୩୫ ଓ ସ୍ମୃତି ମନ୍ଧାନା ୩୬ ରନ କରି ଖେଳୁଛନ୍ତି। ଭାରତ ବର୍ତ୍ତମାନ ସୁଦ୍ଧା ୪ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୪ ମ୍ୟାଚରୁ ହ୍ୟାଟ୍ରିକ ବିଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନ ହାସଲ କରିଛି। ଏହି ମ୍ୟାଚ୍ ଜିତିଲେ ଇଂଲଣ୍ଡ ତୃତୀୟ ଦଳ ଭାବେ ସେମିରେ ସ୍ଥାନ ପକ୍କା କରିବ। ପୂର୍ବରୁ ପଏଣ୍ଟ ଟେବଲ୍‌ର ପ୍ରଥମ ଦୁଇ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ। (୯) ଓ ଦକ୍ଷିଣ ଆଫ୍ରିକା (୮) ସେମିଫାଇନାଲକୁ ଯୋଗ୍ୟତା ହାସଲ କରିସାରିଛନ୍ତି।

ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚରେ ଟସ୍ ଜିତି ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଯୋଡ଼ିରେ ଟାମି ବିଉମଣ୍ଟ ଓ ଆମୀ ଜୋନ୍ସ ୭୩ ରନର ଭାଗୀଦାରି ଗଢ଼ି ଭଲ ଆରମ୍ଭ ଦେଇଥିଲେ। ପ୍ରଥମେ ବିଉମଣ୍ଟ ୨୨ ଓ ଆମୀ ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଏହାପରେ କିନ୍ତୁ ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ହିଥର ନାଇଟ୍ ଗୋଟିଏ ପାଖର୍ଶରେ ଦୃଢ଼ତାର ସହ ଖେଳି ଶତକ ହାସଲ କରିଥିଲେ। ଫଳରେ ଇଂଲଣ୍ଡ ୫୦ ଓଭରରେ ୮ ୱିକେଟରେ ୨୮୮ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ନାଇଟ୍ ୧୫ ଚୌକା ଓ ଗୋଟିଏ ଛକା ବଳରେ ସେ ୯୧ ବଲରୁ ୧୦୯ ରନ ସଂଗ୍ରହ କରିଥିଲେ। ଦିନିକିଆରେ ଏହା ତାଙ୍କର ୩ୟ ଶତକ ଥିଲା। ଏହା ନାଇଟ୍‌ଙ୍କ ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିବାରୁ ଶତକ ହାସଲ କରି ସେ ଏହାକୁ ଆହୁରି ସ୍ମରଣୀୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ୩୮, ସୋଫି ଡଙ୍କଲୀ ୧୫, ଚାର୍ଲି ଡିନ ଅପରାଜିତ ୧୯ ରନ କରିଥିଲେ। ଏକଦା ୨ ୱିକେଟ୍‌ରେ ୨୧୧ ରନ କରି ଭଲସ୍ଥିତିରେ ରହିଥିବା ଇଂଲଣ୍ଡ ଦୀପ୍ତି ଶର୍ମାଙ୍କ ବୋଲିଂକୁ ସାମ୍ନା କରି ନ ପାରି ଶେଷ ୧୧.୧ ଓଭରରେ ୬ ୱିକେଟ ହରାଇ ୭୭ ରନ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ସର୍ବାଧିକ ୪ ଓ ଶ୍ରୀଚରଣି ୨ଟି ୱିକେଟ୍ ନେଇଥିଲେ।

## ଯାଜପୁର ଜୋନ୍‌ରେ କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଘାଟିତ



କଟକ,୧୯।୧୦(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ(କେଭିଏଲ) ଆଜି ଯାଜପୁର ଜୋନ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଜୋନ୍‌ରେ ମୋଟ୍ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ବିଦ୍ୟାମନ୍ଦିର ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହୋଇଥିଲା। ତେବେ ହୋମ୍ ଆଣ୍ଡ ଆୱେ ଫର୍ମାଟରେ ହେଉଥିବା ଏହି ଲିଗରେ ପ୍ରତ୍ୟେକ ଦଳ ନିଜ ଗ୍ରାଉଣ୍ଡରେ ଏବଂ ଅନ୍ୟ ଦଳର ଗ୍ରାଉଣ୍ଡରେ ମ୍ୟାଚ୍ ଖେଳିବେ। ସର୍ବାଧିକ ପଏଣ୍ଟ ହାସଲକାରୀ ଦଳ ଜୋନ୍ ଚାମ୍ପିଅନ ଘୋଷିତ ହେବା ସହ ସୁପରଲିଗ୍‌ରେ ପ୍ରବେଶ କରିବ। କଳିଙ୍ଗ ଭଲିବଲ ବିକାଶ ପରିଷଦ(କେଭିଡିସି) ପକ୍ଷରୁ ଆୟୋଜିତ ଏହି ଲିଗ୍ ଅନ୍ୟ ଜୋନ୍ ଗୁଡିକରେ ଖୁବଶୀଘ୍ର ଆରମ୍ଭ ହେବ। କେଭିଡିସି ସଭାପତି ଡଃ ଅଭିଳାଷ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ କୁମାର ଦାସ, ଢେଙ୍କାନାଳ ଜିଲ୍ଲା ସଭାପତି ଧର୍ମାନନ୍ଦ ସେନାପତି, ପ୍ରୟାସ ଗ୍ରୁପର ଦିବ୍ୟବ୍ରତ ପଣ୍ଡା, ରାଜେଶ କୁମାର ଦାସ, ଅଭୟ କୁମାର ରଥ, କେଭିଡିସି ନିର୍ଦ୍ଦେଶିକା ଦୀୟା ମଜୁମଦାର, ସାହିଲ ଦ୍ୱିବେଦୀଙ୍କ ସମେତ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମହମ୍ମଦ ହିଫଜୁର ରେହମାନ, ମହମ୍ମଦ ଓବେଦୁର ରେହମାନ, ମହମ୍ମଦ ମୋହିବୁର ରେହମାନ ପ୍ରମୁଖ ଉପସ୍ଥିତ ଥିଲେ।

## ନିଙ୍ଗବୋ ଟାଇଟଲ୍ ଜିତିଲେ ରିବାକିନା

ନିଙ୍ଗବୋ, ୧୯ ।୧୦ (ଏଜେନ୍ସି): ଚାଇନାରେ ଅନୁଷ୍ଠିତ ଡବ୍ଲ୍ୟୁଟିଏ-୫୦୦ ଟେନିସ ଟୁର୍ଣ୍ଣାମେଣ୍ଟ ନିଙ୍ଗବୋ ଓପନ୍‌ରେ ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ କାଜାଖସ୍ତାନ ତାରକା ଏଲିନା ୩-୬, ୬-୦, ୬-୨ ସେଟ୍‌ରେ ୪ର୍ଥ ସିଡ୍ ରୁଷିଆର ଏକତେରିନାଙ୍କୁ ହରାଇଥିଲେ।

## ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ଫୁଟବଲ୍ ୨୫ରୁ




ଭୁବନେଶ୍ୱର,୧୯।୧୦ (ସମିସ): ରାଜ୍ୟର ବିଶିଷ୍ଟ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦକିଶୋର ପଟ୍ଟନାୟକଙ୍କ ସ୍ମୃତିରେ ତୃତୀୟ ରାଜ୍ୟସ୍ତରୀୟ ମହିଳା ଫୁଟବଲ ପ୍ରତିଯୋଗିତା ଚଳିତମାସ ୨୫ରୁ ୩୧ ତାରିଖଯାଏ ଖେଳାଯିବ। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍, ସ୍ପୋର୍ଟ୍ସ ଓଡ଼ିଶା, କଟକ ଜିଲ୍ଲା କ୍ରୀଡ଼ା ସଂସଦ, ତାରିଣୀ ଫୁଟବଲ ଏକାଡେମୀ, ନିତା ଆମ୍ବାନି ଫୁଟବଲ ଏକାଡେମୀ, କୁଆଁରମୁଣ୍ଡା ଯୁବ ସଂଗଠନ ଓ ବାଲେଶ୍ୱରର ମହିଳା ଫୁଟବଲ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୧,୦୦୦ ଟଙ୍କା ସହ ଅନ୍ୟ ଶ୍ରେଷ୍ଠ ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ସିଟି କ୍ଲବ୍‌ର ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ଓ ସହ ସମ୍ପାଦକ ବନୋଜ କୁମାର ପ୍ରଧାନ ଜଣାଇଛନ୍ତି। ଏହି ଅବସରରେ କଳିଙ୍ଗ ଷ୍ଟାଡିୟମ୍‌ରେ ରବିବାର ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଲୋଗୋ ଉନ୍ମୋଚିତ କରାଯାଇଛି। ଏଥିଲାଗି ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅତିଥିଭାବେ ଯୋଗ ଦେଇ ଲୋଗୋ ଓ ଟ୍ରଫି ଉନ୍ମୋଚନ କରିଥିଲେ। ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବାବୁ ସିଂହ, ଓଡ଼ିଶା ଅଲିମ୍ପିକ୍ ସଭାପତି ସମୀର ମହାନ୍ତିଙ୍କ ଅନେକ ସଂଗଠକ, କୋଚ୍, ଖେଳାଳି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ଉଦ୍‌ଯାପିତ

## ଓମ୍‌ସ୍ୱରୂପ, ହର୍ଷିତ ରଞ୍ଜନ ଚାମ୍ପିଅନ

ଭୁବନେଶ୍ୱର,୧୯।୧୦(ସମିସ)




କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍କୁଲ ଜୁନିଅର ବିଭାଗରେ ଖୋର୍ଦ୍ଧାରି ଓମସ୍ୱରୂପ ପତି ଓ କଟକର ଶ୍ରଦ୍ଧାସ୍ମରଣିକା ନନ୍ଦ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଥିଲେ।

ଖୋର୍ଦ୍ଧାର ସାୟାଂଶ ଦାସ, ସୁନ୍ଦରଗଡ଼ରୁ ଶୁଭାଶିଷ ବାରିକ, ଖୋର୍ଦ୍ଧାର ଦିବ୍ୟାଂଶୁ କୁମାର ପଶାୟତ, କଟକର ନିରେକ ପରିଡ଼ା, ଖୋର୍ଦ୍ଧାର ଦୁଇ ଖେଳାଳି ଦେବରାଜ ସେନାପତି ଓ ପ୍ରୀତୀକା ପରିଡ଼ା, ବରଗଡ଼ର ନୟନିକା ସାହୁ ଓ କଟକର ଆଦିତ୍ୟ ଦାସ ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଥିଲେ। କଟକ ଜିଲ୍ଲା ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିଅନ ଓ ନୀଲସୁ ପଟ୍ଟନାୟକ ରନର୍ସ ଅପ୍ ହୋଇଥିଲେ। ୪୬ ବର୍ଷୀୟ ରବୀନ୍ଦ୍ର ଓଝା ତୃତୀୟ, ୬୮ ବର୍ଷୀୟ ନାରାୟଣ ସ୍ୱାଇଁ ଚତୁର୍ଥ ଓ ୯ ବର୍ଷୀୟ ଆଦ୍‌ଭିକ୍ ଆଦିତ୍ୟ ସ୍ୱାଇଁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ଖେଳ ଶେଷରେ କଳିଙ୍ଗ ଇନଷ୍ଟିଚ୍ୟୁଟ ଡେଣ୍ଟାଲ ସାଇନ୍ସର ଅର୍ଥୋ ଡେଣ୍ଟିଷ୍ଟ ଡାକ୍ତର ନିବେଦିତା ସାହୁ ମୁଖ୍ୟ ଅତିଥି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କଟକ ଜିଲ୍ଲା ଚେସ ସଂଘ ସଭାପତି ବିବେକ ତିବରୱାଲ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଦୁଇଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS